RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


SAMBALPUR

◆VOLUME- 44 ◆ISSUE-34 ◆TUESDAY ◆28 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୪ ◆ମଙ୍ଗଳବାର ◆୨୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ସରିଲା ଶ୍ରୀଗୁଣ୍ଡିଚା ଯାତ୍ରା

## ରତ୍ନବେଦୀରେ ମହାବାହୁ



■ ପୁରୀ, ୨୭।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୯ ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ମଙ୍ଗଳବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହୋଇଉଠିବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

**ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ**

**ଆଜିଠୁ ମିଳିବ ନୀଳାଚଳ ଅବଢ଼ା, ଶ୍ରୀମନ୍ଦିରରେ ଲାଗିବ ଗହଳଚହଳ**

ଜୁଲାଇ ୧୬ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ ଦାରୁବିଗ୍ରହ। ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ଏବେ ରତ୍ନସିଂହାସନକୁ ବିଜେ କରିଛନ୍ତି ମହାପ୍ରଭୁ। ସୋମବାର ନୀଳାଦ୍ରି ବିଜେ ପାଇଁ ସକାଳ ୮ଟା ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅବକାଶ, ଗୋପାଳ ବଲ୍ଲଭ ଓ ସକାଳଧୂପ ପୂର୍ବାହ୍ନ ୧୧ଟା ୪୫ରେ ବଢ଼ିଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ନୀତି ଚାଲିଥିଲା। ଅପରାହ୍ଣ ୨ଟା ୩୦ସୁଦ୍ଧା ମଧ୍ୟାହ୍ନ ଧୂପ ସରିଥିଲା। ନୀତି ତ୍ୱରାନ୍ୱିତ କରାଯାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟା ଧୂପ ନୀତି ଅପରାହ୍ଣ ୫ଟା ୧୦ରେ ସରିଥିଲା। ଅପରାହ୍ଣ ୩ଟାରୁ ୩ଟା ୧୫ରେ ସନ୍ଧ୍ୟା ଆଳତି ▶ପୃଷ୍ଠା-୭

ନିଟ୍ ବିଭ୍ରାଟ, ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ

## ଷଷ୍ଠ ଦିନରେ ବି ସଂସଦ ଅଚଳ

■ ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ

**ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ, ଆଜି ହୋଇପାରେ ଆଲୋଚନା**

ମାଡ଼ କରିବା ଲାଗି କିଏ ଅନୁମତି ଦେଇଥିଲା? ବିରୋଧୀ ଦଳ ଆଜି ସଂସଦର ଉଭୟ ଗୃହରେ ଏହି ପ୍ରଶ୍ନ ଉଠାଇବା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଉତ୍ତର ଦାବି କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା ହୋଇପାରି ନାହିଁ।




ଫଳରେ ଚଳିତ ମୌସୁମୀ ଅଧିବେଶନରେ କ୍ରମାଗତ ଷଷ୍ଠ ଦିନ ଧରି ସଂସଦ ଅଚଳ ରହିଛି। ତେବେ ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା ପାଇଁ ସମସ୍ତ ଦଳ ରାଜି ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରବଳ ହଟ୍ଟଗୋଳ କରିଥିଲେ। ରାଜ୍ୟସଭାରେ ହଟ୍ଟଗୋଳ ଚାଲିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ବିରୋଧୀ ଦଳ ଆଲୋଚନା କରିବାକୁ ଚାହୁ ନାହାନ୍ତି। ଏହି ସମୟରେ କଂଗ୍ରେସ ନେତା ମଲ୍ଲିର୍କାର୍ଜୁନ ଖଡ଼ଗେ କହିଥିଲେ ଯେ ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କାହିଁକି ବିବୃତି ଦେଉ ନାହାନ୍ତି। ତାଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳ ହଙ୍ଗାମା କରିବାକୁ ଗୃହକୁ ମୁଲତବୀ ▶ପୃଷ୍ଠା-୭

## କେବଳ ଆନ୍ଦୋଳନ ପାଇଁ ଲାଠିମାଡ଼ କରାଯାଇପାରିବନି

■ ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଦେଶସାରା ଚାଲିଥିବା ଛାତ୍ରଆନ୍ଦୋଳନ ସମୟରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ଓ ଲାଠିଚାଳନାକୁ ନେଇ ସୁପ୍ରିମ କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ କେବଳ ଆନ୍ଦୋଳନ କିମ୍ବା ପ୍ରତିବାଦ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ। ପ୍ରଧାନ ବିଚାରପତି



ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଦେଶର ବିଭିନ୍ନ ଭାଗରେ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଆଗତ ଆବେଦନଗୁଡ଼ିକର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି। ନୂଆଦିଲ୍ଲୀର ଯନ୍ତର ମନ୍ତରରେ ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ହୋଇଥିବା ପ୍ରତିବାଦ ଏବଂ ବିହାରର ସିୱାନରେ ଏକେ-୪୭ ରାଇଫଲ ବ୍ୟବହାର ଭଳି ଅଭିଯୋଗକୁ ନେଇ କୋର୍ଟରେ ନୂଆ ପିଟିସନ ଦାଖଲ କରାଯାଇଥିଲା। ଶୁଣାଣି ସମୟରେ ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ ହେବା ▶ପୃଷ୍ଠା-୭

ନିଟ୍ ପରେ ଏବେ ବହି ତ୍ରୁଟି

## ଦାନା ବାନ୍ଧିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟର ସରକାରୀ ସ୍କୁଲ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ଧରାପଡ଼ିବା ଘଟଣାକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସିଧାସଳଖ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ନିଶାଣ କରିଛନ୍ତି। ଛାତ୍ର ଓ ଯୁବବିଜେଡି ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରୁଛି, ଅନୁରୂପ ଭାବରେ କଂଗ୍ରେସ ମଧ୍ୟ ପଢ଼ାବହିରେ ତ୍ରୁଟିକୁ ନେଇ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛି। ନିଟ୍ ବିଭ୍ରାଟ

**ଓଡ଼ିଶାରେ ୫-୫ଟି ପାଠ୍ୟ ପୁସ୍ତକରେ ଚିହ୍ନଟ ହୋଇଛି ତ୍ରୁଟି: କେନ୍ଦ୍ର ସରକାର**

ଓ କକ୍ରୋଚ୍ ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ଏବେ ଓଡ଼ିଶାରେ ପାଠ୍ୟପୁସ୍ତକ ବିଭ୍ରାଟ ପ୍ରସଙ୍ଗରେ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ପଦ ଛାଡ଼ିବାକୁ ବିରୋଧୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଆ ବହିରେ ଏହି ତ୍ରୁଟିକୁ ପ୍ରସଙ୍ଗ ଏବେ କେବଳ ରାଜ୍ୟମଧ୍ୟରେ ସୀମିତ ନାହିଁ। ପୂର୍ବରୁ ଜାତୀୟ ଗଣମାଧ୍ୟମରେ ଏହି ପ୍ରସଙ୍ଗରେ ଓଡ଼ିଶା ନିନ୍ଦିତ ହୋଇଥିବାବେଳେ ଆଜି ସଂସଦରେ ମଧ୍ୟ ଓଡ଼ିଶାରେ ପଢ଼ା ବହିରେ ତ୍ରୁଟି ପ୍ରସଙ୍ଗ ଉତ୍ଥାପିତ ହୋଇଛି।

ଲୋକସଭାରେ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏ ସଂକ୍ରାନ୍ତରେ ପ୍ରକାଶ କରିଥିବା ଉଦ୍‌ବେଗକୁ ଲକ୍ଷ୍ୟ କରି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ଏନ୍‌ସିଇଆରଟି ଢାଞ୍ଚାରେ ପ୍ରସ୍ତୁତ ୫-୫ଟି ପାଠ୍ୟପୁସ୍ତକ ମଧ୍ୟରେ ତ୍ରୁଟି ଚିହ୍ନଟ ହେବା ପରେ ଏସ୍‌ସିଇଆରଟି ପକ୍ଷରୁ କରିଜେଣ୍ଡମ୍ ▶ପୃଷ୍ଠା-୭

## ବିଶ୍ୱାସ ଭାଙ୍ଗିଛି ଶିକ୍ଷା ବିଭାଗ: ନବୀନ

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ସ୍କୁଲ ପାଠ୍ୟପୁସ୍ତକରେ ୧୭୬୭ ମୁଦ୍ରଣ ଜନିତ ତ୍ରୁଟି ନେଇ ବିଜେଡି ପକ୍ଷରୁ ଲଗାତାର ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇ ଆସୁଛି। ଏହିକ୍ରମରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରିବା



**ତୁରନ୍ତ ଇସ୍ତଫା ଦିଅନ୍ତୁ ଗଣଶିକ୍ଷାମନ୍ତ୍ରୀ**

ଉଚିତ୍ ବୋଲି ଟିପ୍ପଣୀ ଦେବା ପରେ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫାକୁ ନେଇ ଦାବି ତୀବ୍ରତର ହୋଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, ଶିକ୍ଷା ବ୍ୟବସ୍ଥା ପ୍ରତି ବିଶ୍ୱାସ ଭାଙ୍ଗି ଦେଇଛି। ତେଣୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେଇଦେବା ଉଚିତ। ▶ପୃଷ୍ଠା-୭

## ସିଜେପିର ପୁଣି ଆନ୍ଦୋଳନ ଧମକ

**କେନ୍ଦ୍ରକୁ ୨୪ ଘଣ୍ଟାର ମହଲତ**

**ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ଆସାମ, ପଶ୍ଚିମବଙ୍ଗରେ ଦମନଲୀଳା ଜାରି**

■ ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ହୋଇଥିବା ଆନ୍ଦୋଳନରେ ସାମିଲ କୌଣସି ଆନ୍ଦୋଳନକାରୀ କିମ୍ବା ସଂଗଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ସମ୍ମାନ ଜଣାଉ ନାହାନ୍ତି ବୋଲି

**ଧମକ ପରେ ନରମିଲେ ବିହାର ସରକାର**

ଅଭିଯୋଗ କରିଛି କକ୍ରୋଚ୍ ଜନତା ପାର୍ଟି(ସିଜେପି)। କେନ୍ଦ୍ରର ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ପଶ୍ଚିମ ବଙ୍ଗ ଏବଂ ଆସାମ ସମେତ ଅନେକ ବିଜେପି ଶାସିତ ରାଜ୍ୟରେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଶହଶହ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଉଛି ଏବଂ ସେମାନଙ୍କ ବିରୋଧରେ କଠୋର ଦଫା ମଧ୍ୟ ଲଗାଯାଉଛି। ଦିଲ୍ଲୀରେ ମଧ୍ୟ ଆନ୍ଦୋଳନକାରୀଙ୍କୁ ହଇରାଣ କରାଯାଉଛି। ଏହାକୁ ନେଇ କକ୍ରୋଚ୍ ଜନତା ପାର୍ଟି ବିରକ୍ତି ▶ପୃଷ୍ଠା-୭








## ପରଲୋକରେ ସୁଶାନ୍ତ ସିଂହ

■ ଭୁବନେଶ୍ୱର, ୨୭।୭ (ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କର ରବିବାର ରାତିରେ ପରଲୋକ ଘଟିଛି। କିଛିଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ସକାଳୁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଶଙ୍ଖ ଭବନରେ ତାଙ୍କ ପାର୍ଥିବ ଶରୀରକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁଶାନ୍ତ ସିଂହଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୁଶାନ୍ତଙ୍କ ପରଲୋକ ▶ପୃଷ୍ଠା-୭


**ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି: ନବୀନ**

ଗଭୀର ଅବପାତ

## ଆଜି ୧୬ ଜିଲ୍ଲାରେ ଛେଚିବ

■ ଭୁବନେଶ୍ୱର, ୨୭।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଅବପାତ ସୋମବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଗଭୀର ଅବପାତଟି ଘଣ୍ଟାପ୍ରତି ୩ କିଲୋମିଟର ବେଗରେ ଧୀରେ ଧୀରେ ଉତ୍ତର ଦିଗ ଆଡ଼କୁ ହୋଇଛି। ଏହାର ପ୍ରଭାବରେ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରିଛି ପାଣିପାଗ କେନ୍ଦ୍ର।

ସୂଚନା ଅନୁଯାୟୀ ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା



ସହିତ ଏହି ଜିଲ୍ଲାଗୁଡ଼ିକରେ ବିଜୁଳି, ଘଡଘଡି ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଆଶଙ୍କାରେ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାମାନଙ୍କରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡଘଡିର ଆଶଙ୍କା ରହିଥିବା କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୨୯ ତାରିଖ ସକାଳୁ ବର୍ଷାର ପରିମାଣ ଧୀରେ ଧୀରେ କମିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ୪ଟି ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ୧୪ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ▶ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି ତଦନ୍ତର ତଦାରଖ କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୭: ରାମ ମନ୍ଦିର ଚାନ୍ଦା ଚୋରି ଘଟଣାର ତଦନ୍ତ ଲାଗି ଉତ୍ତର ପ୍ରଦେଶ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସଆଇଟି)ର ପୁନର୍ଗଠନ କରିଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍ ଗଠନ



କରାଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ କିରଣ ଏସ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟିମରେ ଆଉ ଦୁଇ ଜଣ ଆଇପିଏସ୍ ଅଧିକାରୀଙ୍କୁ ସଭ୍ୟ ଭାବେ ସାମିଲ କରାଯାଇଛି। ତେବେ ଏହି ଟମିରେ ସ୍ୱତନ୍ତ୍ର ଭାବେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଙ୍କୁ ନିଯୁକ୍ତ କରିବା ଲାଗି ଆଜି ଶୁଣାଣି ବେଳେ କୋର୍ଟ ପରାମର୍ଶ ଦେଇଛନ୍ତି। କମିଟି ତଦନ୍ତ କରି ଦୁଇ ସପ୍ତାହ ଭିତରେ ଷ୍ଟାଟସ ରିପୋର୍ଟ ଦାଖଲ କରିବା ଲାଗି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ଏହି ତଦନ୍ତର ତଦାରଖ କରିବେ। ଷ୍ଟାଟସ ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଭାରତୀୟ ନାବିକଙ୍କ ଜାହାଜ ଉପରେ ଆକ୍ରମଣ: ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ସମନ

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ୟୁକ୍ରେନର ଓଡେସା ବନ୍ଦର ନିକଟରେ ଚାରିଜଣ ଭାରତୀୟ ନାବିକ ଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଘଟଣା ପରେ ବିଦେଶ ମନ୍ତ୍ରଣାଳୟ ୟୁକ୍ରେନର ରାଷ୍ଟ୍ରଦୂତଙ୍କୁ ତଲବ କରିଛି। କୃଷ୍ଣସାଗର ଅଞ୍ଚଳରେ ବଢୁଥିବା ସୁରକ୍ଷା ସଙ୍କଟ ମଧ୍ୟରେ ଓଡେସା ବନ୍ଦର ନିକଟରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଥିଲା। ଜାହାଜରେ ଥିବା ଚାରିଜଣ ଭାରତୀୟଙ୍କ ମଧ୍ୟରୁ ଦୁଇଜଣ ସୁରକ୍ଷିତ ଥିବାବେଳେ ଅନ୍ୟ ଦୁଇଜଣଙ୍କ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଉଛି। ଏହା ପୂର୍ବରୁ ଏହି ମାସରେ ଘଟିଥିବା ଆଉ ଏକ ଆକ୍ରମଣରେ ଚାରିଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା ଏବଂ ଜଣେ ଗୁରୁତର ଆହତ ହୋଇଥିଲେ। ଏହି ପ୍ରସଙ୍ଗରେ ୟୁକ୍ରେନର ବିଦେଶମନ୍ତ୍ରୀ ଭାରତର ବିଦେଶମନ୍ତ୍ରୀଙ୍କୁ ଶୋକବାର୍ତ୍ତା ପଠାଇବା ସହ ନିହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। କୃଷ୍ଣସାଗର ଅଞ୍ଚଳର ବିଗଡୁଥିବା ସୁରକ୍ଷା ପରିସ୍ଥିତିକୁ ନେଇ ଉଭୟ ଦେଶର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୀଘ୍ର ଆଲୋଚନା ହେବାର ସମ୍ଭାବନା ରହିଛି। ବିଦେଶରେ ଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ଭାରତ ସର୍ବାଧିକ ପ୍ରାଥମିକତା ଦେଉଥିବା କଥା ପୁଣିଥରେ ସ୍ପଷ୍ଟ ହୋଇଛି।

## ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ରାଜକୋଟ, ୨୭।୭(ଏଜେନ୍ସି): ଦୁବାଇରୁ ମୁମ୍ବାଇ ଆସୁଥିବା ଇଣ୍ଡିଗୋର ଏକ ଯାତ୍ରୀବାହୀ ବିମାନରେ ହଠାତ୍ ଧୂଆଁ ଦେଖାଯିବା ପରେ ସୋମବାର ରାଜକୋଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ



(ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି। ଉଡ଼ାଣ ସମୟରେ ବିମାନର ପାଇଲଟ୍ ଧୂଆଁ ଦେଖିବାକୁ ପାଇଥିଲେ ଏବଂ ତୁରନ୍ତ ରାଜକୋଟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ସମ୍ପର୍କ କରି ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ। ସୂଚନା ପାଇବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ବିମାନବନ୍ଦରରେ ପୁଲିସ, ନିଆଁଲିଭା ବାହିନୀ ଏବଂ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଥିଲା। ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ କୌଣସି କ୍ଷତି ନପହଞ୍ଚାଇ ନିରାପଦରେ ବାହାରକୁ ବାହାର କରାଯାଇଛି। ରାଜକୋଟ ପୁଲିସ କମିଶନରଙ୍କ ସୂଚନା ଅନୁସାରେ, ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଭୟଭୀତ ହେବାର କୌଣସି କାରଣ ନାହିଁ। ଗତ କିଛି ମାସ ମଧ୍ୟରେ ଇଣ୍ଡିଗୋ ବିମାନରେ ଏହା ଦ୍ୱିତୀୟ ଜରୁରୀକାଳୀନ ଘଟଣା। ଏହାପୂର୍ବରୁ ମେ' ମାସରେ ହାଇଦ୍ରାବାଦରୁ ଚଣ୍ଡୀଗଡ଼ ଯାଉଥିବା ଏକ ବିମାନରେ ଯାତ୍ରୀଙ୍କ ପାୱାର ବ୍ୟାଙ୍କ ଫାଟିଯିବାରୁ ଧୂଆଁ ବ୍ୟାପିଯାଇଥିଲା ଏବଂ ଜରୁରୀକାଳୀନ ସ୍ଥିତିରେ ଯାତ୍ରୀଙ୍କୁ ଓହ୍ଲାଯାଇଥିଲା।

## ନିଟ୍ ପରୀକ୍ଷାରେ ବିଫଳ ଛାତ୍ରୀଙ୍କ ଆତ୍ମହତ୍ୟା

ଅହଲ୍ୟାନଗର, ୨୭।୭(ଏଜେନ୍ସି): ମହାରାଷ୍ଟ୍ରର ଅହଲ୍ୟାନଗର ଜିଲ୍ଲାର ଜଣେ ୧୯ ବର୍ଷୀୟା ନିଟ୍ ପରୀକ୍ଷାର୍ଥୀ ପୁନଃପରୀକ୍ଷାରେ ଆଶାନୁରୂପ ଫଳ ନ ପାଇ ମାନସିକ ଅବସାଦରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ସୂଚନା ଅନୁଯାୟୀ, ଛାତ୍ରୀଙ୍କ ସ୍ୱପ୍ନ ଥିଲା ଡାକ୍ତର ହେବା। ପ୍ରଥମ ପରୀକ୍ଷାରେ ଭଲ ନମ୍ବର ପାଇଥିଲେ ମଧ୍ୟ ପୁନଃପରୀକ୍ଷାରେ ସେ କେବଳ ୧୬୬ ନମ୍ବର ପାଇଥିଲେ ଏବଂ ଯୋଗ୍ୟତା ନମ୍ବରଠାରୁ ଏଗାର ନମ୍ବର କମ୍ ରହିଯାଇଥିଲେ। ଏହା ପରେ ସେ ଗଭୀର ମାନସିକ ଚାପରେ ଥିଲେ। ଘଟଣାସ୍ଥଳରୁ ଏକ ଚିଠି ମିଳିଥିବାବେଳେ ସେଥିରେ ପରିବାରକୁ ନିଜ ମୃତ୍ୟୁ ପାଇଁ ଦାୟୀ ନ କରିବାକୁ ଅନୁରୋଧ କରିଥିବା ସହ ନିଜ ସ୍ୱପ୍ନ ପୂରଣ କରିପାରିନଥିବାର ଦୁଃଖ ପ୍ରକାଶ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପୁଣିଥରେ ପ୍ରତିଯୋଗିତାମୂଳକ ପରୀକ୍ଷାକୁ କେନ୍ଦ୍ର କରି ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଏବଂ ସେମାନଙ୍କୁ ସମୟୋପଯୋଗୀ ମାନସିକ ସହାୟତାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି।

## ହସ୍ପିଟାଲରୁ ବାହାରିଲେ ୱାଙ୍ଗଚୁକ୍

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଆମରଣ ଅନଶନରେ ବସିଥିବା ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ସୁସ୍ଥ ହୋଇ ଗୁରୁଗ୍ରାମର ମେଦାନ୍ତା ଡାକ୍ତରଖାନାରୁ ଫେରିଛନ୍ତି। ହସ୍ପିଟାଲରୁ



ଡିସଚାର୍ଜ ହେବା ପରେ ସେ ପ୍ରଥମେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଏବଂ ଏହାପରେ ନିଜ ନିବାସ ଲଦାଖକୁ ଫେରିଯିବେ ବୋଲି ଜଣାଇଛନ୍ତି। ଗତ ଜୁନ୍ ୨୮ ତାରିଖରୁ ଯନ୍ତର ମନ୍ତରଠାରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ସହ ମିଶି ଅନଶନ ଆରମ୍ଭ କରିଥିବା ୫୯ ବର୍ଷୀୟ ୱାଙ୍ଗଚୁକ୍ ଦୀର୍ଘ ୨୬ ଦିନ ପରେ ଜୁଲାଇ ୨୩ ତାରିଖରେ ନିଜର ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ସରକାର ଆନ୍ଦୋଳନକାରୀ ଛାତ୍ରମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ପ୍ରାଣ ହରାଇଥିବା ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଅଶ୍ୱାସନା ଦେବା ପରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ। ୱାଙ୍ଗଚୁକ୍ ଏହି ଇସ୍ତଫାକୁ 'ଶାନ୍ତି, ଧୈର୍ଯ୍ୟ ଓ ନିଷ୍ଠାର ବିଜୟ' ବୋଲି ଆଖ୍ୟା ଦେଇଛନ୍ତି। ସେ ଦେଶବ୍ୟାପୀ ସମର୍ଥନ ଦେଇଥିବା ସମସ୍ତ ନାଗରିକ ଏବଂ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

## ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ପାଲଟୁଛି ଭାରତ

### ବିଦେଶୀ ରୋଗୀ ସଂଖ୍ୟା ସାଢ଼େ ୪ ଗୁଣା ବୃଦ୍ଧି



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ସୁଲଭ, ଉନ୍ନତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗୁଁ ଭାରତ ବିଶ୍ୱର ଏକ ପ୍ରମୁଖ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେଉଛି। ଗତ ୧୬ ବର୍ଷରେ ବିଦେଶୀ ରୋଗୀଙ୍କ ସଂଖ୍ୟା ପ୍ରାୟ ସାଢେ ୪ ଗୁଣା ବୃଦ୍ଧି ପାଇଥିବାବେଳେ ଆସନ୍ତା ୫ ବର୍ଷରେ ଏହି କ୍ଷେତ୍ରର ବଜାର ମୂଲ୍ୟ ପ୍ରାୟ ୧.୫୬ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୦୯ରେ ପ୍ରାୟ ୧,୧୨,୦୦୦ ବିଦେଶୀ ରୋଗୀ ଭାରତକୁ ଚିକିତ୍ସା ପାଇଁ ଆସିଥିବାବେଳେ ୨୦୨୫ରେ ଏହି ସଂଖ୍ୟା ୫,୦୭,୦୦୦ରେ ପହଞ୍ଚିଛି। ବାଂଲାଦେଶ, ଇରାକ, ଉଜବେକିସ୍ତାନ, ସୋମାଲିଆ, ଓମାନ ଓ କେନିଆରୁ ସର୍ବାଧିକ ରୋଗୀ ଭାରତକୁ ଆସୁଛନ୍ତି। ଶୀଘ୍ର ବିଶେଷଜ୍ଞ ଚିକିତ୍ସକଙ୍କ ପରାମର୍ଶ, ଦ୍ରୁତ ପରୀକ୍ଷା ରିପୋର୍ଟ, ସ୍ୱଚ୍ଛ ଚିକିତ୍ସା ଖର୍ଚ୍ଚ ଏବଂ ଉନ୍ନତ ଘରୋଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏହି ବୃଦ୍ଧିର ପ୍ରମୁଖ କାରଣ। ଦେଶରେ ପ୍ରାୟ ୬୯,୦୦୦ରୁ ଅଧିକ ହସ୍ପିଟାଲ, ୧୨ ଲକ୍ଷରୁ ଅଧିକ ପଞ୍ଜୀକୃତ ଡାକ୍ତର ଏବଂ ୧,୨୦୦ରୁ ଅଧିକ ସ୍ୱୀକୃତିପ୍ରାପ୍ତ ହସ୍ପିଟାଲ ରହିଛି। ବିଦେଶୀ ରୋଗୀଙ୍କ ସୁବିଧା ପାଇଁ ୧୭୨ଟି ଦେଶର ନାଗରିକଙ୍କୁ ବୈଦ୍ୟୁତିକ ଚିକିତ୍ସା ଭିସା ସହ ଆୟୁର୍ବେଦ, ଯୋଗ, ୟୁନାନୀ ଓ ହୋମିଓପାଥି ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭିସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଉନ୍ନତ ଚିକିତ୍ସା ସେବା, କମ୍ ଖର୍ଚ୍ଚ, ଆଧୁନିକ ଭିତ୍ତିଭୂମି ଏବଂ ସହଜ ଭିସା ବ୍ୟବସ୍ଥା ଯୋଗୁଁ ବିଶ୍ୱ ଚିକିତ୍ସା ପର୍ଯ୍ୟଟନ କ୍ଷେତ୍ରରେ ଭାରତର ସ୍ଥିତି ଆହୁରି ସୁଦୃଢ଼ ହେଉଛି। ଆଗାମୀ ବର୍ଷଗୁଡ଼ିକରେ ଏହି କ୍ଷେତ୍ର ଦେଶର ଅର୍ଥନୀତି ଓ ସ୍ୱାସ୍ଥ୍ୟସେବା ବିକାଶରେ ବଡ଼ ଅବଦାନ ରଖିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଆନ୍ଦୋଳନକାରୀ ଛାତ୍ରଙ୍କୁ ଏକେ-୪୭ରୁ ଗୁଳି



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ବିହାରରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ବିରୋଧରେ ଚାଲିଥିବା ବିକ୍ଷୋଭ ସମୟରେ ଆନ୍ଦୋଳନରତ ଛାତ୍ରମାନଙ୍କ ଉପରକୁ ଏକେ-୪୭ ରାଇଫଲରୁ ଗୁଳି ଚଳାଇଥିବା ପୁଲିସ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ଏହି ଆକ୍ରମଣର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହିତ ଏହି ସମ୍ବେଦନଶୀଳ

### ପୁଲିସ କର୍ମଚାରୀ ନିଲମ୍ବିତ, ସୁପ୍ରିମ୍‌କୋର୍ଟରେ ମାମଲା

ଘଟଣାକୁ ନେଇ ରାଜ୍ୟସଭା ସାଂସଦ ମନୋଜ କୁମାର ଝା ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଛନ୍ତି। ଜୁଲାଇ ୨୫ ତାରିଖରେ ନିଟ୍ ପରୀକ୍ଷା ଅନିୟମିତତା ପ୍ରତିବାଦରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ 'ବିହାର ବନ୍ଦ' ଡାକରା ଦିଆଯାଇଥିଲା। ଏହି ସମୟରେ ଜିଲ୍ଲା ଗୋଇନ୍ଦା ଶାଖାରେ କାର୍ଯ୍ୟରତ କନଷ୍ଟେବଲ ଅଭିଷେକ ପଟେଲ ନୀଳ ରଙ୍ଗର ହେଲମେଟ୍ ଓ ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ଛାତ୍ରଙ୍କ ଆଡ଼କୁ ଦୌଡ଼ି ଯାଇ ଏକେ-୪୭ ରାଇଫଲରୁ ଗୁଳି ଚଳାଉଥିବାର ଭିଡିଓରେ ସ୍ପଷ୍ଟ ଦେଖାଯାଇଛି। ଭିଡିଓରେ ଗୋଟିଏ ଶବ୍ଦ ଶୁଣାଯାଉଥିଲେ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ପ୍ରାୟ ୪ ରୁ ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ସିୱାନ ଜିଲ୍ଲାରେ ଗୁଳିମାଡ଼ ଯୋଗୁଁ ୩ ଜଣ ପ୍ରଦର୍ଶନକାରୀ ଆହତ ହୋଇଥିବା ଖବର ମିଳିଛି। ସେମାନଙ୍କ ମଧ୍ୟରେ ୧୫ ବର୍ଷୀୟ ମହମ୍ମଦ ଆରିଫ୍ ଅଛନ୍ତି, ଯାହାଙ୍କ ବେକରେ ଗୁଳି ବାଜିଥିଲା। ପାଟଣାର ମେଦାନ୍ତ ହସ୍ପିଟାଲରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ଗୁଳି ବାହାର କରାଯାଇଛି ଓ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି। ତେବେ ସିୱାନ ପୁଲିସ ଅଧୀକ୍ଷକ ପୂରଣ କୁମାର ଝା ସମ୍ପୃକ୍ତ କନଷ୍ଟେବଲଙ୍କୁ ନିଲମ୍ବିତ କରିଥିବା ସ୍ୱୀକାର କରିଛନ୍ତି, ମାତ୍ର ଗୁଳିମାଡ଼ରେ କେହି ଆହତ ହୋଇନଥିବା ଦାବି କରିଛନ୍ତି। ସେ କହିଛନ୍ତି ଯେ ପ୍ରଦର୍ଶନ ସମୟରେ ଗୁଳି ନ ଚଳାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା, ତେଣୁ ଏହି ବିଚ୍ୟୁତିର ପୂର୍ଣ୍ଣାଙ୍ଗ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି। ବିହାରର ବିରୋଧୀ ଦଳ ନେତା ଏହି ଘଟଣାର ଭିଡିଓ ପୋଷ୍ଟ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଲୋକସଭା ବିରୋଧୀ ଦଳ ନେତା କହିଛନ୍ତି ଯେ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପେଲେଟ୍ ଗନ୍ ଓ ବିହାରରେ ଏକେ-୪୭ ବ୍ୟବହାର କରାଯିବା ନିନ୍ଦନୀୟ। ରାଜ୍ୟସଭା ସାଂସଦ ସୁପ୍ରିମ୍ କୋର୍ଟରେ ପିଆଇଏଲ୍ ଦାଖଲ କରି ନିରପେକ୍ଷ ତଦନ୍ତ ପାଇଁ ନିବେଦନ କରିଛନ୍ତି। ଶାନ୍ତିପୂର୍ଣ୍ଣ ଅନ୍ଦୋଳନ ସମୟରେ ପୁଲିସ ବଳର ଏପରି ଅତ୍ୟାଧୁନିକ ମାରାତ୍ମକ ଅସ୍ତ୍ର ବ୍ୟବହାର ପ୍ରଶାସନିକ ସୁରକ୍ଷା ନିୟମାବଳୀ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ବିଭାଗ ପକ୍ଷରୁ ଚାଲିଥିବା ବିଭାଗୀୟ ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଛାତ୍ର ଆନ୍ଦୋଳନରେ ଆରଏଏଫ୍ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବ ସିଆରପିଏଫ୍

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଏକ ବୃତ୍ତିଗତ ସମୀକ୍ଷା କରାଯିବ ବୋଲି କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ପ୍ରତାପ ସିଂହ ସୂଚନା ଦେଇଛନ୍ତି। ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କ କହିବା ଅନୁସାରେ, ଆନ୍ଦୋଳନ ଶେଷ ହେବା ଏବଂ ବିକ୍ଷୋଭକାରୀମାନେ ଛତ୍ରଭଙ୍ଗ ଦେବା ପରେ, ପ୍ରତ୍ୟେକ ବଡ଼ ଅପରେସନ୍ ଭଳି ଏହାର ମଧ୍ୟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯିବ। ଏହି ସମୀକ୍ଷା ପରେ ବଳର ମୁଖ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ଏହାକୁ ବିରୋଧ କରିବା ସହ ଗୃହମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ସୋନମ ୱାଙ୍ଗଚୁକ୍‌ଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କ ସମର୍ଥନରେ ଚାଲିଥିବା ଏହି ଆନ୍ଦୋଳନ ସମୟରେ 'ସଂସଦ ଚାଲୋ' ଅଭିଯାନ ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ବିବାଦ ବୃଦ୍ଧି ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ ଏବଂ ପ୍ରହ୍ଲାଦ ଯୋଶୀ ଏହି ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି।

## କକ୍ରୋଚ୍ ଆନ୍ଦୋଳନ ଉପରେ କଙ୍ଗନାଙ୍କ ବିବାଦୀୟ ମନ୍ତବ୍ୟ



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାନାୱତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ହେଉଥିବା ପ୍ରତିବାଦକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବିଶେଷ କରି ସେ କକ୍ରୋଚ୍ ପାର୍ଟି ନେତୃତ୍ୱରେ ଆନ୍ଦୋଳନର କିଛି ଭାଇରାଲ୍ ଭିଡିଓ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। କଙ୍ଗନା ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ପ୍ରତିବାଦର ଭିଡିଓଗୁଡ଼ିକୁ 'ଅସୁନ୍ଦର' ଏବଂ 'ଅଶୋଭନୀୟ' ବୋଲି କହିଛନ୍ତି। ଜୀବନରେ କେବେ ହେଲେ ଗୋଟିଏ ସ୍ଥାନରେ ଏତେ ମାତ୍ରାରେ କଦର୍ଯ୍ୟ ଦୃଶ୍ୟ ସେ ଦେଖିନାହାଁନ୍ତି ବୋଲି କହିବା ସହ ପ୍ରତିବାଦକାରୀଙ୍କ ଭାଷା ଏବଂ ବ୍ୟବହାରକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେ ସିଜେପି ସଦସ୍ୟମାନେ ବାସ୍ତବରେ ଅସରପା ଭଳି ବ୍ୟବହାର କରୁଥିବା ସେ କହିଛନ୍ତି। ଏହି ଭିଡିଓଗୁଡ଼ିକର ଖରାପ ପ୍ରଭାବରେ ସେ 'ଡିଜିଟାଲ୍ ଡିଟକ୍ସ'ର ଆବଶ୍ୟକତା ଥିବା ପ୍ରକାଶ କରିଛନ୍ତି। ସଂସଦରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହେବା ସମୟରେ ବିରୋଧୀଙ୍କ ହଙ୍ଗାମାକୁ ମଧ୍ୟ କଙ୍ଗନା ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଜାଣିଶୁଣି ଶିକ୍ଷା ସଂସ୍କାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଥିଲେ ଯେ, 'ଯେପର୍ଯ୍ୟନ୍ତ ବିରୋଧୀଙ୍କୁ କ୍ଷମତା ମିଳିନାହିଁ, ସେପର୍ଯ୍ୟନ୍ତ ସେମାନେ ସଂସଦ ଚଳାଇବାକୁ ଦେବେ ନାହିଁ ବୋଲି ସ୍ଥିର କରିଛନ୍ତି'। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ବିରୋଧୀଙ୍କ ଉଦ୍ଦେଶ୍ୟ ହେଉଛି ଦେଶରେ କୌଣସି କାମ ନହେଉ, କାରଣ ସେମାନଙ୍କୁ ନିର୍ବାଚନରେ ଜନମତ ମିଳିନାହିଁ।

## ସଂସଦରେ ଧର୍ମେନ୍ଦ୍ରଙ୍କୁ ଏନ୍‌ଡିଏର ସମ୍ବର୍ଦ୍ଧନା

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଏବଂ ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ଦୁଇ ଦିନ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନ ସୋମବାର ସଂସଦ ପରିସରରେ ପହଞ୍ଚିବା ପରେ ତାଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂସଦର ମକର ଦ୍ୱାର ନିକଟରେ ଶାସକ ଦଳର ସାଂସଦମାନେ ଏକାଠି ହୋଇ ତାଙ୍କୁ ପାଛୋଟି ନେବା ସହ ଏକ ପାରମ୍ପରିକ ଟୋପି ପିନ୍ଧାଇ ସମ୍ମାନିତ କରିଥିଲେ। ଗୋଟିଏ ପଟେ ଏନ୍‌ଡିଏ ନେତାମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରୁଥିବା ବେଳେ, ଅନ୍ୟପଟେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ନେତୃତ୍ୱରେ ବିରୋଧୀ ଦଳର ନେତାମାନେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ବିରୋଧରେ ପ୍ରତିବାଦ କରିଥିଲେ। ଧର୍ମେନ୍ଦ୍ରଙ୍କୁ ସମ୍ବର୍ଧନା ନେଇ କଂଗ୍ରେସ ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାକୁ ସେମାନେ ଭୁଲ ପରମ୍ପରା ବୋଲି କହିଛନ୍ତି।



### 'ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର'

ସଂସଦ ଭବନରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏନ୍‌ଡିଏ ସାଂସଦମାନେ ବିପୁଳ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ସମୟେର କଂଗ୍ରେସ ସାଂସଦ ଜୟରାମ ରମେଶ ଧର୍ମେନ୍ଦ୍ରଙ୍କ ପାଖକୁ ଯାଇ 'ଏପରି ଘଟେ' ବୋଲି କହିଥିଲେ। ଏହାର ଜବାବ ଜବାବ ଦେଇ ଧର୍ମେନ୍ଦ୍ର କହିଥିଲେ , 'କିଛି ଘଟିନାହିଁ, ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର, ଏସି ରୁମ୍‌ରେ ବସି କାମ କରୁଥିବା କର୍ମୀ ନୁହେଁ।'

## ୪୪ କୋଟି ନେବାପରେ ଛାଡ଼ିଲେ ଅପହର୍ତ୍ତା

ସୁରଟ, ୨୭।୭(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଅପହୃତ ହୋଇଥିବା ୭୫ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ହୀରା ଓ ସୁନା ବ୍ୟବସାୟୀ ଧୀରୁ ରମାଣୀ ଶେଷରେ ମୁକ୍ତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକଙ୍କୁ ୪ ନିୟୁତ ୟୁରୋ (ପ୍ରାୟ ୪୪ କୋଟି ଟଙ୍କା) ମୁକ୍ତିପଣ (ରାନସମ୍) ଦେବାକୁ ପଡ଼ିଛି। ଗୁଜରାଟର ଅମ୍‌ରେଲି ଜିଲ୍ଲାର ମୂଳ ବାସିନ୍ଦା ତଥା ସୁରଟର ହୀରା ବ୍ୟବସାୟ ସହ ଜଡ଼ିତ ରମାଣୀ ଗତ ଏପ୍ରିଲ୍ ମାସରେ ମାଲିରୁ ଅପହୃତ ହୋଇଥିଲେ। ସେଠାରେ ସେ ଏକ ସୁନା ଖାଦାନ କିଣିବା ସହ

### ମାଲିରେ ଅପହୃତ ଭାରତୀୟ ହୀରା ବ୍ୟବସାୟୀ ମୁକ୍ତ




କିଛି ଦିନ ହେବ ରହୁଥିଲେ। ଅପହରଣକାରୀମାନେ ପ୍ରଥମେ ୧୦୦ କୋଟି ଟଙ୍କା ଦାବି କରିଥିଲେ ହେଁ ଆମେରିକାରେ ରହୁଥିବା ତାଙ୍କ ପରିବାର ଲୋକ ଆଲୋଚନା ମାଧ୍ୟମରେ ଏହି ଅର୍ଥରାଶିକୁ ୪୪ କୋଟି ଟଙ୍କାରେ ସୀମିତ ରଖିଥିଲେ। ଗତ ସପ୍ତାହରେ ମୁକ୍ତିପଣ ଦିଆଯିବା ପରେ ରମାଣୀଙ୍କୁ ଅପହରଣକାରୀମାନେ ଛାଡ଼ିଦେଇଛନ୍ତି। ତେବେ ସେ ବର୍ତ୍ତମାନ ସୁଦ୍ଧା ମାଲିରେ ଅଛନ୍ତି ଏବଂ ସ୍ଥାନୀୟ ପୁଲିସ ଅପହରଣ ଓ ମୁକ୍ତିର ସମ୍ପୂର୍ଣ୍ଣ ଘଟଣାବଳୀ ନେଇ ତାଙ୍କୁ ପଚରାଉଚୁରା କରୁଛି। ଏହି ଆଲୋଚନା ପ୍ରକ୍ରିୟାରେ ଭାରତ ସରକାରଙ୍କ କୌଣସି ଏଜେନ୍ସି ସାମିଲ ନଥିଲେ ଏବଂ ପରିବାର ନିଜ ସ୍ତରରେ ଏହାକୁ ସମାଧାନ କରିଛନ୍ତି। ଏପ୍ରିଲ ମାସରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ପରେ ମାଲିସ୍ଥିତ ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରିଥିଲେ।

## ଶିକ୍ଷୟିତ୍ରୀଙ୍କ ନୃଶଂସତା: ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିଶୁର ଗୁପ୍ତାଙ୍ଗ ପୋଡ଼ିଦେଲେ

ବାରାଣସୀ, ୨୭।୭(ଏଜେନ୍ସି): ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଏକ ପ୍ଲେ-ସ୍କୁଲରେ ଜଣେ ୫ ବର୍ଷର ଶିଶୁ ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିକ୍ଷୟିତ୍ରୀ ଜଣଙ୍କ ନିଆଁରେ ଗରମ ଛୁରି ସାହାଯ୍ୟରେ ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୁଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଗତ ୨୪ରେ 'ସିରିନ୍ ସୋନି ପ୍ଲେ ସ୍କୁଲ୍'ର ଏହି ଛାତ୍ରଜଣକ ଶୌଚାଳୟ ଯିବା ପାଇଁ ଶିକ୍ଷୟିତ୍ରୀଙ୍କୁ ଅନୁମତି ମାଗିଥିଲେ। ମାତ୍ର ଶିକ୍ଷୟିତ୍ରୀ ଅନୁମତି ନଦେବାରୁ ଶିଶୁଟି ନିୟନ୍ତ୍ରଣ ହରାଇ ପ୍ୟାଣ୍ଟରେ ପରିସ୍ରା କରିଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିକ୍ଷୟିତ୍ରୀ ଜଣକ ଶିଶୁଟିକୁ ଅନ୍ୟ ଏକ କୋଠରୀକୁ ନେଇ ଗ୍ୟାସ୍ ଷ୍ଟୋଭ୍‌ରେ ଛୁରି ଗରମ କରି ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିଲେ। ଏହାସହ ଏ ବିଷୟରେ କାହାକୁ ନ ଜଣାଇବା ପାଇଁ ଧମକ ମଧ୍ୟ ଦେଇଥିଲେ। ଶିଶୁଟି ଘରକୁ ଫେରି କାନ୍ଦି କାନ୍ଦି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲା। ଏହାପରେ ଶିଶୁର ବାପା-ମା' ସ୍କୁଲ ପ୍ରଶାସନ ଓ ଅଧକ୍ଷାଙ୍କ ସହ ସମ୍ପର୍କ କରିଥିଲେ ମଧ୍ୟ ସେମାନେ ସହଯୋଗ କରିବା ପରିବର୍ତ୍ତ ଓଲଟି ଧମକ ଦେଇଥିବା ଅଭିଯୋଗ ହୋଇଛି। ଶିଶୁଟିର ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ ଅତୁଲ ସିଂହ ସୂଚନା ଦେଇଛନ୍ତି।

## ଦଶନ୍ଧିରେ ସର୍ବାଧିକ: ଭାରତରେ ୫ ହଜାରରୁ ଅଧିକ ଶିଶୁ ପୋଷ୍ୟ ସନ୍ତାନ ଗ୍ରହଣ

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଭାରତରେ ଗତ ଆର୍ଥିକ ବର୍ଷରେ (ଏପ୍ରିଲ୍ ୨୦୨୫ ରୁ ମାର୍ଚ୍ଚ ୨୦୨୬) ୫, ୦୨୨ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଏହା ସର୍ବାଧିକ ବୋଲି କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ପଦ ପ୍ରାଧିକରଣ (ସିଏଆର୍‌ଏ ବା କାରା) ପକ୍ଷରୁ ସୂଚନା ଦିଆଯାଇଛି। ମୋଟ ୫, ୦୨୨ ଶିଶୁଙ୍କ ମଧ୍ୟରୁ ୪, ୬୦୩ ଜଣଙ୍କୁ ଦେଶ ଭିତରେ ଏବଂ ୪୧୯ ଜଣଙ୍କୁ ବିଦେଶୀ ନାଗରିକଙ୍କ ଦ୍ୱାରା ଆଇନଗତ ଭାବେ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଛି। ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ୪,୫୧୫ ଥିଲା। ମୋଟ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଶିଶୁଙ୍କ ମଧ୍ୟରେ ୨,୭୫୬ ଜଣ ଝିଅ, ୨, ୨୬୩ ଜଣ ପୁଅ ଏବଂ ୩ ଜଣ ଅନ୍ୟ ବର୍ଗର ଅଟନ୍ତି। ଝିଅମାନଙ୍କୁ ଆପଣାଇବା ହାରରେ ୮ ପ୍ରତିଶତ ବୃଦ୍ଧି ଘଟିଛି। ଏହାସହ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା (ଦିବ୍ୟାଙ୍ଗ) ୩୯୨ ଜଣ ଶିଶୁଙ୍କୁ ମଧ୍ୟ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ସେହିପରି ଆତ୍ମୀୟଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। କାରାସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବନା ସାକ୍ସେନାଙ୍କ ଅନୁସାରେ, ନିୟମିତ ତଦାରଖ, ଶିଶୁ ମଙ୍ଗଳ ସମିତିର ସକ୍ରିୟତା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ଏହି ସଫଳତା ମିଳିପାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୬ ହଜାର ପରିବାର ଶିଶୁ ଦତ୍ତକ ଗ୍ରହଣ ପାଇଁ ଆବେଦନ କରି ଅପେକ୍ଷା କରିଛନ୍ତି। ଶିଶୁମାନଙ୍କୁ ଶୀଘ୍ର ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ପରିବାର ଯୋଗାଇଦେବା ପାଇଁ ଅଧିକ ସଂଖ୍ୟକ ନୂତନ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ଏବଂ ଶିଶୁ ମଙ୍ଗଳ ସମିତି ଗଠନ କରାଯାଇଛି। ଏହି ସଫଳତା ସମାଜର ମାନସିକତାରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନକୁ ଦର୍ଶାଉଛି।








### ସମ୍ଭାବ୍ୟ ବର୍ଷାର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ସତର୍କତା ଓ ତ୍ୱରିତ ରିଲିଫ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଜୁଲାଇ ୨୭ ତାରିଖ ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା, ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସ୍ନିଗ୍ଧା ଚମ୍ପତିରାୟ, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ୧୨ ରୋଗୀଙ୍କୁ ୬.୧୫ ଲକ୍ଷ ମଞ୍ଜୁର

ଭୁବନେଶ୍ୱର, ୨୭।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ତାଙ୍କ ସହ ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଛନ୍ତି। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୨ ଜଣଙ୍କୁ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସାଧାରଣ ଲୋକଙ୍କ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପ୍ରତିଟି ଅଭିଯୋଗର ସ୍ଥିତି ପରଖି ସମାଧାନ କରାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣିର ତଦାରଖ କରାଯାଉଥିବାରୁ ସମାଧାନ ହାର ବୃଦ୍ଧି ପାଉଛି। ଯାହା ସାଧାରଣ ଲୋକଙ୍କ ଭରସା ଜିତିବାରେ ସକ୍ଷମ କରିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ



ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ୭୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ୧୮ ପାଳିରେ ଗ୍ରହଣ ହୋଇଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ନିୟମିତ ଅଭିଯୋଗ ଶୁଣାଣି ହେଉଛି। ଜିଲ୍ଲାସ୍ତରରେ ଜୁନ୍ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ସମାଧାନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହାଦେବଙ୍କଠାରେ ଜଳାଭିଷେକ ପାଇଁ ପାଣି ଉଠାଉଥିଲେ

# ନଦୀରେ ଭାସିଯାଇ ନାବାଳିକା ମୃତ

ବାଲେଶ୍ୱର,୨୭।୭(ସମିସ): ଶ୍ରାବଣ ମାସ ସୋମବାରରେ ଘଟିଛି ଅଘଟଣ। ଜଣେ ନାବାଳିକା ମହାଦେବଙ୍କଠାରେ ଜଳାଭିଷେକ କରିବା ପାଇଁ ପରିବାର ସହ ନଦୀରୁ ପାଣି ଆଣୁଥିବା ବେଳେ ଭାସିଯାଇ ପ୍ରାଣ ହରାଇଛନ୍ତି। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ବୁଦା ନିକଟରୁ ଛାତ୍ରୀଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଖବରପାଇ ଚାନ୍ଦିପୁର ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଛାତ୍ରୀ ଜଣକ ହେଉଛନ୍ତି ଚାନ୍ଦିପୁର ଥାନା ଅର୍ନ୍ତଗତ ବାଙ୍କେଶ୍ୱର ଗ୍ରାମର ଦାମ ବାରିକଙ୍କ ଝିଅ ମାନସୀ ବାରିକ(୧୩)।

ମାନସୀ ଓ ତାଙ୍କ ମା' ଅନ୍ୟ କିଛି ଲୋକମାନଙ୍କ ସହ ଆଜି ଭୋର ୪ଟାରେ କାଉଡିଆ ସାଜି ମଣିନାଗେଶ୍ୱର ମନ୍ଦିରରେ ମହାଦେବଙ୍କ ଉପରେ ପାଣି ଅର୍ପଣ କରିବା ପାଇଁ ବାହାରିଥିଲେ। ସେମାନେ ବଡକିଆ ସ୍ଥିତ ପାଗନଇ ଘାଟରୁ ପାଣି ନେବା ପାଇଁ ପହଁଚିଥିଲେ। ସେହି ସମୟରେ ମାନସୀଙ୍କ ମା' ଘାଟ ନିକଟରେ ଠିଆ ହୋଇଥିବା ବେଳେ ମାନସୀ ନଦୀ ମଧ୍ୟକୁ ପାଣି ଆଣିବାକୁ ଯାଇ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ମାନସୀ ଭାସିଯିବା ଦେଖି ତାଙ୍କ ମା' ଉଦ୍ଧାର କରିବା ପାଇଁ ଚିତ୍କାର କରିଥିଲେ। ଦୀର୍ଘ ସମୟ ଧରି କିଛି ଲୋକ ଖୋଜାଖୋଜି କରିବା ପରେ ସେମାନେ ନ ପାଇବାରୁ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ମାନସୀ ଘାଟ ଠାରୁ କିଛି ଦୂରରେ ଥିବା ଏକ ବୁଦାଳିଆ ସ୍ଥାନରେ ଲାଖିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଦମକଳ ବାହିନୀ ସେଠାକୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ମାନସୀ ସ୍ଥାନୀୟ ବଡକିଆ ବୃନ୍ଦାବତୀ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ।


# ହାତୀପଲଙ୍କ ଉତ୍ପାତ; ଭାଙ୍ଗିଲେ ଘର

ତୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ଅଞ୍ଚଳରେ ୨୬ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ଖୁଣ୍ଟାପଡ଼ା ନିଉଣ୍ଡି ଆଙ୍କୁଡ଼ି ଅଞ୍ଚଳରେ ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହ ଆଙ୍କୁଡ଼ି ଗ୍ରାମରେ ୬ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଗ୍ରାମର ସୁରେଶ ନାଏକ, ଋଷିନାଥ ନାଏକ, ବିଦ୍ୟାଧର ନାଏକ, ଅନ୍ତର୍ଯ୍ୟାମୀ ନାଏକ, ପାରେଶ୍ୱର ନାଏକ ଓ ମିନିକି ନାଏକଙ୍କ ଘର ଭାଙ୍ଗିଥିବା ବେଳେ ଘର ଭିତରେ ଶୋଇଥିବା ଅବସ୍ଥାରେ ହାତୀ ଘର ଭାଙ୍ଗିଦେଇଥିବାରୁ ଘରର କାନ୍ଥ ସାବୀ ନାଏକଙ୍କ ଉପରେ ପଡ଼ି ଯାଇଥିଲା। ସୌଭାଗ୍ୟବଶତଃ ସେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ହାତୀପଲଙ୍କ ଗତିବିଧି ସହ ଘଉଡ଼ାଇବା ପାଇଁ ବନ ବିଭାଗ ଚେଷ୍ଟା ଜାରି ରଖିଛି। କେନ୍ଦୁଝର ମୋବାଇଲ ସ୍କ୍ୱାର୍ଡ ସମେତ ଗଜସାଥୀ, ବନପାଳ ପାରା ଷ୍ଟାଫ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

ରାଜନଗର,୨୭।୭(ସମିସ): ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ଭିତରକନିକାରେ ବଉଳା କୁମ୍ଭୀର, ୫ ପ୍ରଜାତିର ଡଲଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ।

ସେହିପରି ହେନ୍ତାଳ ବଣ ସହ ୭୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି। ଅପରପକ୍ଷେ ରାଜନଗର ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗବେରଙ୍ଗର ପକ୍ଷୀଙ୍କ କାକଳି ସହ ଜୀବଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏୱାକ୍ ବ୍ରିଜ ନିର୍ମାଣ କରାଯାଇଥିଲା। ୬୦୦ ମିଟର ଲମ୍ବ ଯାଏ ଏହି ସ୍କାଏୱାକ୍ ବ୍ରିଜ ନିର୍ମାଣ ହୋଇଛି। ସ୍କାଏୱାକ୍‌ଟି ମଝିରେ ମଝିରେ ଉଠାଣି ଗଡ଼ାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏୱାକର ଉଚ୍ଚତା ୧୫ ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଏଥିରେ ପର୍ଯ୍ୟଟକ ଟିକେ ଉପରୁ ଯାଇ ଜଙ୍ଗଲର ପ୍ରାକୃତିକ ଶୋଭାରାଜିକୁ ମନଭରି ଉପଭୋଗ କରିପାରିବେ।






MCL · AM/NS INDIA · TATA STEEL #WeAlsoMakeTomorrow · JINDAL STEEL · vedanta transforming for good · नालको NALCO · TPWODL · JSW JFE JSW JFE Steel Limited · Paradeep Phosphates

# ସିରିଜ୍ ଦୁର୍ଘଟଣା ଘଟାଇବା ପରେ କାର୍‌ରେ ଥିବା ୨ ଯୁବକଙ୍କୁ ମାଡ଼

ରାଉରକେଲା,୨୭।୭(ସମିସ): ରାଉରକେଲା ସହର ଡେଲି ମାର୍କେଟ୍ ଅଞ୍ଚଳରେ ରବିବାର ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇବା ପରେ ଏଥିରେ ଥିବା



୨ ଯୁବକ ସ୍ଥାନୀୟ ଲୋକଙ୍କ ମାଡ଼ରେ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇବା ପରେ କାର୍‌ଟି ଘଟଣାସ୍ଥଳରୁ ଦ୍ରୁତ ଗତିରେ ପଳାଇବାକୁ ଉଦ୍ୟମ କରିଥିଲା। ଉଦିତନଗର ଅଟୋ ଫିଡ୍ ପେଟ୍ରୋଲ ପମ୍ପ ନିକଟରେ କାର୍‌ଟି ଆଉ ଏକ କାର୍ ଓ ଏକ ସ୍କୁଟରକୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ କାର୍‌ରେ ତିନିଜଣ ଯୁବକ ଥିଲେ। ସିରିଜ୍ ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ କାର୍‌ଟିକୁ ଅଟକାଇ ଚାଳକ ଓ ଅନ୍ୟ ଜଣେ ଯୁବକଙ୍କୁ କାବୁ କରିଥିଲେ। ପରେ ଉତ୍ୟକ୍ତ ଲୋକେ ଉଭୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟଜଣେ ଯୁବକ ରାସ୍ତାରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ଉଦିତନଗର ପୁଲିସ ପହଞ୍ଚି ଉଭୟ ଯୁବକଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

● ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନରେ ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ

# ରାଉରକେଲା ବିମାନବନ୍ଦର ପାଇଁ କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି ୫୮.୯୬ କୋଟି

ରାଉରକେଲା,୨୭।୭(ସମିସ): ରାଉରକେଲା ବିମାନବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ୫୮ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ସେଲ୍ ମାଲିକାନାରେ ଥିବା ରାଉରକେଲା ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ସାମିଲ କରାଯାଇ ଏଥିପାଇଁ ଏହି ଅର୍ଥ ବ୍ୟୟ କରାଯାଇଛି ବୋଲି ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମହଲ ରାଜ୍ୟସଭାରେ ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ରାୟ କହିଛନ୍ତି ଯେ, ଇସ୍ପାତନଗରୀ ରାଉରକେଲାରେ ଥିବା ଇସ୍ପାତ କାରଖାନାର ଆଧୁନିକୀକରଣ ସହ ଏଠାରେ ଅନ୍ୟ ଶିଳ୍ପାନୁଷ୍ଠାନର ବିକାଶ ପାଇଁ ଯୋଜନା ଚାଲୁଛି। ଏ ପରିପ୍ରେକ୍ଷୀରେ ରାଉରକେଲାକୁ ଦେଶବିଦେଶରୁ ପ୍ରତିଦିନ ବହୁ ବ୍ୟକ୍ତି ଆସୁଛନ୍ତି। ରାଉରକେଲାର ବିକାଶକୁ ଆଖି ଆଗରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଉରକେଲା ବିମାନବନ୍ଦରର ବିକାଶ ସହିତ ଏଠାରୁ ଦେଶର ବିଭିନ୍ନ ସ୍ଥାନକୁ ବିମାନସେବା ବ୍ୟବସ୍ଥା କରିବାକୁ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସେକ୍ଟର-୬ ଠାରେ 'ନୀଳାଦ୍ରି ବିଜେ' ସମ୍ପନ୍ନ



ରାଉରକେଲା,୨୭।୭(ସମିସ): ସୋମବାର ଦିନ ସେକ୍ଟର-୬ ଠାରେ ପ୍ରଧାନ ସେବକ ଠାକୁର ରାଜା ପ୍ରଦୀପ ଧଳଙ୍କ ତତ୍ତ୍ୱାବଧାନରେ 'ନୀଳାଦ୍ରିବିଜେ' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଅଛି। ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ ନିମନ୍ତେ ଏକ ଗୀତିନାଟ୍ୟ, ସେକ୍ଟର-୨୦ "କଲ୍ୟାଣୀ କଳାକେନ୍ଦ୍ର'ଙ୍କ ଦ୍ୱାରା ପରିବେଷଣ କରଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଫୁଲ ସୁନାନୀ ପ୍ରଦୀପ ପ୍ରଜ୍ୱଳିତ କରି ଗୀତିନାଟ୍ୟ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ରମେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଭାସ୍କର ଚଇନି ପୂଜାର୍ଚ୍ଚନା କରିଥିଲେ। ଦେବେନ୍ଦ୍ର ପଲେଇ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ। ଶେଷରେ ଠାକୁରଙ୍କୁ ଦଇତାପତିମାନେ ପହଣ୍ଡି ବିଜେ କରି ରତ୍ନ ସିଂହାସନକୁ ନେଇଥିଲେ। ଶହଶହ ଭକ୍ତ ଉପସ୍ଥିତ ରହି ନାଟକ ଦେଖିବା ସହ ପ୍ରସାଦ ସେବନ କରିଥିଲେ।

# ରତ୍ନବେଦୀକୁ ବାହୁଡ଼ିଲେ ଚତୁର୍ଦ୍ଧା ମୂର୍ତ୍ତି

ବଣାଇଁଗଡ଼,୨୭।୭(ସମିସ): ପରମ୍ପରା ଅନୁଯାୟୀ ରଥ ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଧରପଣା ନୀତି ସମ୍ପନ୍ନ ପରେ ଦ୍ୱାଦଶୀ ତିଥିରେ ବଣାଇଁ ସହରରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଥ ଉପରେ ଅଧର ପଣା ନୀତି ସମ୍ପନ୍ନ



ହୋଇଥିଲା। ବଣାଇଁ ଦେବୋତ୍ତର ବିଭାଗ ଓ ମନ୍ଦିର ପକ୍ଷରୁ ଦ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୂଜକ ଭାବେ ଚିନ୍ମୟ ତ୍ରିପାଠୀ ଓ ବିନୋଦ ପାଣିଗ୍ରାହୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧର ପଣା ନୀତି ସମ୍ପନ୍ନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବଣାଇଁ ରାଜନଅର ସମ୍ମୁଖରେ ଥିବା ମନ୍ଦିରରେ ପ୍ରବେଶ କରାଯାଇଛି। ଏଥିରେ ମନ୍ଦିରର ସେବାୟତ ବିଜୟ ମିଶ୍ର, ସନ୍ତୋଷ ମିଶ୍ର, ସରୋଜ ମିଶ୍ର, ରାଜେନ୍ଦ୍ର ଆଚାର୍ଯ୍ୟ, ମାନସ ଶତପଥୀ, ଫକୀର ମୋହନ ମିଶ୍ର, ଲୁନା ମିଶ୍ର, ଶ୍ରୀନିବାସ ନନ୍ଦ, ଅଶୋକ ଦେଓ, ଶିବ ନାରାୟଣ ଦେଓ ପ୍ରମୁଖ ଠାକୁରଙ୍କ ସେବାରେ ନିୟୋଜିତ ରହିଥିଲେ। ଶେଷରେ ଲକ୍ଷ୍ମୀ-ନାରାୟଣଙ୍କ କଳି ପରେ ମାନଭଞ୍ଜନ ପାଇଁ ରସଗୋଲା ଭୋଗ ପ୍ରଦାନ କରାଯାଇଥିଲା।

ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ସୀମା ପ୍ରାଚୀର ନିର୍ମାଣ ଶେଷ ପର୍ଯ୍ୟାୟରେ

# ସ୍ଥାନାନ୍ତରିତ ୫୧୪ ପରିବାରକୁ ୨୧.୧୭ କୋଟି ଟଙ୍କା ପ୍ରଦାନ

ରାଉରକେଲା,୨୭।୭(ସମିସ)



ରାଉରକେଲା ଇସ୍ପାତ କାରଖାନାର ଆଗାମୀ ଗ୍ରୀନ ଫିଲ୍ଡ ସମ୍ପ୍ରସାରଣ ପାଇଁ ସୀମା ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୩୦ ହଜାର କୋଟି ଟଙ୍କା ବ୍ୟୟରେ ବର୍ତ୍ତମାନର କାରଖାନା ସଂଲଗ୍ନ ଜମିରେ ଏହି ସମ୍ପ୍ରସାରଣ କାର୍ଯ୍ୟ କରାଯିବାକୁ ଯାଉଛି। ସେପଟେ ସମ୍ପ୍ରସାରଣ ଲାଗି ସ୍ଥାନାନ୍ତରିତ ହୋଇଥିବା ୫୧୪ଟି ପରିବାରକୁ ୨୧.୧୭ କୋଟିରୁଅଧିକଟଙ୍କାଆର୍ଥିକସହାୟତାପ୍ରଦାନ ସହ ସେମାନଙ୍କ ପରିବାରର ୨୦୮ ଜଣଙ୍କୁ ଆର୍‌ଏସ୍‌ପିରେ ଠିକା ନିଯୁକ୍ତି ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଆରଏସପି ସମ୍ପ୍ରସାରଣ ପାଇଁ ଆର୍‌ଏସ୍‌ପି ଓଡ଼ିଶା ସରକାରଙ୍କ ପକ୍ଷରୁ ଇସ୍ପାତ କାରଖାନା ନିର୍ମାଣ ନିମିତ୍ତ ଆବଣ୍ଟିତ ଜମିରୁ ଉକ୍ତ ୧,୨୦୦ ଏକର ଜମିକୁ ସୁରକ୍ଷିତ କରିବାକୁ ଆଜି ସୁଦ୍ଧା ୧୧.୧୯ କିଲୋମିଟର ଦୀର୍ଘ ତାର ଜାଲି ଘେରା ସରିଛି। ଏହାସହିତ କଂକ୍ରିଟ୍ କାନ୍ଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯୋଜନା କରାଯାଇଥିବା ୧୦.୩୦୮ କିଲୋମିଟର ଦୀର୍ଘ କଂକ୍ରିଟ୍ କାନ୍ଥ ମଧ୍ୟରୁ ୯.୧୧ କିଲୋମିଟର କାନ୍ଥ ନିର୍ମାଣ ପ୍ରାୟ ଶେଷ ହୋଇଛି। ବାକି କାମ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ଏହି ସମୟ ମଧ୍ୟରେ ମେସର୍ସ ମେକନ୍ ଦ୍ୱାରା ଭୂ-ସଂସ୍ଥାନିକ ସର୍ବେକ୍ଷଣ, ଭୂଗର୍ଭସ୍ଥ ସର୍ବେକ୍ଷଣ ଏବଂ ମୃତ୍ତିକା ପରୀକ୍ଷା କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହି ସମ୍ପ୍ରସାରଣ ସମ୍ବନ୍ଧୀୟ ପ୍ରକଳ୍ପ ରିପୋର୍ଟ ମଞ୍ଜୁରୀ ପାଇଁ ସେଲ୍ ବୋର୍ଡ ନିକଟରେ ଦାଖଲ କରାଯିବ।

ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ପୁଲିସର ଅକୁଣ୍ଠ ସହଯୋଗରେ, ଏପ୍ରିଲ ୨୮ରୁ ଏକ ଜଟିଳ ସମୟସୀମା

**୨୦୮ ଜଣଙ୍କୁ ଠିକା ନିଯୁକ୍ତି ପ୍ରଦାନ**

ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଇ ୬ ତାରିଖରୁ ସ୍ଥାୟୀ କାନ୍ଥ ନିର୍ମାଣ ଆରମ୍ଭ ହୋଇଥିଲା। ଭିତ୍ତିପ୍ରସ୍ତରକୁ ଗଭୀର ଭାବେ ଖୋଳାଯାଇ ସୁରକ୍ଷା ପାଇଁ ୩.୫ ମିଟର ଉଚ୍ଚତାର ସର୍ପିଳ କଂକ୍ରିଟ୍ କାନ୍ଥ ନିର୍ମାଣ କରାଯାଇଥିଲା।

ଅପରପକ୍ଷରେ, ଏହି ଜମିରେ ଥିବା କୁଟୀର ଗୁଡିକରେ ରହୁଥିବା ଲୋକଙ୍କୁ ଆର୍ଥିକ ସହାୟତା ସହିତ ଦେଓଗାଁ ନିକଟରେ ବାସ ଜମି, ଠିକା ନିଯୁକ୍ତି ଏବଂ ଚିକିତ୍ସା ସୁବିଧା ପରି ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ସୁଗମ ସ୍ଥାନାନ୍ତରଣ ପାଇଁ ଅସ୍ଥାୟୀ ରହିବା ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି।

ବର୍ତ୍ତମାନ ସୁଦ୍ଧା, ସ୍ଥାନାନ୍ତରିତ ୫୧୪ ପରିବାରକୁ ୨୧.୧୭ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇ ସାରିଛି ଏବଂ ୨୦୮ ଜଣଙ୍କୁ ଠିକା ନିଯୁକ୍ତି ପ୍ରଦାନ କରାଯାଇଛି। ୩୨୩ଟି କୁଟୀରରେ ରହୁଥିବା ଲୋକ ଆଗରୁ ହିଁ ଅସ୍ଥାୟୀ ରହିବା ସ୍ଥାନ କିମ୍ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇ ସାରିଛନ୍ତି। ସ୍ଥାନାନ୍ତରିତ କୁଟୀରବାସୀଙ୍କୁ ହସ୍ତାନ୍ତର କରିବାକୁ ଦେଓଗାଁ ନିକଟରେ ରାସ୍ତା ସଂଯୋଗ, ବିଦ୍ୟୁତ୍, ଜଳ ଯୋଗାଣ ଏବଂ ଡ୍ରେନେଜ୍ ବ୍ୟବସ୍ଥା ସହିତ ଏକ ଉନ୍ନତ ସ୍ଥାନର ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି।

# ଚୀନ୍ ଗସ୍ତ କରିବ ଟିମ୍ ୱାନ୍ କ୍ରିୟୁ ଦଳ



ରାଉରକେଲା, ୨୭।୭(ସମିସ): ଜିଏଲଏକ୍ସ ୱାର୍ଲ୍ଡଚାମ୍ପିଅନ୍‌ସିପ୍-୨୦୨୬ରେଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ରେ ଭାରତକୁ ପ୍ରତିନିଧିତ୍ୱ କରି ଟିମ୍ ୱାନ୍ କ୍ରିୟୁ ଦଳ ପ୍ରଥମ ରନର୍ସ ଅପ୍ ହେବାପରେ ଚୀନରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ନୃତ୍ୟ ଚାମ୍ପିଅନ୍‌ସିପ୍‌ରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଜେତା ଦଳର ସଦସ୍ୟବୃନ୍ଦମାନେ ହେଲେ ଆୟୁଷ୍ମାନ ଇନୋବଏ, ରାଜୁ ମାଝୀ, ଲଲାଟେନ୍ଦୁ ସୁନା, ପ୍ରିୟଙ୍କା ମିଞ୍ଜ, ସୁମିତ ବାଗ, ଚନ୍ଦନ କାନ୍‌ହାର, ବିଶ୍ୱରଞ୍ଜନ ନାୟକ, ସାଓନ କୁମାର ପରିଡ଼ା ଏବଂ ଆଦିତ୍ୟ କୁମାର। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ ମସିହାରେ ଦିଲେଶ୍ୱର ହେସାଙ୍କ ପ୍ରତିଷ୍ଠା ଓ ନେତୃତ୍ୱରେ ଗଢ଼ିଉଠିଥିବା ଏହି ଦଳ ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ ସିଜନ-୯ ଏବଂ ଡ୍ୟାନ୍ସ ପ୍ଲସ୍ ସିଜନ-୬ର ଷ୍ଟୁଡିଓ ରାଉଣ୍ଡ ପର୍ଯ୍ୟନ୍ତ ପହଞ୍ଚି ନିଜର ଦକ୍ଷତାର ପରିଚୟ ଦେଇଛି। ଆଦର୍ଶ ଯୁବ ପରିଷଦର ଅଂଶୁମାନ ପାତ୍ର, ଶିଲୋଙ୍ଗ ଲାଲ, ସତ୍ୟ ସୁନ୍ଦର ପାତ୍ର ଓ ପ୍ରକାଶ ମହାକୁଳ ଦଳର ସଫଳତା ପାଇଁ ସବୁ କ୍ଷେତ୍ରରେ ନିରନ୍ତର ସହଯୋଗ ଓ ସମର୍ଥନ ଦେଇ ଆସୁଛନ୍ତି। ୨୮ ଜୁଲାଇରେ ଚେନ୍ନାଇରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ସାମିଲ ହେବାଙ୍କୁ ଟିମ୍ ୱାନ୍ କ୍ରିୟୁ ତାର ପରବର୍ତ୍ତୀ ଲକ୍ଷ୍ୟ ରଖିଥିବା ସେମାନେ କହିଛନ୍ତି।

ଏନ୍‌ଆଇଟି ରାଉରକେଲାର ସଫଳତା

# ସୌର ବିଦ୍ୟୁତ୍ କେନ୍ଦ୍ରର ନିରୀକ୍ଷଣ ଓ ସଫେଇ ପାଇଁ ଏଆଇ ଆଧାରିତ ସ୍ୱୟଂଚାଳିତ ପ୍ରଯୁକ୍ତି ବିକଶିତ

ରାଉରକେଲା,୨୭।୭(ସମିସ): ସୌର ବିଦ୍ୟୁତ କେନ୍ଦ୍ରର ସୋଲାର ପ୍ୟାନେଲ ନିରୀକ୍ଷଣ ଓ ସଫେଇକୁ ଅଧିକ ସହଜ, ସ୍ୱୟଂଚାଳିତ ଏବଂ ବ୍ୟୟସାପେକ୍ଷ କରିବା ଲକ୍ଷ୍ୟରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଗବେଷକମାନେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ଏକ ଅଭିନବ ସ୍ୱୟଂଚାଳିତ ପ୍ରଣାଳୀ ବିକଶିତ କରିଛନ୍ତି। ଏହି ପ୍ରଣାଳୀ ସୋଲାର ପ୍ୟାନେଲରେ ସଫେଇର ଆବଶ୍ୟକତା



ରହିଛି କି ନାହିଁ ତାହା ସ୍ୱୟଂ ଚିହ୍ନଟ କରି କେବଳ ମଇଳା ହୋଇଥିବା ଅଂଶକୁ ସଫା କରିବାରେ ସକ୍ଷମ। ଏହି ପ୍ରଯୁକ୍ତିକୁ ଏନ୍‌ଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗର ସହକାରୀ ଅଧ୍ୟାପକ ଡ. ଅରୁଣ କୁମାରଙ୍କ ନେତୃତ୍ୱରେ ପ୍ରଫେସର ଡ. ବିଭୁଦତ୍ତ ସାହୁ ଓ ଗବେଷକ ଡ. ଲୋପାମୁଦ୍ରା ହୋତା ଏବଂ ଡ. ବିରଜା ପ୍ରସାଦ ନାୟକଙ୍କ ସହଯୋଗରେ ବିକଶିତ କରାଯାଇଛି।

ଏହି ଉଦ୍ଭାବନ ସମ୍ପର୍କରେ ଡ. ଅରୁଣ କୁମାର କହିଛନ୍ତି ଯେ, ଏହି ପେଟେଣ୍ଟପ୍ରାପ୍ତ ରିୟଲ୍-ଟାଇମ୍ ନିରୀକ୍ଷଣ, ସ୍ୱୟଂଚାଳିତ ତ୍ରୁଟି ଚିହ୍ନଟ, ଆବଶ୍ୟକତା ଅନୁଯାୟୀ ସଫେଇ, ଜଳ ସଞ୍ଚୟ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ। ପ୍ରଫେସର ଡ. ବିଭୁଦତ୍ତ ସାହୁ କହିଛନ୍ତି ଯେ, ବର୍ତ୍ତମାନ ବଜାରରେ ଉପଲବ୍ଧ ସମାନ ପ୍ରଯୁକ୍ତିର ମୂଲ୍ୟ ଅଧିକ ହୋଇଥିବା ବେଳେ ଏନ୍‌ଆଇଟି ରାଉରକେଲାର ଏହି ପ୍ରଣାଳୀ କ୍ଷେତ୍ରସ୍ତରରେ ପ୍ରୟୋଗ ହେଲେ ବର୍ତ୍ତମାନର ବ୍ୟବସ୍ଥା ତୁଳନାରେ ପ୍ରାୟ ୧୦ ପ୍ରତିଶତ ଖର୍ଚ୍ଚରେ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବ।

ଏହି ପ୍ରଯୁକ୍ତିକୁ ବୃହତ୍ ସୌର ବିଦ୍ୟୁତ କେନ୍ଦ୍ର, ଫ୍ଲୋଟିଂ ସୋଲାର ପ୍ଲାଣ୍ଟ, ରୁଫଟପ୍ ସୋଲାର ବ୍ୟବସ୍ଥା, ଶିଳ୍ପାଞ୍ଚଳର ସୋଲାର ପାର୍କ, ସ୍ମାର୍ଟ ସିଟି, ପ୍ରତିରକ୍ଷା ପ୍ରତିଷ୍ଠାନ ଏବଂ ଦୁର୍ଗମ ଅଞ୍ଚଳର ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାରେ ପ୍ରୟୋଗ କରାଯାଇ ପାରିବ।

ଏହି ଅଭିନବ ପ୍ରଯୁକ୍ତି ଭାରତ ସରକାରଙ୍କ ଜାତୀୟ ସୌର ମିଶନ ଓ ନେଟ୍ ଜିରୋ ଲକ୍ଷ୍ୟ ପୂରଣରେ ସହାୟକ ହେବା ସହ ଭାରତ ଓ ବିଶ୍ୱସ୍ତରରେ ସୌର ବିଦ୍ୟୁତ କେନ୍ଦ୍ରର ପରିଚାଳନା ବ୍ୟବସ୍ଥାରେ ଏକ ନୂଆ ଦିଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ବଣାଇଁରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ବଣାଇଁ,୨୭।୭(ସମିସ): ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହଠାରେ ସୋମବାର ସୁନ୍ଦରଗଡ଼ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ୬୨ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ବ୍ୟକ୍ତିଗତ ୩୮ ଓ ସାମୂହିକ ୧୬ଟି ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଏସ୍‌ପି ନୀତିଶ୍ ୱାଧୱାନୀ, ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ବଣାଇ ଡିଏଫ୍‌ଓ ଯଶୋବନ୍ତ ସେଠୀ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ,



ବଣାଇଁ ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର



ରାଉରକେଲା,୨୭।୭(ସମିସ): ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରାଉରକେଲା ଇସ୍ପାତ କାରଖାନାର ମହାପ୍ରବନ୍ଧକ ଗୁରୁ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ରଥଯାତ୍ରା: ଆଧ୍ୟାତ୍ମିକ, ପରମ୍ପରା ଓ ଲୋକସଂସ୍କୃତି' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ରଥ, ଜଗନ୍ନାଥ, ମହୋଦଧି, ଶ୍ରୀମନ୍ଦିର ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଉତ୍କଳର ପ୍ରକୃତ ରାଜା ହେଉଛନ୍ତି ଶ୍ରୀଜଗନ୍ନାଥ। ଦ୍ୱିତୀୟ ପର୍ଯ୍ୟାୟରେ କିଶୋରୀ ମୋହନ କର 'ପୋଷ୍ୟ' ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମଞ୍ଜୁଳା କୁମାରୀ ରଥ ଓ ସତ୍ୟ ଦାଶଙ୍କ ସଂଯୋଜନାରେ କରିଥିଲା ବେଳେ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ ଏବଂ କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର ପ୍ରାକ କଥନ ରଖିଥିଲେ।

● ରାଜଗାଙ୍ଗପୁରରେ ସିଟୁର ସାଧାରଣ ସଭା

# ବିଧାୟକ ଲକ୍ଷ୍ମଣ ମୁଣ୍ଡା ନୂତନ ସଭାପତି ନିର୍ବାଚିତ



ରାଉରକେଲା,୨୭।୭(ସମିସ): ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନର ସାଧାରଣ ସଭା ସ୍ଥାନୀୟ ପଞ୍ଚାୟତ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ବଣାଁଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିବଂଗତ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ସହ ତାଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶ୍ରମିକ ନେତା ଶିଶିର ସା ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ୍ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଆରଏଚଆଇ ମ୍ୟାଗେସିଟା ଇଣ୍ଡିଆ ରିଫ୍ରାଟୋରିଜ ଲିମିଟେଡ(ପୂର୍ବରୁ ଓସିଏଲ) ରେ କାମ କରୁଥିବା ଉଭୟ ଠିକା ଓ ସ୍ଥାୟୀ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ଶ୍ରମିକମାନଙ୍କ ଆନ୍ଦୋଳନର ଇତିହାସ ଜଣାଇ ଶ୍ରମିକ ମାନଙ୍କୁ ଏକଜୁଟ ହୋଇ ଲଢେଇ ଓ ଆନ୍ଦୋଳନ ଜାରି ରଖିଲେ ଶ୍ରମ ଆଇନକୁ ରକ୍ଷା କରାଯାଇପାରିବ ଓ ଶ୍ରମିକମାନଙ୍କର ନାଯ୍ୟ ଦାବି ଅଧିକାରକୁ ହାସଲ କରାଯାଇ ପାରିବ ବୋଲି କହିବା ସହିତ କୃଷକ ଓ ଛାତ୍ର ଆନ୍ଦୋଳନ ଓ ସେମାନଙ୍କର ବିଜୟର ଉଦାହରଣ ଦେଇଥିଲେ। ସିଟୁ କାର୍ଯ୍ୟକାରୀ ସଭାପତି ବିମାନ ମାଇତି, ସମ୍ପାଦିକା ତାଜମୁନ ନେହାର, ସମ୍ପାଦକ ଯଯାତୀ କେଶରୀ ସାହୁ, ଶ୍ରମିକ ନେତା ଅଜିତ ମିଶ୍ର, ସଞ୍ଜିତ ମିଞ୍ଜ ପ୍ରମୁଖ ଉକ୍ତ ସାଧାରଣସଭାରେ ବକ୍ତବ୍ୟ ରଖି ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଇତି ମଧ୍ୟରେ ସଙ୍ଗଠନର ସଭାପତି ଥିବା ବିଷ୍ଣୁ ମହାନ୍ତିଙ୍କ ଦେହାନ୍ତ ପରେ ଉକ୍ତ ସାଧାରଣ ସଭାରେ ନୂତନ ସଭାପତି ଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ଶ୍ରମିକମାନେ ନିର୍ବାଚନ କରିଛନ୍ତି। ଶେଷରେ ଶ୍ରମିକ ନେତା ରମାକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରମିକ ନେତା ବିଜୟ ମଲ୍ଲିକ, ପି କେ ମହନ୍ତ, ପ୍ରକାଶ ଯାଦବ, ଦିଲେଶ୍ୱର ହଂସ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ବଣ୍ଟନ

ରାଉରକେଲା,୨୭।୭(ସମିସ): ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ପବିତ୍ର ଅଧରପଣା ଉପଲକ୍ଷେ ରାଉରକେଲାର ସେକ୍ଟର-୩ ସ୍ଥିତ ବାହୁଡ଼ା ରଥ ଯାତ୍ରାରେ ତିନି ରଥଙ୍କ ସମ୍ମିଳିତ ପଡ଼ିଆରେ ଅନୁଷ୍ଠାନର ସଦସ୍ୟମାନେ ରନ୍ଧା




ଯାଇଥିବା ପ୍ରସାଦ ବିତରଣ କରିଥିଲେ। ୨୨ ତାରିଖ ଦିନ ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତୀଙ୍କ ଉଦ୍‌ଯୋଗରେ ପ୍ରସାଦ ବିତରଣ ସେବାରେ ସଂଗଠନର ସଦସ୍ୟମାନେ ସହାୟତା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦିକା ନିଶିପଦ୍ମା ନନ୍ଦଙ୍କ ପ୍ରଚେଷ୍ଟାରେ ବିବିଧ କାର୍ଯ୍ୟକ୍ରମ କରାଯାଉଛି। ସଂଗଠନର ସଭାପତି ବିଭୁ ପ୍ରସାଦ ନାୟକଙ୍କ ସହଯୋଗ ଓ ମାର୍ଗଦର୍ଶନରେ ପ୍ରସାଦ ବିତରଣ କରାଯାଇଥିଲା। ସଂଗଠନର ଉପସଭାପତି ଗଙ୍ଗାଧର ଦାଶ, ସାଧାରଣ ସମ୍ପାଦିକା ନିଶିପଦ୍ମା ନନ୍ଦ, ସଂଗଠନ ମନ୍ତ୍ରୀ ମୁକ୍ତିକାନ୍ତ ବେହେରା , କୋଷାଧ୍ୟକ୍ଷ ଶଶାଙ୍କ ପଣ୍ଡା, ଅଶୋକ ପଟେଲ, ମିନତୀ ତ୍ରିପାଠୀ, ବିଷ୍ଣୁପ୍ରିୟା ଦାଶ, ମଞ୍ଜୁଲତା ମୋହିନୀ, ନିରୁପମା ନାୟକ, ମମତା ବାରିକ ଡିମ୍ପଲ ସାହୁ, ଅନନ୍ତ ବରିହା, ମୀରା ପାଣିଗ୍ରାହି ଓ ସନ୍ଧ୍ୟା ପଣ୍ଡା ପ୍ରସାଦ ବିତରଣରେ ସାହାଯ୍ୟ କରିଥିଲେ।

# ବଣାଇଁ ବନଖଣ୍ଡରେ ୯୮ ହାତୀଙ୍କ ଗତିବିଧି ଠାବ

ବଣାଇଁଗଡ,୨୭।୭(ସମିସ)

ବଣାଇଁ ବନଖଣ୍ଡର ବିଭିନ୍ନ ରେଞ୍ଜରେ ଜୁଲାଇ ୨୬ରେ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ କରିଥିବା ସର୍ଭେରେ ମୋଟ ୯୮ଟି ହାତୀ ବିଭିନ୍ନ ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି। ଏଥିରେ ୨୬ଟି ଅଣ୍ଡିରା, ୪୭ଟି ମାଇ ଓ ୨୫ଟି ଛୁଆ ହାତୀ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ଦିନ କୌଣସି ଆନ୍ତଃରାଜ୍ୟ ହାତୀ ଗତିବିଧି ରେକର୍ଡ ହୋଇନାହିଁ।



ବନ ବିଭାଗର ତଥ୍ୟ ଅନୁଯାୟୀ, ଜରଡ଼ା ରେଞ୍ଜର କଣ୍ଡାମୁଣ୍ଡା ବିଟ୍‌ରେ ସର୍ବାଧିକ ୨୪ଟି ହାତୀ ଥିବାବେଳେ ବଣାଇଁ ରେଞ୍ଜର କୁଲକୁତା ବିଟ୍‌ରେ ୧୫ଟି, କୁଳିପୋଷ ରେଞ୍ଜର ଲୁଙ୍ଗା ଆରଏଫ୍‌ରେ ୧୪ଟି, ତାମଡା ରେଞ୍ଜର କୁସୁମଡିହି ଆରଏଫ୍‌ରେ ୧୪ଟି ଓ କୋଇଡା ରେଞ୍ଜର ଗଣୁଆ ପିଆରଏଫ୍‌ରେ ୧୩ଟି ହାତୀ ଚିହ୍ନଟ

**ଆନ୍ତଃରାଜ୍ୟ ଗମନାଗମନ ନାହିଁ**

ହୋଇଛନ୍ତି। ସୋଲ ରେଞ୍ଜର ସୋଲଗୁଡ଼ା ଅଞ୍ଚଳରେ ୧୦ଟି ହାତୀର ଗତିବିଧି ମଧ୍ୟ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ କୋଇଡା, ବରସୁଆଁ , ବଣାଇଁ ଓ ଜରଡ଼ା ରେଞ୍ଜର କେତେକ ବିଟ୍‌ରେ ଏକକ ହାତୀଙ୍କ ଚଳପ୍ରଚଳ ଦେଖାଯାଇଛି। ଜରଡ଼ା ରେଞ୍ଜର ବାଲିଆ ଅଞ୍ଚଳର ୪ଟି ହାତୀ ପୂର୍ବଦିନ ବାମରା ବନଖଣ୍ଡର ବଡ଼ବାହାଲ ବିଟ୍‌କୁ ଚାଲିଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବନ ବିଭାଗ ହାତୀଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖିଥିବା ବେଳେ, ହାତୀ ଚଳାଚଳ ଥିବା ଗ୍ରାମର ଲୋକମାନଙ୍କୁ ସତର୍କ ରହିବା, ରାତିରେ ଏକାକୀ ଜଙ୍ଗଲ କିମ୍ବା ଚାଷଜମିକୁ ନଯିବା ଏବଂ ବନ ବିଭାଗର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି।

# ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ଦାବି

**ସମ୍ବଲପୁର, ୨୭।୭ (ସମିସ) :** ଗୋବଂଶର ସମ୍ପୂର୍ଣ୍ଣ ସୁରକ୍ଷା, ସଂରକ୍ଷଣ, ସମ୍ମାନଜନକ ସେବା ଏବଂ ଗୋ-ଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦାବିରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଓ ହିନ୍ଦୁ ଯୁବ ମୋର୍ଚ୍ଚା ପକ୍ଷରୁ ଆଜି ରାଲିରେ ଆସି ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ଗତ ଏପ୍ରିଲ ୨୭ରେ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମ୍ବଲପୁର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଦାବିପତ୍ର ଗ୍ରହଣ କରିଥିଲେ। ଗୋସେବକ, ସାଧୁସନ୍ଥ ଏବଂ ଅଲେଖ ମହିମା ମଠାଧୀଶମାନେ ସ୍ଥାନୀୟ ଜେଲ୍‌ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରିଥିଲେ। ଦାବିପତ୍ରରେ ଦେଶୀ ଗୋବଂଶକୁ ରାଜ୍ୟସ୍ତରରେ 'ରାଜ୍ୟ ମାତା' ଏବଂ କେନ୍ଦ୍ରସ୍ତରରେ 'ରାଷ୍ଟ୍ରମାତା'ର ମାନ୍ୟତା ଦେବା ସହ ଗୋ-ଚାଲାଣ ଓ ଗୋ-ହତ୍ୟାକୁ ଜାମିନବିହୀନ ଅପରାଧ ଭାବେ ଘୋଷଣା କରିବାକୁ ନିବେଦନ କରାଯାଇଛି। ଏହାସହ ସ୍ୱତନ୍ତ୍ର ଭାବେ କେନ୍ଦ୍ରୀୟ ଗୋକଲ୍ୟାଣ ମନ୍ତ୍ରାଳୟ ଗଠନ କରାଯିବା, ପଞ୍ଚାୟତସ୍ତରରେ ନନ୍ଦିଶାଳା ପ୍ରତିଷ୍ଠା, ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ମଡେଲ ଗୋ-ଅଭୟାରଣ୍ୟ ପ୍ରତିଷ୍ଠା, ରାଜପଥରେ ଗୋ-ବାହିନୀ ଆମ୍ବୁଲାନ୍ସ ମୁତୟନ, ପାଠ୍ୟକ୍ରମରେ ଗୋ-ବିଜ୍ଞାନ ଅନ୍ତର୍ଭୁକ୍ତ କରିବା ଏବଂ ଗୋଚର ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବା ପାଇଁ ଦାବି ହୋଇଛି। ଏନେଇ ତୁରନ୍ତ ସଂସଦ ଏବଂ ରାଜ୍ୟସ୍ତରୀୟ ଆଇନ ପ୍ରଣୟନ କରିବାକୁ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଓ ହିନ୍ଦୁ ଯୁବ ମୋର୍ଚ୍ଚାର କର୍ମକର୍ତ୍ତାମାନେ ଦାବି ଜଣାଇଛନ୍ତି।



# ନୀଳାଦ୍ରୀ ବିଜେ କଲେ ଚତୁର୍ଦ୍ଧା ମୂର୍ତ୍ତି

**ସମ୍ବଲପୁର, ୨୭।୭ (ସମିସ)**

ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ଗତ ୨୪ ତାରିଖ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା ଗୁଣ୍ଡିଚା ଘରେ ସାତ ଦିନ ଧରି ଅବସ୍ଥାନ ପରେ ରଥାରୂଢ଼ ହୋଇ ସ୍ୱମନ୍ଦିରକୁ ଯାତ୍ରାରମ୍ଭ କରିଥିଲେ। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ହରିଶୟନ ଏକାଦଶୀରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହାପରେ ଗତକାଲି ଅଧରପଣା ନୀତି, ରସଗୋଲା ଭୋଗ ଲାଗିପରେ ମହାପ୍ରଭୁ ନିଳାଦ୍ରୀ ବିଜେ କରିଛନ୍ତି। ସମ୍ବଲପୁରର ସମସ୍ତ ୨୭ଟି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥିଲା। ସାମାନ୍ୟ ବର୍ଷା ସତ୍ତ୍ୱେ ଅଧରପଣା ଓ ନିଳାଦ୍ରିବିଜେ ନୀତି ସମୟରେ ଭକ୍ତମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମ୍ବଲପୁରର ସର୍ବପୁରାତନ ଝାଡ଼ୁଆପଡ଼ାର ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ରୀତିନୀତି ଅନୁଯାୟୀ ରଥରୁ ତିନିଠାକୁରଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସମ୍ବଲପୁରର ପୁରାତନ ଝାଡ଼ୁଆପଡ଼ାର ବ୍ରହ୍ମପୁରା, ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାରକୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର





ରାନିମଠ, ଭତରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଲିବଜାର ଗୋପାଳଜୀମଠର ଜଗନ୍ନାଥ, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର ଆଦି ମନ୍ଦିର ସମେତ ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଅଧରପଣା ଓ ନିଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି।

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ୧୨ ଦିନ ଧରି ଚାଲିଥିବା ମହାପ୍ରଭୁଙ୍କ ରଥଯାତ୍ରା ସମାପ୍ତ ହୋଇଛି। ସୋମବାର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରି ରେଢ଼ାଖୋଲ ରାଜବଂଶ ପୃଥିରାଜ ଚନ୍ଦ୍ର ଦେଓ ଜେନାମଣି ଙ୍କୁ ଛେରା ପହଁରା କରିବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ରାଜ ବଂଶାଧିକାରୀ ଆସି ଶ୍ରୀ ଜିଉମାନଙ୍କୁ ପ୍ରଣିପାତ କରି ଛେରାପହଁରା ଅନୁଷ୍ଠିତ ହୋଇ ବ୍ରହ୍ମ ସମାଜ ପକ୍ଷରୁ ସେବାୟତ ମାନଙ୍କ ଦ୍ୱାରା ଗୋଧୂଳି ଲଗ୍ନରେ ହଜାର ହଜାର ଭକ୍ତଙ୍କ ସମାଗମରେ ଘଣ୍ଟ ଶଙ୍ଖ ଦୁଲଦୁଲି ବାଦ୍ୟ ହୁଳହୁଳି ରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇ ପହଣ୍ଡି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂକୀର୍ତ୍ତନ, ନାଚ, ଗୀତରେ ଝୁଲାଇ ଝୁଲାଇ ପହଣ୍ଡି ଯାତ୍ରା କରି ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଲା ପରେ ଲକ୍ଷ୍ମୀ ନାରାୟଣଙ୍କ ମଧ୍ୟରେ କଳି ହେବା ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ମହାସ୍ନାନ ପରେ ଶ୍ରୀ ମନ୍ଦିରରେ ଶ୍ରୀ ଜିଉ ଙ୍କ ରତ୍ନ ସିଂହାସନରେ ବିରାଜମାନ କରିଥିଲେ। ଶେଷରେ ରସଗୋଲା ପ୍ରସାଦ ସେବନ କରି ଭକ୍ତ ମାନେ ଆନନ୍ଦ ଉଲ୍ଲାସ ସହିତ ଘରକୁ ଫେରିଥିଲେ। ଶ୍ରୀ ମନ୍ଦିରକୁ ନିଳାଦ୍ରୀ ବିଜେ ଯାତ୍ରାରେ ବ୍ରହ୍ମ ସମାଜ ପକ୍ଷରୁ ସମସ୍ତ କର୍ମକର୍ତ୍ତା, ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟକର୍ତ୍ତା, ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

# କାଉଡ଼ିଆଙ୍କ ସେବା ପାଇଁ ବାବାଧାମ ଗଲେ ସ୍ୱେଚ୍ଛାସେବୀ

**ସମ୍ବଲପୁର, ୨୭।୭ (ସମିସ) :** 'ମହାକାଳ ସେବା' ସମିତି ତରଫରୁ ୪୦ ଜଣିଆ ଏକ ଯୁବ ସ୍ୱେଚ୍ଛାସେବୀ ଦଳ ବାବାଧାମ କଟୋରିଆ (ବିହାର) ଠାରେ କାଉଡ଼ିଆ ଭକ୍ତମାନଙ୍କ ସେବା କରିବା ପାଇଁ ବାହାରିଛନ୍ତି। ଆସନ୍ତା ଆଗଷ୍ଟ ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହିଠାରେ ନିଃଶୁଳ୍କ ସେବା ଶିବିର ଆୟୋଜନ କରାଯିବ। ୧୦ ଦିନ ଧରି ଲଗାତାର ସେବା ପ୍ରଦାନ କରିବା ପାଇଁ ବାହାରିଥିବା ସମସ୍ତ ସ୍ୱେଚ୍ଛାସେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ କରି ବିହାର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବାବା ଧାମକୁ ପାଣି ଢାଳିବାକୁ ଯାଉଥିବା ହଜାର ହଜାର କାଉଡ଼ିଆ ଭକ୍ତମାନଙ୍କ ପାଇଁ ଏହି ଶିବିରରେ ନିଃଶୁଳ୍କ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଚା', ପାନୀୟ ଜଳ, ସ୍ୱଳ୍ପ ରହଣୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ବ୍ୟବସ୍ଥା କରାଯାଇଛି। ଏହି ଶିବିରରେ ମେଡିକାଲ ସମ୍ପର୍କିତ ମାଗଣା ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି।



ସମ୍ବଲପୁରରୁ ବାବା ଧାମ ଯାଉଥିବା ଭକ୍ତମାନେ ଆସନ୍ତା ଅଗଷ୍ଟ ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ବିହାର, କଟୋରିଆସ୍ଥିତ ସେବା ଶିବିରକୁ ଆସି ସେବା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଯେଉଁ ଶ୍ରଦ୍ଧାଳୁ କିମ୍ବା ସମାଜସେବୀ ଏହି ମହତ୍ କାର୍ଯ୍ୟରେ ସ୍ୱେଚ୍ଛାସେବୀ ଭାବେ ସାମିଲ ହେବାକୁ ଇଚ୍ଛୁକ, ସେମାନେ ଶିବିରରେ ପହଞ୍ଚି ସେବା କାର୍ଯ୍ୟରେ ଯୋଗଦାନ କରିପାରିବେ ବୋଲି ମହାକାଳ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ହୀରାକୁଦର ୨ ଗେଟ୍ ଖୋଲା, ଜଳସ୍ତର ୬୧୧.୭୭ ଫୁଟ୍

**ସମ୍ବଲପୁର, ୨୭।୭ (ସମିସ) :** ଉପରମୁଣ୍ଡରେ ବର୍ଷା ଏବଂ ହୀରାକୁଦ ଜଳଭଣ୍ଡାରରେ ଜଳ ପ୍ରବେଶ ପରିମାଣ ହ୍ରାସ ପାଇବାପରେ ଗତକାଲି ୪ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ଆଜି ଆଉ ୬ଟି ଗେଟ୍ ବନ୍ଦ କରାଯାଇଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ହୀରାକୁଦ ଜଳସ୍ତର ୬୧୧.୭୭ ଫୁଟ୍‌କୁ ଖସିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା। ଅନ୍ୟପକ୍ଷରେ, ହୀରାକୁଦ ନଦୀବନ୍ଧର ରୁଲ୍ କର୍ଭ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୭ ଫୁଟ୍ ରହିବା ଆବଶ୍ୟକ। ଗତବର୍ଷ ୨୦୨୫ ମସିହା ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୪.୦୪ ଫୁଟ୍ ରହିଥିଲା। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୭୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୩୯, ୩୦୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୩, ୦୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୦, ୦୦୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୨୯୬୮୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୧୩୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୧, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧, ୨୪, ୪୨୪ କ୍ୟୁସେକ୍, ଖଇରମାଲଠାରେ ୪, ୫୪, ୦୦୦ କ୍ୟୁସେକ୍, ବାରମୁଲଠାରେ ୪, ୯୮, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬, ୦୨, ୭୫୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୦.୨୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫୧.୬୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ଟ୍ରେଲର ପଛରେ ଧକ୍କା ଦେଲା ହାଇୱା; ଜଣେ ମୃତ

**ରେଢ଼ାଖୋଲ, ୨୭।୭(ସମିସ):** ସମ୍ବଲପୁର କଟକ ୫୫ ନମ୍ବର ଜାତୀୟ ରାଜପଥ ରେଢ଼ାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଆସ୍ ବୋଝେଇ ହାଇୱା ଏକ ଟ୍ରଲ୍‌ର ପଛ ପଟରେ ଜୋରରେ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ସାନବାଗା ଗ୍ରାମର ବାସିନ୍ଦା ବଳରାମ ପ୍ରଧାନ। ଏହି ଦୁର୍ଘଟଣା ପରେ ସ୍ଥାନୀୟଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକ ବଳରାମଙ୍କୁ ଗାଡି ଭିତରୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ମୃତ ଦେହକୁ ଜବତକରି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ରେଢ଼ାଖୋଲ, ୨୭।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସଭାଗୃହ ଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୩୨ ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୧୪ ଟି ଓ ଗୋଷ୍ଠୀଗତ ୧୮ ଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ବିଶେଷ କରି ଆବାସ ଯୋଜନାରେ ଗୃହ ବଣ୍ଟନ ଅନିୟମିତତା, ସଠିକ୍ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଭିଯୋଗ ସମେତ ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ରହିଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରସନ୍ନ ପାତ୍ର, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ଏସ୍‌ଡିପିଓ ରଜନୀକାନ୍ତ ମିଶ୍ର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ପ୍ରମୁଖ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହିଥିଲେ।

# ୱାର୍ଲ୍ଡ ଓର୍‌ସିପ ଫାଉଣ୍ଡେସନର ଚାରାରୋପଣ

**ସମ୍ବଲପୁର, ୨୭।୭(ସମିସ):** ୱାର୍ଲ୍ଡ ଓରସିପ ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗ ଦେଇଥିଲେ। ୫୦୦ରୁ ଅଧିକ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲେ। କାର୍ଯ୍ୟକ୍ରମରେ ଓଏସଓୟୁର ରେଜିଷ୍ଟ୍ରାର ଡ. ଚିତ୍ତରଞ୍ଜନ ସାହୁ, ଷ୍ଟୋର ପରିଚାଳକ ଜ୍ୟୋତି ପ୍ରକାଶ ପଣ୍ଡା, ଫାଉଣ୍ଡେସନର ସଭାପତି ବ୍ରଜମୋହନ ଗୋଏଲ, ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ, କୋଷାଧ୍ୟକ୍ଷ ବିମଳା ଦେବୀ ଗୋଏଲ ଓ ବୈଷୟିକ ପରିଚାଳକ ଇଂ ପ୍ରିନ୍ସ ଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ।




# ମାତୃ-ଶିଶୁ ମୃତ୍ୟୁ ଘଟଣା

## ସମ୍ବଲପୁରରେ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ସମୀକ୍ଷା

**ସମ୍ବଲପୁର, ୨୭।୭ (ସମିସ) :** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ବଲପୁର ଜିଲ୍ଲାରେ ମାତୃ-ଶିଶୁ ମୃତ୍ୟୁ ରୋକିବାକୁ ଡାକ୍ତରଖାନା ପରଦର୍ଶନ ଓ ସମୀକ୍ଷା କରାଯାଉଛି। ଏକ ୧୦ରୁ ୧୨ ଜଣିଆ ଟିମ୍ ଭିମ୍‌ସାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ଯାଞ୍ଚ ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୨ ମାସ ତଳେ ଭିମ୍‌ସାରରେ ୬ ଦିନରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ତଦନ୍ତ କରିଥିଲେ ମଧ୍ୟ ରିପୋର୍ଟ ସାର୍ବଜନୀନ ହୋଇ ନ ଥିଲା। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଭିମ୍‌ସାରର ଶିଶୁରୋଗ ବିଭାଗ ଓ ସ୍ୱତନ୍ତ୍ର ନବଜାତକ ଯତ୍ନ ୟୁନିଟ୍ (ଏସ୍‌ଏନ୍‌ସିୟୁ) ପରିଦର୍ଶନ କରିଥିଲେ। ଡା. ଆଶୁତୋଷ ଗୌତମ ଓ ଡା. ହୀରାଲାଲ ନାୟକ ମଧ୍ୟ ଉପସ୍ଥିତ ଥିଲେ। ନବଜାତକଙ୍କ ଚିକିତ୍ସା, ୱାର୍ଡରେ ପରିମଳ ସ୍ୱଚ୍ଛତା, ଯତ୍ନ ସମୟରେ ଦାୟିତ୍ୱବୋଧ, ଆଧୁନିକ ଚିକିତ୍ସା ବ୍ୟବସ୍ଥା ଆଦି ଯାଞ୍ଚ କରିଥିଲେ। ଭିମ୍‌ସାର ପରେ ଉକ୍ତ ଟିମ୍ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାରେ ମଧ୍ୟ ଶିଶୁରୋଗ ବିଭାଗ ଓ ଏସ୍‌ଏନ୍‌ସିୟୁ ତନ୍ନତନ୍ନ କରି ତଦାରଖ କରିଥିଲେ। ସାରା ଜିଲ୍ଲାରେ ଆସିଥିବା ଦଳର ସଦସ୍ୟମାନେ ସୁବିଧା ଅସୁବିଧା ଯାଞ୍ଚ କରିବାସହ ତଥ୍ୟ ସଂଗ୍ରହ କରୁଛନ୍ତି। ଆସନ୍ତାକାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ (ସିଡିଏମ୍‌ଓ)ରେ ସଂଗୃହୀତ ତଥ୍ୟ ସହିତ ବିସ୍ତୃତ ସମୀକ୍ଷା ବୈଠକ ହେବ ବୋଲି ସୂଚନା ମିଳିଛି।

# କବାଡ଼ି ଚାମ୍ପିଅନ୍‌ସିପ୍‌ରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ତୃତୀୟ

**ସମ୍ବଲପୁର, ୨୭।୭ (ସମିସ):** ଛତିଶଗଡ଼ଠାରେ ଆୟୋଜିତ ସିବିଏସ୍‌ଇ କ୍ଲଷ୍ଟର କବାଡ଼ି ଚାମ୍ପିଅନ୍‌ସିପ୍‌ରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଦ୍ୱିତୀୟ ରନର୍ସ-ଅପ୍ (ତୃତୀୟ ସ୍ଥାନ) ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଓ ସମ୍ମାନ ଆଣିଛି। ସମଗ୍ର ପ୍ରତିଯୋଗିତାରେ ବୈଦିକ ଦଳର ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ୨୬-୨୧ ସ୍କୋରରେ ଅଳ୍ପ ବ୍ୟବଧାନରେ ବିଜୟରୁ ବଞ୍ଚିତ ହୋଇଥିଲା। ବୈଦିକ ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ, ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ଏବଂ ସମସ୍ତ କର୍ମଚାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରଶିକ୍ଷକ ଓ ମାର୍ଗଦର୍ଶକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ଦଳର କଠିନ ପରିଶ୍ରମ, ଅଦମ୍ୟ ସଂଘର୍ଷମୟ ମନୋଭାବ ଓ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ। ସମଗ୍ର ବୈଦିକ ପରିବାର ଏହି ଯୁବ ଚାମ୍ପିଅନ୍‌ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତାଗୁଡ଼ିକରେ ଆହୁରି ବଡ଼ ସଫଳତା କାମନା କରୁଛି।




# ସମ୍ବଲପୁର ଲାୟନ୍ସ କ୍ଲବ୍‌ର ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୨୭।୭ (ସମିସ) :** ସମ୍ବଲପୁର ଲାୟନ୍ସ କ୍ଲବ୍‌ର ୬୫ତମ ପ୍ରତିଷ୍ଠା ଦିବସ ଅଇଁଠାପାଲି ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଲାୟନ୍ସ କ୍ଲବ ସମ୍ବଲପୁର ସଭାପତି ଭାବେ ସୁନୀଲ ଅଗ୍ରୱାଲ, ସାଧାରଣ ସମ୍ପାଦକ ଭାବେ ଅଶ୍ୱିନୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ ସୁନିଲ ମାସନ୍ଦ ମନୋନୀତ ହୋଇଛନ୍ତି। ଏହି ଅବସରରେ ନୂତନ କମିଟି ସମ୍ବଲପୁରବାସୀଙ୍କ ପାଇଁ ଅନେକ ସେବାକାରୀ କାର୍ଯ୍ୟକଳାପ କରିବାନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଆସନ୍ତା ମାସ ୮ ଓ ୯ ତାରିଖ କର୍କଟରୋଗ ସଚେତନତା କାର୍ଯ୍ୟକ୍ରମ ଲାୟନ୍ସ କ୍ଲବଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଲାଠ, ରାଜେନ୍ଦ୍ର ଶର୍ମା, ସଞ୍ଜୟ ଗୁପ୍ତା, ଶଙ୍କର ଅଗ୍ରୱାଲ, ଶୀଧେଶ ଅଗ୍ରୱାଲ, କିଶନ ଅଗ୍ରୱାଲା, ଶିଶ୍ରାମ ଅଗ୍ରୱାଲ, ବିଜୁ ବାଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।

# ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୭।୭(ସମିସ):** ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠରେ ରବିବାର ସନ୍ଧ୍ୟାରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଭଜନସନ୍ଧ୍ୟାକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ ଶୁଭାରମ୍ଭ କରିଥିଲେ। କଣ୍ଠଶିଳ୍ପୀ ବିଭୁତିଭୂଷଣ ପଟ୍ଟନାୟକ, ରଞ୍ଜନ କୁମାର ନନ୍ଦ, ବଳରାମ ମାଝୀ, ସୁନୀତି ବେହେରା, ଜ୍ୟୋତିର୍ମୟୀ ବେହେରା ଓ ତନୁଶ୍ରୀ ବେହେରା ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥୀ ସିଂହଦେଓ, କୃଷ୍ଣ ଚନ୍ଦ୍ର ବାଗ, କ୍ଷିତିଶ ଚନ୍ଦ୍ର ବାଗ, ସୁମିତ ପ୍ରଧାନ, ହରିବନ୍ଧୁ ବେହେରା ଓ ସୁରେନ୍ଦ୍ର ଖଟେଇ ପ୍ରମୁଖ ସହଯୋଗ କରିଥିଲେ। ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ତ୍ରିଲୋଚନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଅଜମେରିଆ ତଥା ବିଶିଷ୍ଟ ଶିକ୍ଷାବିତ ଡ. ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ କୁମାର ସାହୁ, ସୁଶାନ୍ତ ମିଶ୍ର, ସୁଶୀଲ ଦାସ, ଜୟକୃଷ୍ଣ ବେହେରା, ମଳୟ ଭୋଇ ଓ ଦୀପାଳି ଚୌଧୁରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୨୭।୭ (ସମିସ)**

ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ସାଂସଦ ଓ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଭଟଲିର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ସୁଶାନ୍ତ ସିଂହଙ୍କ ବିୟୋଗ ରାଜନୈତିକ ଓ ସାମାଜିକ ଆନ୍ଦୋଳନରେ ଏକ ଅପୂରଣୀୟ କ୍ଷତି। ଅତି କମ୍ ବୟସରୁ ସାମାଜିକ କାର୍ଯ୍ୟକ୍ରମ ତଥା ଯୁବ ଆନ୍ଦୋଳନ ପ୍ରତି ତାଙ୍କ ସମର୍ପିତ ମନୋଭାବ ପରବର୍ତ୍ତୀକାଳରେ ତାଙ୍କ ନେତୃତ୍ୱକୁ ଅଧିକ ବଳିଷ୍ଠ କରିଥିଲା। ଗାଁଗଣ୍ଡାର ସାଧାରଣ ଦୁଃଖୀ ମଣିଷର ସେବାରେ ସେ ନିଜକୁ ସମର୍ପିତ କରିଦେଇଥିଲେ। ଜଣେ ସଂଘର୍ଷଶୀଳ ଯୁବନେତାଭାବରେ ଅନ୍ୟାୟ ଓ ଅବିଚାରର ସେ ଦୃଢ଼ ବିରୋଧ କରୁଥିଲେ। ଦୀର୍ଘ ଅସୁସ୍ଥତାପରେ ଏତେ କମ ବୟସରୁ ତାଙ୍କର ବିୟୋଗ ଆମ ସମସ୍ତଙ୍କୁ ମର୍ମାହତ କରିଛି। ଶ୍ରୀ ଆଚାର୍ଯ୍ୟ ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି।

ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ଶୋକପ୍ରକାଶ କରି ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ, ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସୁଶାନ୍ତ ସିଂଙ୍କ ଦେହାନ୍ତ ଖବର ଗଭୀର ଭାବରେ ବ୍ୟଥିତ କରିଛି। ଓଡ଼ିଶା ଆଜି ଜଣେ ଦକ୍ଷ ରାଜନେତା, ସଂଗଠକ ତଥା ଜନସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ନେତାଙ୍କୁ ହରାଇଛି। ତାଙ୍କ ସହିତ ଦୀର୍ଘ ସମୟ ଧରି କାର୍ଯ୍ୟ କରିବାର ଅନେକ ଅନୁଭୂତି ଏବଂ ସ୍ମୃତି ରହିଛି। ସ୍ୱର୍ଗତ ସିଂଙ୍କ ବିୟୋଗରେ କେବଳ ତାଙ୍କ ପରିବାର ତଥା ଦଳ ପାଇଁ ନୁହେଁ, ରାଜ୍ୟର ଅପୂରଣୀୟ କ୍ଷତି ଘଟିଛି। ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି ଏବଂ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ମା' ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଏକ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗୀୟ ସୁଶାନ୍ତ ସିଂ ସାମାଜିକ କାର୍ଯ୍ୟକର୍ତ୍ତା ଭାବରେ ନିଜକୁ ଗଢ଼ି ଦଳୀୟ ରାଜନୀତିରେ ଯୋଗ ଦେଇଥିଲେ। ପରେ ବିଧାୟକ ଓ ମନ୍ତ୍ରୀ ହୋଇ ରାଜ୍ୟରେ ବିଶେଷ ପ୍ରଭାବଶାଳୀ ହୋଇଥିଲେ। ଜନସାଧାରଣଙ୍କ ସମସ୍ୟା ସହିତ ନିଜକୁ ସବୁବେଳେ ଜଡ଼ିତ କରୁଥିଲେ ଏବଂ ସମାଧାନ ପାଇଁ ଉଦ୍ୟମ କରୁଥିଲେ। ତାଙ୍କ ପରି ପ୍ରଭାବଶାଳୀ ସାଂଗଠନିକ ଦକ୍ଷତା ଥିବା ବ୍ୟକ୍ତି ସବୁବେଳେ ସ୍ମରଣୀୟ ହୋଇ ରହିବେ। ଶ୍ରୀ ମହାନ୍ତି ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗୀୟ ସୁଶାନ୍ତ ସିଂଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରି ତାଙ୍କର ଅକାଳ ବିୟୋଗ ଅତି ଦୁଃଖଦାୟକ ଘଟଣା ବୋଲି କହିଛନ୍ତି। ସେ ଶୋକବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗୀୟ ସୁଶାନ୍ତ ସିଂ ଦଳୀୟ ସଂଗଠନ ନିମନ୍ତେ କଠିନ ପରିଶ୍ରମ କରି ପଶ୍ଚିମ ଓଡ଼ିଶାର ଦଳର ସଂଗଠନକୁ ସୁଦୃଢ଼ କରିଥିଲେ। ଜଣେ ମନ୍ତ୍ରୀ ଭାବରେ ସାଧାରଣ ଲୋକଙ୍କ ସହିତ ମିଶି ସେମାନଙ୍କ ସମସ୍ୟାର ସମାଧାନ କରିବାରେ ନିଜକୁ ନିୟୋଜିତ କରୁଥିଲେ। ତାଙ୍କର ସାଂଗଠନିକ ଦକ୍ଷତା ଓ କଠିନ ପରିଶ୍ରମ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମହାନ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ହୀରାଲାଲଙ୍କ ଶୋକ

**ସମ୍ବଲପୁର:** ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ରାଜନେତା ସୁଶାନ୍ତଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ମା' ସମଲେଶ୍ୱରୀଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୭।୭(ସମିସ):** ଧମା ଥାନା ପୁଲିସ ଘରୁ ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛି ଧମା ଥାନା ସୁବନପୁରର ଅମିତ ବାଗ(୨୨)। ଆଜି ସକାଳୁ ଧମା ଥାନା ଅନ୍ତର୍ଗତ ହରିଜନ ପଡ଼ାର ଏକ ଘରୁ କବାଟ ଭାଙ୍ଗି ମୋବାଇଲ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ୩ଟି ମୋବାଇଲ, ୪୧୦୦ ନଗଦ ଟଙ୍କା, ୪ଟି ଏଟିଏମ, ଗୋଟାଏ ବ୍ୟାଗ ଓ ପର୍ସ ଜବତ କରିଛି।

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।

-ଦଲାଇ ଲାମା

ସକାଳ
THE SAKALA

## ମାଆକୁ ବଳି!

ଦେଶର ଶିକ୍ଷା ବ୍ୟବସ୍ଥାରେ ଚରମ ବିଭ୍ରାଟ୍, ବ୍ୟତିକ୍ରମ ଓ ଭ୍ରଷ୍ଟାଚାର ଅଭିଯୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍‌ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ସଂଗଠିତ ଆନ୍ଦୋଳନ ଅଭୂତପୂର୍ବ ଜନସମର୍ଥନ ଲାଭ କରି ଚମକ୍‌ପ୍ରଦ ସଫଳତା ହାସଲ କରିଛି। ଏହାର ପ୍ରଭାବ ଦୀର୍ଘଦିନ ପର୍ଯ୍ୟନ୍ତ ଦେଶର ଅନ୍ୟାନ୍ୟ ଦୁର୍ନୀତି ବିରୋଧୀ ଆନ୍ଦୋଳନକୁ ପ୍ରେରଣା ଯୋଗାଇବ। କିନ୍ତୁ ଏହି କୋଳାହଳ ମଧ୍ୟରେ ଦେଶର ଅନ୍ୟ ଦୁଇଟି ସ୍ଥାନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଆନ୍ଦୋଳନ ଲୁଚି ଯାଇଛି, ଯାହା ବିଷୟରେ ଗଣମାଧ୍ୟମରେ ଯଥାଯଥ ଆଲୋଚନା ହୋଇନାହିଁ କି ଅବଶିଷ୍ଟ ଭାରତବାସୀଙ୍କ ଲୋକଲୋଚନକୁ ଆସିନାହିଁ।

ଉତ୍ତରାଖଣ୍ଡର ଡେରାଡୁନ୍ ଜିଲ୍ଲାର ଭାନିଆୱାଲା-ଋଷିକେଶ ଛଅଲେନ୍ ସଡ଼କ ପଥ ନିର୍ମାଣ ପାଇଁ ୪୩୬୯ଟି ବୃହତ୍ ବୃକ୍ଷ ଛେଦନ ଯୋଜନା ଚୂଡ଼ାନ୍ତ ହୋଇସାରିଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଲୋକମାନେ 'ଚିପ୍‌କୋ ଆନ୍ଦୋଳନ' ଭଳି ଦୀର୍ଘଦିନ ଧରି ନିରବ ଓ ପ୍ରତୀକାତ୍ମକ ପ୍ରତିବାଦ ଜାରି ରଖିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ଡେରାଡୁନ୍‌ର ୪୬ ହଜାର ହେକ୍ଟର ଜଙ୍ଗଲ ଜମି ସଡ଼କ, ଖଣି ଆଦି ବିଭିନ୍ନ ଭିତ୍ତିଭୂମି ବିକାଶ ଲାଗି କିସମ ପରିବର୍ତ୍ତନ କରାଯାଇସାରିଲାଣି। ଦ୍ୱିତୀୟ ବିକ୍ଷୋଭ ସଂଘଟିତ ହୋଇଛି ମଧ୍ୟପ୍ରଦେଶରେ। ୪୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା କେନ୍-ବେଟ୍‌ୱା ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଆଦିବାସୀମାନେ ଦୀର୍ଘଦିନ ଧରି ଧାରଣାରେ ବସିଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅମିତ୍ ଭଟ୍ଟନାଗର ୧୮ ଦିନର ଆମରଣ ଅନଶନ ପରେ ପ୍ରଶାସନ ବାଧ୍ୟ ହୋଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛି। ଏହି ପ୍ରକଳ୍ପ ଦ୍ୱାରା ସେମାନେ ଭିଟାମାଟି ହରାଇବା ସହିତ ବ୍ୟାପକ ପରିମାଣର ପ୍ରାକୃତିକ ଜଙ୍ଗଲ କ୍ଷୟ ହେବାର ଆଶଙ୍କା ରହିଛି।

ଉପରୋକ୍ତ ଦୁଇଟି ଯାକ ଆନ୍ଦୋଳନ/ପ୍ରତିବାଦ/ବିକ୍ଷୋଭର କୌଣସି ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ବିଜଡ଼ିତ ନୁହେଁ, ବରଂ ପ୍ରକୃତିର ସନ୍ତାନ ସେମାନଙ୍କ ପ୍ରକୃତି ମାଆର ସୁରକ୍ଷା ପାଇଁ ସଂଗ୍ରାମ ଆରମ୍ଭ କରିଛନ୍ତି। ପ୍ରକୃତିର ବିନାଶରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଦିନକୁ ଦିନ ଉଗ୍ର ହେଉଛି। ଗତ କିଛିବର୍ଷ ହେଲା ଉତ୍ତରାଖଣ୍ଡ କିଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି ତାହା ଆମେ ଦେଖିଆସୁଛେ। ଏହାର ଏକମାତ୍ର କାରଣ ହେଉଛି ମନୁଷ୍ୟକୃତ ଅପରିଣାମଦର୍ଶୀ ବିକାଶ। ଏତେ ବିପର୍ଯ୍ୟୟ ପରେ ମଧ୍ୟ ସରକାର ଚେତୁ ନାହାନ୍ତି। ପ୍ରକୃତିକୁ ବିନାଶ କରିବାର ଧାରା ଜାରି ରହିଛି। ଏବେ ଯେତିକି ପରିମାଣର ଗଛ ବଳି ପଡ଼ିବାକୁ ଯାଉଛି ତାହାର ପରିଣାମ ମଧ୍ୟ ସହଜେ ଅନୁମେୟ। ଏହାର ନିରାକରଣ ଦାୟିତ୍ୱ ନୀତି ନିର୍ଦ୍ଧାରକ ଓ ସରକାରମାନଙ୍କର। କିନ୍ତୁ ସେମାନେ ଉଦାସୀନ ଥିବା ବେଳେ ସାଧାରଣ ଜନତା ପ୍ରକୃତି ପ୍ରତି କୃତଜ୍ଞତା ଓ ମାନବ ସଭ୍ୟତାର ସୁରକ୍ଷା ପାଇଁ ନୈତିକତା ଦୃଷ୍ଟିରୁ ଯଥାସମ୍ଭବ ଉଦ୍ୟମ କରୁଛନ୍ତି। 'ଏକ ପେଡ୍ ମାଆ କି ନାମ(ମାଆ ନାମରେ ଗଛଟିଏ ପୋତିବା)' ପାଇଁ ସରକାର ନାରା ଦେଉଥିବା ବେଳେ ଶାସନ/ପ୍ରଶାସନର ଏତାଦୃଶ ବୃକ୍ଷଛେଦନ କାର୍ଯ୍ୟ ବିକାଶ ଓ ଆଧୁନିକତା ନାମରେ ମାଆକୁ ବଳି ପକାଇବା ଭଳି ନୁହେଁ କି?

ଆଧୁନିକତା ନାମରେ ପ୍ରକୃତି ମାଆର ବଳିଦାନ କେବଳ ଏହି ଦୁଇସ୍ଥାନରେ ସୀମିତ ନାହିଁ। ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ପ୍ରାୟ ୨ ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ସେହିପରି ଗ୍ରେଟ୍ ନିକୋବରରେ ବିମାନବନ୍ଦର, ସହରାଞ୍ଚଳ ଓ ଅନ୍ୟାନ୍ୟ ବିକାଶ ନାମରେ ୧୦ ଲକ୍ଷ ଗଛ ବଳି ଦେବାକୁ ଯାଉଛନ୍ତି। ଏପରିକି ୨୦୨୩ ଶେଷ ସୁଦ୍ଧା ଛତିଶଗଡ଼ର ସମ୍ପୃକ୍ତ ଅଞ୍ଚଳରୁ ପ୍ରାୟ ୯୫ ହଜାର ଗଛ କଟା ସରିଛି। ଗ୍ରେଟ୍ ନିକୋବର ଦ୍ୱୀପରେ ପାଖାପାଖି ୧୩୧ ବର୍ଗକିଲୋମିଟରର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି। ଓଡ଼ିଶାର ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ବ୍ଲକକୁ ତେଲଙ୍ଗାନାର ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯିବା ପରେ ସମ୍ପୃକ୍ତ କମ୍ପାନୀ ସେଠାରେ ଖଣିଜ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଯାଉଛି, ଯେଉଁଥିପାଇଁ ଏକ ବିସ୍ତୃତ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମି ବଳି ପଡ଼ିବ ବୋଲି ଅଭିଯୋଗ ହେଉଛି। ହାଇଦ୍ରାବାଦ୍‌ରେ ଏକ ବିଶ୍ୱବିଦ୍ୟାଳୟ ସଂଲଗ୍ନ ୪୦୦ ଏକର ଜମିକୁ ଏକ ଘରୋଇ ସଂସ୍ଥାକୁ ଦେବା ପାଇଁ ବ୍ୟାପକ ବୃକ୍ଷ-ବଳିଦାନ ପର୍ବ ଆରମ୍ଭ ହୋଇଥିଲା। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ରାତିରେ ଏହି କାମ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ସାମାଜିକ ଓ ପରିବେଶ କର୍ମୀଙ୍କ ପ୍ରବଳ ବିରୋଧ ଓ ଅନଶନ ଯୋଗୁଁ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବୃକ୍ଷ-ବଳି(ମାଆକୁ ବଳି) କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ରିପୋର୍ଟ ଅନୁଯାୟୀ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି। ୨୦୧୬ ରୁ ୨୦୧୯ ରେ ଦ୍ୱିଗୁଣ ଗଛ କଟା ହୋଇଛି। କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି। ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି।

ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତବର୍ଷ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷରେ ୧୧ଜଣଙ୍କ ଜଙ୍ଗଲକ୍ଷୟ ଯୋଗୁଁ ଜୀବନ ହାନି ଘଟିଛି। ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ବିକାଶ ନାଁରେ ପ୍ରକୃତି ମାଆର ବଳିଦାନ ଦେଉଥିବା ସନ୍ତାନ କୁପୁତ୍ର ପଦବାଚ୍ୟ।

## ମୃତ୍ୟୁଶଯ୍ୟାରେ ଜୀବନରେଖା

ଡକ୍ଟର ପ୍ରଦୀପ କୁମାର ରଥ

ନଦୀ କେବଳ ଏକ ଜଳ ପ୍ରବାହ ନୁହେଁ, ଏହା ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ଗ୍ରାମୀଣ ଅର୍ଥନୀତିର ପ୍ରାଣବିନ୍ଦୁ। ଯେଉଁ ମହାନଦୀ କୂଳରେ ଦିନେ ସାଧବ ପୁଅଙ୍କ ନୌବାଣିଜ୍ୟର ଗୌରବମୟ ଇତିହାସ ଗଢ଼ିଉଠିଥିଲା ଏବଂ ଦୟା ନଦୀର ତଟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ, ଆଜି ସେହି ପବିତ୍ର ଜୀବନରେଖାଗୁଡ଼ିକ ଶିଳ୍ପାୟନ, ସହରୀକରଣ ଏବଂ ମାନବୀୟ ସ୍ୱାର୍ଥପରତା ଯୋଗୁଁ 'ବିଷାକ୍ତ ଶିରାପ୍ରଶିରା'ରେ ପରିଣତ ହୋଇ ଏକ ନିରବ ହୃଦ୍‌ଘାତର ସମ୍ମୁଖୀନ ହେଉଛନ୍ତି। ଏହି ସାଂଘାତିକ ପରିବେଶ ଓ ଜରୁରୀକାଳୀନ ପରିସ୍ଥିତି କେବଳ ପ୍ରକୃତିକୁ ନଷ୍ଟ କରୁନାହିଁ, ବରଂ ରାଜ୍ୟର କୃଷି, ଗ୍ରାମୀଣ ଜୀବିକା ଓ ରାଜସ୍ୱ ଉପରେ ଏକ ବଡ଼ ଆଘାତ ସଦୃଶ ସାମ୍ନାକୁ ଆସିଛି, ଯାହା ଉପରେ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି ହେବ।



କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ପ୍ରତି ରିପୋର୍ଟ ଅନୁସାରେ ଓଡ଼ିଶାର ୧୯ରୁ ଅଧିକ ପ୍ରମୁଖ ନଦୀ ଅବବାହିକା ଗୁରୁତର ଭାବେ ପ୍ରଦୂଷିତ। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ରାଜ୍ୟର ପ୍ରମୁଖ ୧୧ଟି ନଦୀରେ ଥିବା ୧୨୯ଟି ଜଳ ମନିଟରିଂ ଷ୍ଟେସନ ମଧ୍ୟରୁ ୯୩ଟି ସ୍ଥାନରେ ଜଳ ମାନବ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ସ୍ୱଚ୍ଛ ଜଳ ପାଇଁ ବାୟୋକେମିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି)ର ସୀମା ଲିଟର ପିଛା ୩ ମିଲିଗ୍ରାମରୁ କମ୍ ରହିବା ଉଚିତ। ମାତ୍ର ମହାନଦୀ, ବ୍ରାହ୍ମଣୀ, କାଠଯୋଡ଼ି ଓ ଦୟା ନଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହା ୧.୮ ରୁ ୩୯ ମିଲିଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି। ଅନୁରୂପ ଭାବେ ଭୁବନେଶ୍ୱରର ଗଙ୍ଗୁଆ ନାଳ, ଯେଉଁଠି ଦୟା ନଦୀ ସହ ମିଶୁଛି, ସେଠାରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ କଲିଫର୍ମ ଜୀବାଣୁର ମାତ୍ରା ନିର୍ଦ୍ଧାରିତ ସୀମା ୫୦୦ ଏମ୍‌ପିଏନ୍ ତୁଳନାରେ ୬୦, ୦୦୦ ରୁ ୭୪, ୦୦୦ ଏମ୍‌ପିଏନ୍ ପର୍ଯ୍ୟନ୍ତ ରେକର୍ଡ କରାଯାଇଛି। ଏହା ଚରମ ବିପଦର ସଙ୍କେତ ଦେଉଛି।

ଏହି ଜଳ ସଙ୍କଟ ଆମ କୃଷି ଓ ଖାଦ୍ୟ ସୁରକ୍ଷାକୁ ସମ୍ପୂର୍ଣ୍ଣ ଉଜୁଡ଼ାଇବାକୁ ଯାଉଛି। ରାଜ୍ୟର ଅଧାରୁ ଅଧିକ ଜିଲ୍ଲାର କୃଷି କାର୍ଯ୍ୟ ଏହି ନଦୀଜଳ ଉପରେ ହିଁ ନିର୍ଭର କରିଥାଏ। ଶିଳ୍ପାଞ୍ଚଳରୁ ବାହାରୁଥିବା ଅମ୍ଳଯୁକ୍ତ ରସାୟନ କ୍ଷେତକୁ ଯିବା ଫଳରେ ମାଟିର ପିଏଚ୍ ସ୍ତର ବିଗିଡ଼ି ଜମିଗୁଡ଼ିକ ଧୀରେ ଧୀରେ ବନ୍ଧ୍ୟା ପାଲଟୁଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ-ଗୋବରୀ ଜଳପଥ ପୋତି ହୋଇଯିବା ଫଳରେ ୫ ହଜାର ଏକରରୁ ଅଧିକ ଚାଷ ଜମିରେ ପାରମ୍ପରିକ ଭାବେ ହେଉଥିବା ତିନିପ୍ରକାର ଫସଲ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ମହାନଦୀ ଶଯ୍ୟା ଶୁଖି ବାଲିଚର ପାଲଟିଯିବାରୁ ଚାଷ କାର୍ଯ୍ୟ ଗଭୀର ଭାବେ ବାଧାପ୍ରାପ୍ତ ହୋଇଛି। ଏଥିସହ ନଦୀ ଜଳରେ ଥିବା ସୀସା ଓ କ୍ୟାଡମିୟମ ଭଳି ଭାରୀ ଧାତୁ ଧାନ ଓ ପନିପରିବା ମାଧ୍ୟମରେ ମାନବ ଖାଦ୍ୟ ଶୃଙ୍ଖଳକୁ ପ୍ରବେଶ କରୁଛି। ନଦୀରେ ଅତ୍ୟଧିକ ପ୍ଲାଷ୍ଟିକ୍ ଓ ଶିଳ୍ପ ବର୍ଜ୍ୟବସ୍ତୁ ଯୋଗୁଁ ସରକାରୀ ଉଠା ଜଳସେଚନ ପ୍ରକଳ୍ପର ଯନ୍ତ୍ରାଂଶଗୁଡ଼ିକ ବାରମ୍ବାର ନଷ୍ଟ ହେଉଛି, ଯାହା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

ନଦୀର ଏହି ଦୁର୍ଦ୍ଦଶା ଗ୍ରାମୀଣ ଜୀବିକାକୁ ଛାରଖାର କରିବା ସହ ବ୍ୟାପକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ନଦୀ ପ୍ରଦୂଷଣ ଯୋଗୁଁ ଜଳଜୀବଙ୍କ ବଂଶ ନଷ୍ଟ ହେଉଥିବାରୁ ପାରମ୍ପରିକ ମତ୍ସ୍ୟଜୀବୀମାନେ ରୋଜଗାର ହରାଉଛନ୍ତି। ପୁରୀ ଜିଲ୍ଲାର ଜଗୁଲାଇପାଦର ଏବଂ ନୂଆଦୋକନ୍ଦା ଭଳି ନଦୀତଟବର୍ତ୍ତୀ ଗ୍ରାମର ଶତାଧିକ ପରିବାର ଆଜି ମାଛ ନମିଳିବାରୁ ବାଧ୍ୟ ହୋଇ ଗୁଜୁରାଟ, କେରଳ ଓ ବେଙ୍ଗାଲୁରୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ପ୍ରବ୍ରଜନ କରୁଛନ୍ତି। ଅନ୍ୟପଟେ ଇବ୍ ନଦୀ ଛତିଶଗଡ଼ର ଉପରମୁଣ୍ଡ ବ୍ୟାରେଜ ଯୋଗୁଁ ଫେବ୍ରୁୟାରୀରୁ ଶୁଖିଯାଉଥିବାରୁ ତଟବର୍ତ୍ତୀ ଦିନମଜୁରିଆ ଏବଂ ସାଧାରଣ ଶ୍ରମିକମାନେ କାମଧନ୍ଦା ହରାଉଛନ୍ତି। କେବଳ ସେତିକି ନୁହେଁ, ବିଷାକ୍ତ ପାଣି ଯୋଗୁଁ ମାରାତ୍ମକ ଜୀବାଣୁ ଓ ଚର୍ମରୋଗ ବ୍ୟାପକ ହେଉଛି। ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ପ୍ରଦୂଷିତ ଦୟା ନଦୀଜଳ ବ୍ୟବହାର କରି ଗତବର୍ଷ ଅନେକ ଲୋକ ପ୍ରାଣ ହରାଇବା ସହ ଶତାଧିକ ଆକ୍ରାନ୍ତ ହୋଇଥିଲେ, ଯାହାକୁ ନେଇ ଓଡ଼ିଶା ମାନବାଧିକାର କମିଶନ ମୃତକଙ୍କ ପରିବାରକୁ କ୍ଷତିପୂରଣର ନିର୍ଦ୍ଦେଶ ଦେଇଛନ୍ତି। ପାଣିରେ ଥିବା ରାସାୟନିକ ପଦାର୍ଥ ଲୋକଙ୍କ ମଧ୍ୟରେ ବୃକ୍କ ନଷ୍ଟ ଓ କର୍କଟ ଭଳି ଦୀର୍ଘକାଳୀନ ରୋଗ ବଢ଼ାଉଛି।

ନଦୀଗୁଡ଼ିକର ଏଭଳି ଅବସ୍ଥା ରାଜ୍ୟର ଅର୍ଥନୀତି ଓ ରାଜସ୍ୱ ପାଣ୍ଠି ଉପରେ ମଧ୍ୟ ଭାରୀ ଚାପ ସୃଷ୍ଟି କରୁଛି। ନଦୀପଠା ଓ ଭୂତଳ ଜଳ ପ୍ରଦୂଷିତ ଓ ଶୁଷ୍କ ହୋଇଯାଉଥିବାରୁ ସରକାରଙ୍କୁ ଦକ୍ଷିଣ ଓ ତଟବର୍ତ୍ତୀ ଓଡ଼ିଶାର ଶତାଧିକ ଗ୍ରାମକୁ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର, ଗଭୀର ବୋରୱେଲ୍ ଏବଂ ଜରୁରୀକାଳୀନ ପାଇପ୍ ଜଳ ଯୋଜନା ମାଧ୍ୟମରେ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ କରିବାକୁ ପଡୁଛି। କୃଷି ବିପର୍ଯ୍ୟୟ ଯୋଗୁଁ ବାରମ୍ବାର 'ମରୁଡ଼ି ଛାୟା' ସୃଷ୍ଟି ହେଉଥିବାରୁ ସରକାରଙ୍କୁ ଚାଷୀଙ୍କ ପାଇଁ ଇନପୁଟ୍ ସବସିଡି ଓ କ୍ରପ୍ ଇନସୁରାନ୍ସ ଭଳି କ୍ଷତିଭରଣା ପ୍ୟାକେଜ୍ ଘୋଷଣା କରିବାକୁ ପଡୁଛି। ଏଥିସହ ମହାନଦୀ ଭଳି ଆନ୍ତଃରାଜ୍ୟ ନଦୀ ବିବାଦ ଯୋଗୁଁ ଟ୍ରିବ୍ୟୁନାଲ୍ ମାମଲା, ହାଇଡ୍ରୋଲଜିକାଲ ସର୍ଭେ ଏବଂ ଆଇନଗତ ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ରାଜ୍ୟ ପାଣ୍ଠିରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର କୌଣସି ସ୍ଥାୟୀ ସମାଧାନ ମିଳିପାରୁନାହିଁ।

ଏହି ମହାସଙ୍କଟରୁ ମୁକ୍ତି ପାଇଁ ସରକାରୀ ଓ ବ୍ୟକ୍ତିଗତ ଉଭୟ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ। ସରକାରଙ୍କୁ 'ଜିରୋ ଲିକ୍ୱିଡ୍ ଡିସଚାର୍ଜ' ନିୟମ କଡ଼ାକଡ଼ି କରିବାକୁ ହେବ, ଯେପରି କୌଣସି ବି ଶିଳ୍ପ ବର୍ଜ୍ୟବସ୍ତୁ ବିନା ବିଶୋଧନରେ ନଦୀକୁ ଯିବ ନାହିଁ ଏବଂ ସହରଗୁଡ଼ିକରେ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ହେବ। ନଦୀପଥରୁ ବେଆଇନ ବାଲି ଉତ୍ତୋଳନ ବନ୍ଦ କରାଯାଇ ବ୍ୟାପକ ଚାରାରୋପଣ କରାଯିବା ଆବଶ୍ୟକ। ସେହିପରି ବ୍ୟକ୍ତିଗତ ସ୍ତରରେ ଆମକୁ ସଚେତନ ହୋଇ ନଦୀ ଜଳରେ ପ୍ଲାଷ୍ଟିକ୍, ଘରୋଇ ଆବର୍ଜନା ଏବଂ ରାସାୟନିକ ରଙ୍ଗର ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ନଦୀକୂଳର ଚାଷୀ ଭାଇମାନେ ଜୈବିକ ଚାଷକୁ ଆପଣାଇବା ସହ ପ୍ରତ୍ୟେକ ଗ୍ରାମରେ 'ନଦୀ ସୁରକ୍ଷା ସମିତି' ଗଠନ କରାଯାଇ ଏହାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବା ଉଚିତ।

ନଦୀ କେବଳ ଓଡ଼ିଶାର ଭୂଗୋଳ ନୁହେଁ, ଏହା ଆମ ଅସ୍ତିତ୍ୱର ନାଡ଼ି। ସେମାନଙ୍କ ସ୍ପନ୍ଦନ ବନ୍ଦ ହେଲେ ଆମ ସଭ୍ୟତା ମଧ୍ୟ ଅପମୃତ୍ୟୁର ଶିକାର ହେବ। ଆଜିର ଏହି ନୀରବତା କାଲିର ମହାବିପର୍ଯ୍ୟୟକୁ ଡାକି ଆଣିବ। ତେଣୁ ସମୟ ଥାଉଁଥାଉଁ ସମସ୍ତଙ୍କୁ ମିଳିତ ଭାବେ ଜାଗ୍ରତ ହେବାକୁ ପଡ଼ିବ।


(ସଭାପତି, ପରିବେଶ ସୁରକ୍ଷା ଅଭିଯାନ)
ମୋ: ୯୪୩୭୫୦୦୫୫୬

## ଜାତିପ୍ରଥା: ଅନ୍ୟ ଦେଶରେ ଅନ୍ୟ ରୂପରେ

ଡ. ପ୍ରଦୀପ କୁମାର ନାୟକ

ଜାତିପ୍ରଥା ପରି ଏକ ଘୃଣ୍ୟ ପ୍ରଥା, ଯାହାକି ଯୁଗେ ଯୁଗେ ସମାଜରେ ଲୋକଙ୍କ ମଧ୍ୟରେ ବିଭିନ୍ନତା ଓ ଅସମାନତା ସୃଷ୍ଟି କରି ଆସିଛି, ତାହା ଯେ କେବଳ ଭାରତରେ ପ୍ରଚଳିତ ଅଛି ତାହା ନୁହେଁ। ଅନ୍ୟ କିଛି ଦେଶରେ ମଧ୍ୟ ଅନ୍ୟରୂପରେ ଏହା ରହି ଆସିଛି। ଭାରତୀୟ ଜାତିପ୍ରଥା 'ଶୁଦ୍ଧତା ଓ ଅଶୁଚିତା'(ପ୍ୟୁରିଟି ଆଣ୍ଡ ପଲ୍ୟୁସନ୍) ଉପରେ ବିଶ୍ୱାସ କରୁଥିଲା ଏବଂ ବୃତ୍ତିଭିତ୍ତିକ ସ୍ତରୀଭୂତ ସାମାଜିକ ବ୍ୟବସ୍ଥା ଉପରେ ଆଧାରିତ ଥିଲା। ସେହିପରି ଏକାପ୍ରକାର ସାମାଜିକ ବିଭିନ୍ନତା ମଧ୍ୟ ଆଉ କେତେକ ଦେଶରେ ଯୁଗେ ଯୁଗେ ରହିଆସିଛି। ସେମାନଙ୍କ ସାମାଜିକ ବ୍ୟବସ୍ଥା ସେହି ଦେଶମାନଙ୍କରେ ଆମ ଦେଶ ପରି ବିଭିନ୍ନତା ଓ ବିଭେଦ ସୃଷ୍ଟି କରି ଆସୁଛି, ଯାହା ସମ୍ବନ୍ଧରେ ବିଶ୍ୱର ସଂଖ୍ୟାଗରିଷ୍ଠ ଲୋକ ଜାଣିନାହାନ୍ତି।

ଯେହେତୁ ଭାରତ ପରି ନେପାଳ ମଧ୍ୟ ଏକ ହିନ୍ଦୁବହୁଳ ରାଷ୍ଟ୍ର, ସେଠାରେ ମଧ୍ୟ ଜାତିପ୍ରଥାର କୁପ୍ରଭାବ ରହିଛି। ଏହି ପଡ଼ୋଶୀ ରାଷ୍ଟ୍ରରେ ସବର୍ଣ୍ଣ ଓ ଅସବର୍ଣ୍ଣ ଦୁଇ ଅଲଗା ଗୋଷ୍ଠୀ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରେ ବାହୁନ(ବ୍ରାହ୍ମଣ ଓ ପୁରୋହିତ), ଛେତ୍ରି (କ୍ଷତ୍ରିୟ) ଓ ଦଳିତ(କାମି, ଦାମାଇ ଓ ସାର୍କି) ଗୋଷ୍ଠୀ ଅଛନ୍ତି। ନେପାଳୀ ସମାଜରେ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବା ପାଇଁ ରାଜା ମହେନ୍ଦ୍ର ୧୯୬୩ ସାଲରେ ଅଗଷ୍ଟ ୧୭ ତାରିଖରେ ନିଉ ମୁଲକୀ ଆଇନ ପ୍ରଣୟନ କରିଥିଲେ। ତଥାପି ସମାଜରେ ଭେଦଭାବ ରହିଛି।



ବାଂଲାଦେଶର ହିନ୍ଦୁ ସମାଜରେ ଭାରତୀୟଙ୍କ ପରି ଚତୁଃବର୍ଣ୍ଣ ବିଭାଜନ ରହିଛି। କିନ୍ତୁ ମୁସଲମାନ ସମାଜରେ ମଧ୍ୟ ଯେ ସାମାଜିକ ସ୍ଥିତି ଓ ବୃତ୍ତିକୁ ନେଇ ଜାତି ବିଭାଜନ ଅଛି ତାହା ବୋଧହୁଏ ଅନେକ ଅଜ୍ଞ। ସେଠାରେ ଯେଉଁମାନେ ମର୍ଯ୍ୟାଦାସମ୍ପନ୍ନ ଓ ବିଦେଶୀ ସମ୍ଭ୍ରାନ୍ତ ପରିବାରର ବଂଶୋଦ୍ଭବ ସେମାନଙ୍କୁ କହାଯାଏ ଆଶ୍ରାଫ(ଆରବ, ପାରସ୍ୟ ଓ କେନ୍ଦ୍ର ଏସିଆରୁ ଉତ୍ପତ୍ତି), ସ୍ଥାନୀୟ ଧର୍ମାନ୍ତରିତ ମୁସଲିମ ଜାତି 'ଆଜଲାଫ' କିମ୍ବା 'ଆତ୍ରାଫ' ନାମରେ ପରିଚିତ। ଯେଉଁମାନେ ହିନ୍ଦୁ ଦଳିତ ଗୋଷ୍ଠୀରୁ ଧର୍ମାନ୍ତରିତ ସେମାନେ 'ଆରଜାଲ' ରୂପେ ପରିଚିତ। ଏହି 'ଆରଜାଲ' ଗୋଷ୍ଠୀରେ ଜୋଲହା (ତନ୍ତି) ଓ ମେଥର (ମେହେନ୍ତର) ଅନ୍ତର୍ଭୁକ୍ତ ଅଟନ୍ତି।

ଜାପାନର ଇଡୋ ସାମନ୍ତବାଦୀ ଶାସନ ସମୟରେ (୧୬୦୩ - ୧୮୬୭ ସାଲ) ଜାତିପ୍ରଥା ପରି ଏକ ଚାରିସ୍ତରୀୟ ସମାଜ ବିଭେଦକାରୀ ଶାସନ ବ୍ୟବସ୍ଥାର ଆବିର୍ଭାବ ହୋଇଥିଲା। ତାହା 'ଶୀନୋକସୋ' ନାମରେ ଖ୍ୟାତ ଥିଲା। ସମାଜର ସର୍ବୋଚ୍ଚ ପାହ୍ୟାରେ ଥିଲେ 'ଶୀ' ବା 'ସାମୁରାଇ' ଗୋଷ୍ଠୀ, ଯେଉଁମାନେ କି ସେହି ଦେଶର ଯୋଦ୍ଧା ବା କ୍ଷତ୍ରିୟ ଗୋଷ୍ଠୀ ସହ ତୁଳନୀୟ। ଏହିମାନଙ୍କ ତଳେ ଥିଲେ 'ନୋ'(ନୋମିନ) ବା ଚାଷୀ ଶ୍ରେଣୀ। ଏହି ଶ୍ରେଣୀଙ୍କ ପରେ ଥିଲେ 'କୋ' (କୋଶିନ) ବା ଶିଳ୍ପୀ ଏବଂ ଏହାଙ୍କ ତଳେ 'ସୋ' ବା ବ୍ୟବସାୟୀ ଶ୍ରେଣୀ ଥିଲେ। ଏହାଛଡ଼ା ଯେଉଁମାନେ ସମାଜରେ ସବୁଠାରୁ ନିମ୍ନସ୍ତରରେ ଅସ୍ପୃଶ୍ୟ ବା ଦଳିତ ପରି ସ୍ଥିତିରେ ଥିଲେ ସେମାନଙ୍କୁ 'ବୁରାକୁମିନ' କୁହାଯାଉଥିଲା। 'ମେଇଜି' ରାଜାମାନଙ୍କ ଶାସନ କାଳରେ ୧୮୭୧ ସାଲରେ ଜାପାନର ଜାତିପ୍ରଥାକୁ ସରକାରୀ ଭାବେ ଉଚ୍ଛେଦ କରାଯାଇଥିଲା। ଜାପାନ ସମ୍ବିଧାନର ଧାରା ୧୪ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିଷିଦ୍ଧ ଘୋଷଣା କରିଛି।

ପଶ୍ଚିମ ଆଫ୍ରିକାର ସେନିଗାଲ, ମାଲି, ଗାମ୍ବିଆରେ ମଧ୍ୟ ଏକ ଜଟିଳ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଭାରତୀୟ ଜାତିପ୍ରଥା ସହ ତୁଳନୀୟ। ସେନିଗାଲରେ 'ଉଫ' ଓ 'ମାଣ୍ଡେ' ଜନଜାତିର ଲୋକମାନେ ଜାତିପ୍ରଥା ମାନନ୍ତି। ମାଲି ଦେଶରେ 'ହରନ' ଜାତିର ଲୋକ ଉଚ୍ଚ ଓ ସମ୍ଭ୍ରାନ୍ତ ବୋଲି ପରିଗଣିତ ହୁଅନ୍ତି। ସାମାଜିକ ଚଳଣିରେ ତାଙ୍କଠାରୁ ନିମ୍ନରେ ରହିଛନ୍ତି 'ନ୍ୟାମାକାଲ' ଜାତିର ଲୋକ। ସମାଜର ସବୁଠାରୁ ନିମ୍ନରେ ଅଛନ୍ତି 'ଜନୋ' ଜାତିର ଲୋକେ, ଯେଉଁମାନେ କି ପୂର୍ବତନ କ୍ରୀତଦାସମାନଙ୍କର ବଂଶଜ ଅଟନ୍ତି। ସେମାନଙ୍କ ସହ ଅନ୍ୟ ଜାତିମାନଙ୍କର ବୈବାହିକ ସମ୍ପର୍କ ନିଷିଦ୍ଧ ଅଟେ।

ସୋମାଲିଆରେ ମଧ୍ୟ ସମାଜରେ ଜାତିପ୍ରଥା ଓ ଉଚ୍ଚନୀଚ ଭେଦ ଭାବ ରହିଛି। 'ମାଧିବାନ', 'ତୁମାଲ' ଓ 'ୟିବିର' ଜାତିମାନଙ୍କୁ ଅସ୍ପୃଶ୍ୟ ଓ ଅଶୁଚି ବୋଲି ଧରାଯାଏ। ନାଇଜେରିଆରେ 'ଅସୁ' ନାମକ ଏକ ପୁରୋହିତ ଶ୍ରେଣୀ ରହିଛନ୍ତି, ଯେଉଁମାନେ କି 'ଦିଆଲା' ଜାତିର ଲୋକଙ୍କୁ ଘୃଣା କରିଥା'ନ୍ତି। ଶ୍ରୀଲଙ୍କାରେ ମଧ୍ୟ 'ସିଂହଳୀ'ମାନଙ୍କ ମଧ୍ୟରେ ବୃତ୍ତିଭିତ୍ତିକ ଜାତିପ୍ରଥା ରହିଛି, ଯାହା କି ସମୟେ ସମୟେ ହିଂସା ଓ ରକ୍ତପାତ ସୃଷ୍ଟି କରିଥାଏ। ଗଭିଗାମା(ଚାଷୀ), କାରାଭା(କେଉଟ), ସାଲାଗାମା(ତନ୍ତି), ଦୂରଭା(ମାହୁନ୍ତ) ଆଦି ଜାତିର ଲୋକ ବାସକରନ୍ତି।

ଏଥିରୁ ଅନୁମିତ ଜାତିବାଦର ବିଷ ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ଦେଶରେ ମଧ୍ୟ ଅଶାନ୍ତି ଓ ଉଚ୍ଚ-ନୀଚ ଭେଦଭାବ ସୃଷ୍ଟି କରିଛି। ଉପରୋକ୍ତ ଦେଶମାନଙ୍କରେ ଅନେକ ସମୟରେ ଏହି କାରଣରୁ ହିଂସା ଓ ରକ୍ତପାତ ହୋଇଥାଏ। ଯେଉଁଦିନ ପର୍ଯ୍ୟନ୍ତ ଏହି ଜାତିଗତ ବିଭିନ୍ନତା ରହିଛି, ସେହି ଦେଶମାନଙ୍କରେ ସମାଜରେ ଅସମାନତା ରହିବ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ବାର୍ଦ୍ଧକ୍ୟ ଓ ଭିଟାମିନ୍ ବି ୧୨

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ସାଧାରଣତଃ ବୟସ୍କ ଲୋକଙ୍କର ଆମିଷ ଖାଦ୍ୟ ପ୍ରତି ଆସକ୍ତି କମ୍। ଏହାର ଅନ୍ୟତମ ପରିଣାମ ହେଲା ଭିଟାମିନ୍ ବି ୧୨ ର ଅଭାବ। ଶରୀର ଏହା ଆବଶ୍ୟକ କରେ ଅତି ନଗଣ୍ୟ ମାତ୍ରାରେ। ଅର୍ଥାତ୍ ଦୈନିକ ମାତ୍ର ୨ ମାଇକ୍ରୋଗ୍ରାମ୍। ଅବଶ୍ୟ ଏହା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ। ତେବେ ବୟସ୍କ ଲୋକେ ତାହା ଏକାନ୍ତ ଭାବେ ଆବଶ୍ୟକ କରନ୍ତି ଲୋହିତ ରକ୍ତକଣିକା ସୃଷ୍ଟି, ସ୍ନାୟୁ ବ୍ୟବସ୍ଥାକୁ ସୁସ୍ଥ ରଖିବା ଏବଂ ଜିନୀୟ ପଦାର୍ଥ ଡିଏନ୍‌ଏ ଉତ୍ପାଦନ କରିବା ଲାଗି।

ଆଜକୁ ପ୍ରାୟଶହେ ବର୍ଷ ତଳେ ଆମେରିକାର ଚିକିତ୍ସା ବିଜ୍ଞାନୀ ତଥା ନୋବେଲ୍ ପୁରସ୍କାର ବିଜେତା(୧୯୩୪) ଯୋଡି ଜର୍ଜ ମିନଟ୍ ଏବଂ ଉଇଲିୟମ ମର୍ଫି ଆବିଷ୍କାର କରିଥିଲେ ଯେ ଯଥେଷ୍ଟ ମାତ୍ରାରେ କଲିଜା ଥିବା ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୁଏ। ପରବର୍ତ୍ତୀ ଅଧ୍ୟୟନରୁ ତହିଁରେ ଥିବା ଭିଟାମିନ୍ ବି୧୨ ଏଥିପାଇଁ ଦାୟୀ ବୋଲି ଜଣାପଡ଼ିଲା। ତତ୍ପରେ ଅନ୍ୟତମ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଜର୍ଜ ହ୍ୱିପ୍ଲ କୁକୁରମାନଙ୍କୁ କଲିଜା ଖାଇବାକୁ ଦେଇ ରକ୍ତହୀନତା ଦୂର କରିଥିଲେ। ତହିଁରେ ଥିବା ଭିଟାମିନ୍ ବି ୧୨ ବା କୋବାଲାମିନ୍ ଏକାର୍ଯ୍ୟ ସଂପାଦନ କରୁଥିବାର ସେ ସିଦ୍ଧାନ୍ତରେ ପହଞ୍ଚିଥିଲେ।

ଏହି ଭିଟାମିନ୍‌ର ଅଭାବ ଏକ ସାଧାରଣ ଘଟଣା। ତେବେ ତାହା ଅଧିକ ଦେଖାଯାଏ ନିରାମିଷାଶୀମାନଙ୍କଠାରେ। କାରଣ ଏହା ସାଧାରଣତଃ ଥାଏ ମାଛ, ମାଂସ, ଅଣ୍ଡା ଓ କ୍ଷୀରଜାତୀୟ ପ୍ରାଣୀଜ ଖାଦ୍ୟରେ। ପୁନଶ୍ଚ କିଛି ଲୋକଙ୍କ ଶରୀର ମଧ୍ୟ ଏହା ଠିକ୍ ରୂପେ ଶୋଷଣ କରିପାରେ ନାହିଁ। ବୟସ୍କ ଲୋକଙ୍କଠାରେ ଭିଟାମିନ ବି ୧୨ ର ଅଭାବ ଅଧିକ ଦେଖାଯାଏ। କାରଣ ଏମାନଙ୍କ ପାକସ୍ଥଳୀରୁ କମ ଅମ୍ଳ ନିର୍ଗତ ହୁଏ, ଯାହାକି ଖାଦ୍ୟରୁ ଏହାର ନିର୍ଗମନ ଘଟାଇବା ପାଇଁ ଆବଶ୍ୟକ। ଅନ୍ୟ କେତେକ ସ୍ଥଳେ ରୋଗ ପ୍ରତିରୋଧ ବ୍ୟବସ୍ଥା ମଧ୍ୟ ଏହାକୁ ପ୍ରତିହତ କରେ। ପୁନଶ୍ଚ ଓଜନ ହ୍ରାସ ଲାଗି ଅସ୍ତ୍ରୋପଚାର, କେତେକ ମଧୁମେହ ଔଷଧ ଆଦି ମଧ୍ୟ ଏହାର ଶୋଷଣ ହ୍ରାସ କରନ୍ତି।

ଭିଟାମିନ୍ ବି ୧୨ ଅଭାବର ଲକ୍ଷଣମାନ ପ୍ରକଟିତ ହୁଏ ଦୁର୍ବଳ ଅନୁଭବ କରିବା କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ହେବା ଇତ୍ୟାଦି ରୂପେ। ଏହା ସ୍ମୃତିଜନିତ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ତେବେ ଏହାର ସବୁଠାରୁ ବଡ଼ ସମସ୍ୟା ହେଲା ଅସ୍ଥିମଜ୍ଜାର ଯଥେଷ୍ଟ ଲୋହିତ ରକ୍ତକଣିକା ଉତ୍ପାଦନ ପ୍ରକ୍ରିୟାକୁ ବ୍ୟାହତ କରେ, ଯାହାଫଳରେ ରକ୍ତହୀନତା ହୁଏ।

ମଣିଷ ଠାରେ ଦୁଇଟି ଏଞ୍ଜାଇମ ସିଧାସଳଖ ଭିଟାମିନ୍ ବି ୧୨ ଆବଶ୍ୟକ କରନ୍ତି। ତହିଁରୁ ଗୋଟିଏ ଡିଏନ୍‌ଏ ପ୍ରସ୍ତୁତିରେ ଏବଂ ଅନ୍ୟଟି ଜୀବକୋଷର ଶକ୍ତି କେନ୍ଦ୍ର ବୋଲାଉଥିବା ମାଇଟୋକଣ୍ଡ୍ରିଆକୁ ମେଦାମ୍ଳ ଓ ପ୍ରୋଟିନକୁ ପ୍ରକ୍ରିୟା କରଣ କରିବାରେ ସହାୟତା କରେ। ଫଳରେ ତାହା ଖାଦ୍ୟକୁ ଶକ୍ତିରେ ପରିଣତ କରେ। ୨୦୨୬ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜୀବକୋଷଗୁଡ଼ିକ ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ନ ହେଲେ ମାଇଟୋକଣ୍ଡ୍ରିଆ ମଧ୍ୟରୁ ଡିଏନ୍‌ଏ ତ'ଦ୍ୱାରା ପ୍ରଭାବିତ ହୁଏ ଏବଂ ଶକ୍ତି ଉତ୍ପାଦନ ହ୍ରାସ ପାଏ। ଅନ୍ୟଏକ ପରୀକ୍ଷାରେ ମାଈ ମୂଷାମାନଙ୍କୁ ଏହା ଦେବାରୁ ମାଇଟୋକଣ୍ଡ୍ରିଆର ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ଘଟିବାର ଦେଖାଗଲା। ଅତଏବ ଜଣାପଡ଼ିଲା କାହିଁକି ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ହେଉ ନ ଥିବା ଲୋକେ ରକ୍ତହୀନତା ପୂର୍ବରୁ ପ୍ରଥମେ ଦୁର୍ବଳତା ଅନୁଭବ କରନ୍ତି।

ଦୀର୍ଘଦିନ ଧରି ବୈଜ୍ଞାନିକମାନେ ଏହା ସହିତ ମାଇଟୋକଣ୍ଡ୍ରିଆ କ୍ରିୟାକଳାପର ସଂପର୍କ ଥିବାର ମନେ କରାଯାଉଥିଲା। କାରଣ ଏହା ଉପରେ ନିର୍ଭରଶୀଳ ଏଞ୍ଜାଇମ ଦୁଇଟି ଏହାରି ମଧ୍ୟରେ ହିଁ କାର୍ଯ୍ୟ କରିଥାଏ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ଯେ ଭିଟାମିନ୍ ବି ୧୨ କମ୍ ହେବା ବୟସ୍କମାନଙ୍କ ଠାରେ ମାଂସପେଶୀର କ୍ରିୟାକଳାପକୁ ପ୍ରଭାବିତ କରେ। ତେଣୁ କୌଣସି ବ୍ୟକ୍ତି, ବିଶେଷକରି ବୟସ୍କମାନେ, କ୍ରମାଗତଭାବେ ଦୁର୍ବଳ ଅନୁଭବ କଲେ କିମ୍ବା ରକ୍ତହୀନତାର ଶିକାର ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାର ପରିପୂରକ ନେବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଖଣି ଅଧିକାରୀଙ୍କୁ ଥାନାରେ ଅଟକ ଘଟଣା

# ଆର୍‌ଡିସି ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ବାରିପଦା, ୨୭।୭(ସମିସ): ଓଡ଼ିଶା ସରକାରଙ୍କ ଷ୍ଟିଲ୍ ଓ ମାଇନ୍ସ ବିଭାଗ ପକ୍ଷରୁ ଉଦଳା ଥାନାରେ ଖଣି ଅଧିକାରୀଙ୍କୁ ଅଟକ ରଖାଯିବା ଅଭିଯୋଗକୁ ନେଇ ପ୍ରଶାସନିକ ତଦନ୍ତ ଆରମ୍ଭ କରାଯାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହ କେନ୍ଦ୍ରୀୟ ବିଭାଗର ରାଜସ୍ୱ ବିଭାଗୀୟ କମିଶନର(ଆରଡିସି)ଙ୍କୁ ପତ୍ର ଲେଖି ଏହି ଘଟଣାର ବିସ୍ତୃତ ତଦନ୍ତ କରି ଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ତୁଳିଆପୋଷିଠାରେ ମାଇନିଂ ସ୍କ୍ୱାଡ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି ୧୧ଭି ୭୮୭୫)କୁ ବେଆଇନ ଭାବେ ପରିବହନ ଅବସ୍ଥାରେ ଧରିଥିଲେ। ଏହି ଟ୍ରାକ୍ଟରରେ ବୈଧ ଇ-ଟ୍ରାଞ୍ଜିଟ୍ ପାସ୍ ନ ଥିଲା। ଉଦଳା ପୁଲିସ୍ ସହାୟତାରେ ଉକ୍ତ ଟ୍ରାକ୍ଟରକୁ ଥାନାକୁ ନିଆଯାଇଥିଲା। ଏହି ସମୟରେ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ଓ ଖଣି ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଜବତ ବାଲି ବୋଝେଇ ଟ୍ରାକ୍ଟର ସହିତ ଡାକିଥିଲେ ଏବଂ ଖଣି ଅଧିକାରୀଙ୍କୁ ଥାନାରେ ଅଟକ ରଖିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଟ୍ରାକ୍ଟରକୁ ଛାଡ଼ି ଦେଇଥିଲେ। ଉପଜିଲ୍ଲାପାଳଙ୍କ ଯୁକ୍ତି ଥିଲା ଯେ ଉଦଳା ଉପଖଣ୍ଡ ଅଞ୍ଚଳରେ ତାଙ୍କ ପୂର୍ବାନୁମତି ବିନା ଏନଫୋର୍ସମେଣ୍ଟ କାର୍ଯ୍ୟ କରାଯାଇଛି। ଷ୍ଟିଲ୍ ଓ ମାଇନ୍ସ ବିଭାଗ ଏହାକୁ ସମ୍ପୂର୍ଣ୍ଣ ଅନୁଚିତ ଓ ସବ୍‌କଲେକ୍ଟରଙ୍କ ପକ୍ଷରୁ ଗୁରୁତର ଅସଦାଚରଣ ବୋଲି ବର୍ଣ୍ଣନା କରିଛି। ବିଭାଗ କହିଛି ଯେ, ନିଜ ବୈଧ କର୍ତ୍ତବ୍ୟ ପାଳନ କରୁଥିବା ସମୟରେ ଖଣି ଅଧିକାରୀଙ୍କୁ ଅଟକ ରଖିବା ଅତ୍ୟନ୍ତ ଅନୁଚିତ। ଏହି ଘଟଣା ଗୁରୁତର ପ୍ରଶାସନିକ ଚିନ୍ତାର ବିଷୟ ବୋଲି ବିବେଚନା କରି ରାଜସ୍ୱ ବିଭାଗୀୟ କମିଶନରଙ୍କୁ ୧୦ ଦିନ ମଧ୍ୟରେ ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପତ୍ରକୁ ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ପତ୍ରର ଏକ ନକଲ ସାଧାରଣ ପ୍ରଶାସନ ଓ ପବ୍ଲିକ୍ ଗ୍ରିଭାନ୍ସ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ଓଡ଼ିଶାର ଡାଇରେକ୍ଟର ଅଫ୍ ମାଇନର୍ ମିନରାଲ୍ସଙ୍କ ନିକଟକୁ ମଧ୍ୟ ପଠାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରତ୍ନବେଦୀରେ ମହାବାହୁ...

ଏବଂ ଅପରାହ୍ନ ୪ଟା ୩୦ରୁ ୫ଟା ୧୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ଏହାପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ।

ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାର୍ଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ରାତି ୮ଟା ସୁଦ୍ଧା ତିନିରଥରେ ଚାରମାଳ ବନ୍ଧା ସରିଥିଲା। ସାଢ଼େ ୮ଟାରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେ କାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ଏହାପରେ ଡୋରଲାଗି ହୋଇ ରାତି ୮ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ଏହାପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ପଳାଇଥିବାରୁ ମନଉଣା କରିଥିଲେ ଲକ୍ଷ୍ମୀ ସାଆନ୍ତାଣୀ। ତେଣୁ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

### ଷଷ୍ଠ ଦିନ ପାଇଁ...

କରିଦିଆଯାଇଥିଲା। ଲୋକସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି।। ହଟ୍ଟଗୋଳ ମଧ୍ୟାରେ ସରକାର 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ବିଲ୍ ଆଗତ କରିଥିବା ବେଳେ ବିରୋଧୀ ଦଳର ସଦସ୍ୟମାନେ ନିଟ୍-ୟୁଜି ପରୀକ୍ଷା ଦୁର୍ନୀତି ଏବଂ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବିରୋଧୀ ଦଳର ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଚାଲିଆସିବା ସହ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ବିହାରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଏକେ-୪୭ ଗୁଳିମାଡ଼ କରିବା ଏକ ଭୟଙ୍କର ଘଟଣା ଏବଂ ଏହା ଉପରେ ଆଲୋଚନା ହେବା ଉଚିତ। କଂଗ୍ରେସ ନେତା ଗୌରବ ଗୋଗୋଇ ଅଭିଯୋଗ କରିଥିାଲେ ଯେ, ସରକାର ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେଉଥିବା ବେଳେ ଏହି ନୂଆ ଆଇନ କେତେଦୂର ସଫଳ ହେବ ତାହା ସନ୍ଦେହଜନକ। ଅନ୍ୟପଟେ, ବିରୋଧୀ ସାଂସଦମାନେ ଗୃହରେ 'ଚୋର ଚୋର, ପେପର ଚୋର' ଭଳି ସ୍ଲୋଗାନ ଦେଇ ସରକାରଙ୍କୁ ଘେରିଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା ଉଭୟ ଶାସକ ଏବଂ ବିରୋଧୀ ଦଳକୁ ୩ ଘଣ୍ଟାର ସମୟ ଦେଇଥିଲେ। କେବଳ ସ୍ଲୋଗାନ ଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ଏହି ବିଲ୍ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ବିଲ୍ ଉପରେ ଆଲୋଚନା ପାଇଁ ସେ ପ୍ରାୟ ୬ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ସମୟ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଲୋକସଭାକୁ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଇତିମଧ୍ୟାରେ ବାଚସ୍ପତି ଅଫିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ଲା ସବୁ ଦଳର ନେତାମାନଙ୍କୁ ଡାକି କଥା ହୋଇଛନ୍ତି। ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା କରିବା ପାଇଁ ସବୁ ଦଳ ରାଜି ହୋଇଥିବା ଜଣାପଡ଼ିଛି।

### କେବଳ ଆନ୍ଦୋଳନ...

ଆବଶ୍ୟକ। ଯଦି ପୁଲିସ ଦ୍ୱାରା ଅତ୍ୟାଚାର କରାଯାଉଛି, ତେବେ ତାହାକୁ ରୋକାଯିବା ଉଚିତ। ଗଣତନ୍ତ୍ରରେ ନିଜସ୍ୱ ଶୃଙ୍ଖଳା ଓ ସଂଯମ ଅପରିହାର୍ଯ୍ୟ। କେବଳ ପ୍ରଦର୍ଶନ ହେଉଥିବା କାରଣରୁ ଲାଠିଚାଳନା କରିବା ଗ୍ରହଣଯୋଗ୍ୟ ନୁହେଁ। ଯୁବପିଢ଼ି ନିଜର ଅସନ୍ତୋଷ ପ୍ରକାଶ କରିବା ପାଇଁ ଆସୁଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯିବା ଉଚିତ, କିନ୍ତୁ ଅସାମାଜିକ ତତ୍ତ୍ୱମାନେ ଯେପରି ଏହାର ସୁଯୋଗ ନ ନିଅନ୍ତି, ସେଥିପାଇଁ ସନ୍ତୁଳନ ରକ୍ଷା କରିବା ଜରୁରୀ। ସୁପ୍ରିମ୍ କୋର୍ଟ ଏହି ସମସ୍ତ ନୂଆ ଆବେଦନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲିକୁ ଧାର୍ଯ୍ୟ କରିଛନ୍ତି।

### ଦାନା ବାନ୍ଧିଲା...

ଜାରି କରାଯାଇଛି। ସେହିପରି ତ୍ରୁଟିର କାରଣ ଖୋଜିବା ପାଇଁ ରାଜ୍ୟ ସରକାର ଏକ ତିନି ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଗଠନ କରିଛନ୍ତି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

ମାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ଓ କେନ୍ଦ୍ର ସରକାରଙ୍କ ଉତ୍ତର ଛାତ୍ରଛାତ୍ରୀଙ୍କ ଅଭିଭାବକ, ରାଜ୍ୟବାସୀ ଓ ବିରୋଧୀ ରାଜନୈତିକ ଦଳକୁ ସନ୍ତୁଷ୍ଟ କରିପାରି ନାହିଁ। ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ଏକାଡେମିକ୍ ସମୀକ୍ଷା, ପ୍ରୁଫ୍‌ରିଡିଂ ଓ ବିଶେଷଜ୍ଞଙ୍କ ଯାଞ୍ଚରେ ଘୋର ଅବହେଳା ହୋଇଛି। ଏଭଳି ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ପ୍ରଭାବ ପକାଇବ। ତେଣୁ ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାମପନ୍ଥୀ ସଂଗଠନମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରି ସଂଶୋଧିତ ବହି ଯୋଗାଇବା, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଶିକ୍ଷା ବିଭାଗରେ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେଲେ ଅଗଷ୍ଟ ୯ରୁ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦେଳନ କରିବ ଚେତାବନୀ ଦେଇଥିବାବେଳେ ବାମପନ୍ଥୀମାନେ ମଧ୍ୟ ଚକା ବନ୍ଦ ଲାଗି ଧମକ ଦେଇଛନ୍ତି।

### ବିଶ୍ୱାସ ଭାଙ୍ଗିଛି...

ରାଜ୍ୟର ଏହି ସ୍ପର୍ଶକାତର ପ୍ରସଙ୍ଗରେ ସରକାର ଅତ୍ୟନ୍ତ ହାଲୁକା ତଥା ଖାମଖିଆଲି ମନୋଭାବ ପୋଷଣ କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କରି ଅଭିଭାବକ, ସାମାଜିକ ସଂଗଠନ ତଥା ରାଜନୈତିକ ଦଳ ଯାଏଁ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ନୂତନ ପୁସ୍ତକ ପ୍ରଦାନ ସହ ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରି ଆସୁଛନ୍ତି। ଯୁବ ଓ ଛାତ୍ର ବିଜେଡି ରାଜ୍ୟବ୍ୟାପୀ ଏନେଇ ଆନ୍ଦୋଳନ ଜାରି ରଖିଥିବା ବେଳେ କଂଗ୍ରେସ, ବିଭିନ୍ନ ସାମାଜିକ ସଂଗଠନ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାସତ୍ତ୍ୱେ ସରକାର ନିଦାବିଷ୍ଟୁ ସାଜି ଗଣଶିକ୍ଷା ମନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଉଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଥିବା ବେଳେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଛି। ସେହିପରି ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରି ଦେଇ ସରକାର ଚୁପ୍ ହୋଇ ବସିଛନ୍ତି। ଏହା ଧର୍ମକୁ ଆଖିଠାର ସଦୃଶ୍ୟ ବୋଲି ବିଜେଡି କ୍ଷୋଭ ପ୍ରକାଶ କରି ଆସୁଛି।

### ସିଜେପିର ପୁଣି...

ପ୍ରକାଶ କରିବା ସହିତ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ବନ୍ଦ କରାନ୍ତୁ ଏବଂ ଜେଲରୁ ଆନ୍ଦୋଳନକାରୀଙ୍କୁ ମୁକ୍ତ କରନ୍ତୁ ବୋଲି ପାର୍ଟି ଦାବି କରିଛି। ଏଥିରେ ବିଫଳ ହେଲେ ପାର୍ଟି ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଧମକ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ୨୪ ଘଣ୍ଟାର ସମୟ ଦେଇଛି ପାର୍ଟି ବୋଲି ଜଣାପଡ଼ିଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ଜନତା ପାର୍ଟିର ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରଙ୍କା କହିଛନ୍ତି ଯେ ଆସାମ, ପଶ୍ଚିମବଙ୍ଗ ଓ ବିହାର ସମେତ ବିଭିନ୍ନ ରାଜ୍ୟରେ ଛାତ୍ର ବିକ୍ଷୋଭକାରୀଙ୍କୁ ଅଟକ ଓ ଗିରଫ କରାଯାଉଥିବା ଖବର ମିଳୁଛି। ଆନ୍ଦୋଳନ ସ୍ଥଗିତ କରିବା ସମୟରେ କୌଣସି ଦଣ୍ଡାତ୍ମକ ପଦକ୍ଷେପ ନ ନେବାକୁ ସରକାର ଆଶ୍ୱାସନ ଦେଇଥିଲେ। ସେହି ଆଶ୍ୱାସନ ଅନୁଯାୟୀ ସମସ୍ତ ଅଟକ ବ୍ୟକ୍ତିଙ୍କୁ ମୁକ୍ତ କରିବା, ଦାଖଲ ମାମଲା ପ୍ରତ୍ୟାହାର କରିବା ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଲୋଚନାରେ ସାମିଲ ହୋଇଥିବା ଦୁଇ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ତୁରନ୍ତ ହସ୍ତକ୍ଷେପ କରନ୍ତୁ। ମଙ୍ଗଳବାର ସୁଦ୍ଧା ଦାବି ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହା ସହିତ ସେମାନେ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ଦଳର ଆଇନଜୀବୀ ଟିମ୍ କରୁଛନ୍ତି। ଏଥିରେ କପିଲ ଶିବଲଙ୍କର ପରାମର୍ଶ ନିଆଯାଉଛି। ତେବେ ସିଜେପିର ସାନି ଆନ୍ଦୋଳନ ଧମକ ପରେ ବିହାର ସରକାର ନରମିଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲ୍‌ରୁ ମୁକ୍ତି କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

### ପରଲୋକରେ ସୁଶାନ୍ତ...

ବିଜେଡି, ପଶ୍ଚିମ ଓଡ଼ିଶା ସହ ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ନବୀନ କହିଛନ୍ତି।

ଜଣେ ସାଲିସ ବିହୀନ ରାଜନେତା ଭାବରେ ବରଗଡ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥରର ବିଧାୟକ ଥିଲେ। ୨୦୦୯, ୨୦୧୪ ଏବଂ ୨୦୧୯ ମସିହାରେ କ୍ରମାଗତ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ଏଥିସହିତ ମନ୍ତ୍ରୀ ମଧ୍ୟ ହୋଇ ବିଭିନ୍ନ ଜନହିତକର ପଦକ୍ଷେପ ଗ୍ରହଣରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସମଗ୍ର ରାଜନୈତିକ ଜୀବନରେ ସେ କୃଷକ, ଶ୍ରମିକ, ଯୁବବର୍ଗ, ମହିଳା ଓ ସମାଜର ଅବହେଳିତ ବର୍ଗର ସ୍ୱାର୍ଥ ପାଇଁ ସର୍ବଦା ସଂଗ୍ରାମ କରିଥିଲେ। ତାଙ୍କର ସରଳତା, ସାଦାସିଧା ଜୀବନଶୈଳୀ, ସାଂଗଠନିକ ଦକ୍ଷତା ଏବଂ ନିଷ୍ଠାପର ଜନସେବା ତାଙ୍କୁ ପଶ୍ଚିମ ଓଡ଼ିଶାର ଜଣେ ଅତ୍ୟନ୍ତ ସମ୍ମାନିତ ନେତାର ପରିଚୟ ଦେଇଥିଲା। ନବୀନ କହିଛନ୍ତି ଯେ ସ୍ୱର୍ଗତ ସୁଶାନ୍ତ ସିଂହ ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ଜନନେତା ଓ ନିଷ୍ଠାପର ଜନସେବକ ଥିଲେ। ବରଗଡ଼ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଦଳକୁ ସୁଦୃଢ଼ କରିବାରେ ତଥା ଲୋକଙ୍କ ସେବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶଙ୍ଖ ଭବନ ଠାରେ ବିଧାୟକ, ବରିଷ୍ଠ ନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱର୍ଗତ ଶ୍ରୀ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲେ। ବିଜେଡି ପକ୍ଷରୁ ଆୟୋଜିତ ଶୋକସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ସାଂସଦ, ବିଧାୟକ, ପୂର୍ବତନ ମନ୍ତ୍ରୀ, ବିଭିନ୍ନ ସଂଗଠନର ପଦାଧିକାରୀ ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଶ୍ଚିମ ଓଡ଼ିଶାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ। ଉପସ୍ଥିତ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ଓ ସାହସ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ।

### ଆଜି ୧୬ ଜିଲ୍ଲାରେ...

କଟକ ବାଙ୍କୀରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ହୋଇଥିବା ବେଳେ ସୋନପୁର, କେନ୍ଦ୍ରପଡ଼ା ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ମୌସୁମୀ ବର୍ଷା ୬୦୦ମିମି ଅତିକ୍ରମ କରିଥିବା ନେଇ ସୂଚନା ମିଳିଛି। ମୌସୁମୀ ଋତୁରେ ଚଳିତ ବର୍ଷ ୧ ଜୁନ ରୁ ୨୭ଜୁଲାଇ ମଧ୍ୟରେ ରାଜ୍ୟରେ ଏଯାବତ ୬୦୦.୪ମିମି ବର୍ଷା ରେକର୍ଡ ହୋଇଛି। ପୁରା ମୌସୁମୀ ଋତୁରେ ରାଜ୍ୟରେ ୧୧୫୦.୨ମିମି ବର୍ଷା ରେକର୍ଡ ହୋଇଥାଏ, ଅର୍ଥାତ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀର ଅଧାରୁ ଅଧିକ ବର୍ଷା ଅନୁଭୂତ ହୋଇସାରିଛି। ଜୁନ ମାସରୁ ଏଯାଏଁ ଅନୁଭୂତ ହୋଇଥିବା ବର୍ଷା ଜୁନର ନିଅଣ୍ଟିଆ ଭରଣ ସହ ଜୁନ ଏବଂ ଜୁଲାଇ ମାସର ସ୍ୱାଭାବିକ ବର୍ଷା ୫୫୦.୭ମିମି ଟପିଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**

25001/822/2627

Office Order No. 4019 Dated: 18.07.26

**1st Corrigendum Notice to Bid Identification No. EEBLGR-online-02/2026-27**

The date and time of the Bid Identification No. EEBLGR-online-02/2026-27 has been revised.

| Procurement Officer: | Bid Identification No.: | Availability of Tender On line for bidding: From | To | Last Date and Time of seeking tender clarification: | Date & Time of Opening of Tender: |
|---|---|---|---|---|---|
| Executive Engineer, R.W. Division, Bolangir | EEBLGR-online-02/2026-27 | 30.06.2026 at 11.00 A.M | 29.07.2026 up to 5.00 PM | 28.07.2026 up to 1.00 PM | 30.07.2026 at 11.00 A.M |

Further details can be seen from the website www.tendersodisha.gov.in

Any Corrigendum/Addendum will be displayed in the above e-tender website only.

OIPR-25001/25088/1/26-27/0006

Executive Engineer
R.W. Division, Bolangir



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**

25001/817/2627

Office Order No. 4056 Dated: 21.07.26

**1st Corrigendum Notice to Bid Identification No. EEBLGR-online-03/2026-27**

The date and time for the Bid Identification No. EEBLGR-online-03/2026-27 has been revised.

| Procurement Officer | Bid Identification No. | Availability of Tender On line for bidding: From | To | Last Date & Time of seeking clarification on Tender | Date & Time of Opening of Tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bolangir | EEBLGR-Online-03/2026-27 | 08.07.2026 at 11.00 A.M | 30.07.2026 up to 5.00 P.M | 29.07.2026 up to 1.00 P.M | 31.07.2026 up to 5.00 PM | The date will be intimated later on |

Further details can be seen from the website www.tendersodisha.gov.in

Any Corrigendum/Addendum will be displayed in the above e-tender website only.

OIPR-25001/25068/1/26-27/0004

Executive Engineer
R.W. Division, Bolangir



**OFFICE OF THE SUPERINTENDING ENGINEER**
**RURAL WORKS DIVISION: SUNDARAGADA**

25001/828/2627

E.Mail – ne_sundargarh@yahoo.co.in, Ph – 06622-272290 (off)

**2nd Corrigendum to Bid Identification No Online-SESNG-09 of 2026-27**

In continuation to this office Bid Identification No: Online-SESNG-09 of 2026-27 invited vide this office notice no. 4454 dt.18.06.2026 is partially modified for the work TCN has been made as follows:-

| Sl. No. | | Time Schedule as per Original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 30.06.2026 at 11.00 A.M to 14.07.2026 up to 06.00 P.M | Extended up to 19.08.2026 up to 6.00 P.M |
| 2 | Last date of seeking clarification | 13.07.2026 at 11.00 A.M | Extended up to 18.08.2026 up to 11.00 A.M |
| 3 | Date of Opening of Tender | 15.07.2026 at 10.00 A.M | Extended up to 20.08.2026 at 10.00 A.M |

All other terms & conditions remain unchanged.

OIPR-25001/25946/1/26-27/0019

Superintending Engineer
R.W. Division, Sundaragada



ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ — Regd. No. D.L. 33004/99

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଇ.-24062026-273777
CG-DL-E-24062026-273777

ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୩୧୯୧] ନୂଆ ଦିଲ୍ଲୀ, ସୋମବାର, ଜୁନ ୨୨, ୨୦୨୬ / ଆଷାଢ଼, ୧, ୧୯୪୮
No.3191] NEW DELHI, MONDAY, JUNE 22, 2026 / ASHADHA 1, 1948

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, the 19 June 2026**

S.O. 3323(E).—Whereas by the notification of the Government of India in the Ministry of Road Transport and Highways, S.O. 5230(E) dated 17 November 2025, published in the Gazette of India, Extraordinary, Part II, Section 3, Sub-section (ii), issued under sub-section (1) of Section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH-26 in the stretch of land from Km. 303.582 to Km. 304.105 in the village namely Aunli, Taluk–Borigumma, in the district of Koraput, State of Odisha.

[illegible]

**SCHEDULE**

Brief Description of the land to be acquired with or without structures falling on NH-26 in the stretch of land from Km. 303.582 to Km. 304.105 in the village namely Aunli, Taluk-Borigumma, District Koraput, State of Odisha.

[illegible]

File Number F. No. RO/BBSR/11017/LA/07/2016/30
Shaikh Amin Khan, Director

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ
ଅଧିସୂଚନା
ନୂଆ ଦିଲ୍ଲୀ, ୧୯ ଜୁନ ୨୦୨୬

[illegible]

ଅନୁସୂଚୀ

ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲା ... 303.582 କିଲୋମିଟରରୁ 304.105 କିଲୋମିଟର ... NH26 ...

ଫାଇଲ ନଂ. / F. No. RO/BBSR/11017/LA/07/2016/30
ଶେଖ ଅମିନ ଖାନ, ନିର୍ଦ୍ଦେଶକ

OIPR-24001/24212/2/26-27/0001



**NOTICE FOR LOSS OF DOCUMENTS**

Notice is hereby given from Tushar Ranjan Nanda that, he has applied for loan to LIC HFL. But at present, he has lost the Original Link Documents i.e. RSD vide No.: 11082203585, Dtd. 11/03/2022, which were kept with him and in-spite of his best efforts, failed to trace the same.

Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim what-so-ever on the property after 15 days.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate.**
**Mob. No. 9337395558**



**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅନୁଶୋଦନ ଭବନ, ଲିଙ୍କ ରୋଡ, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ... କଟକ (ମାର୍କେଟ ନଗର) ସେକ୍ଟର-11ରେ ପ୍ଲଟ ନଂ-11-2E/586 ... [illegible]

... [illegible]

OIPR-13001/13037/1/26-27/0081 — ସଚିବ/ପ୍ରାଧିକାରୀ (କଟକ)



34001/512/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B)-12/2026-27/JYPR**

No. 4472 Date. 23.07.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road & Barricading Works as mentioned in DTCN.
2. No. of Works : 2 Nos.
3. Estimated Cost : Rs. 1.48 to 5.25 lakhs
4. Period of completion : 07 (Seven) Days to 1 (one) Month
5. Date & Time of Bidding : From 11.00 hours of 30.07.2026 Up to 17.00 hours of 05.08.2026
6. Last date & time for receipt of bids in portal : 17.00 hours of 05.08.2026.
7. Bids received online shall be opened on : 11.00 hours of 06.08.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

OIPR-34001/34027/1/26-27/0014

Superintending Engineer
Jayapur (R&B) Division



**AFFIDAVIT**

By Virtue of an affidavit No-77AA 120828 dated 22-07-2026 shown before the Executive Magistrate, Champua, I Mouthili Giri W/o-Prasanna Kumar Giri residing Vill – Saraspasi, Po- Raikala, PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, I shall be known as **Maithili Giri** for all purposes.



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 590, dated 25.03.2026, I, GUTREDI RAMKRISHNA RAO, Son of - Late. Gutredi Suri Narayan, Permanent Resident of Village - Charamula, PO - Charamula, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from G RAMAKRISHNA to GUTREDI RAMKRISHNA RAO. Henceforth, I shall be known as **GUTREDI RAMKRISHNA RAO** for all purposes.

Sd/- Gutredi Ramkrishna Rao



**AFFIDAVIT**

I, Aabha Utkalika Jagmohan Meher, aged about 29 years, D/o-Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps-Khariar, Dist- Nuapada, Odisha, Pin- 766107, do hereby declare by this affidavit No. 1484, dtd-26.07.2026, that now onwards I shall be known as **AABHA UTKALIKA MEHER** for all future purposes.



**AFFIDAVIT**

By virtue of an affidavit No-10284, sworn before The Executive Magistrate Jajpur on dtd- 22/07/2026. I, **Basanti Mohanty**, permanent resident of At/Po: Jhadanga, Block: Dasarathapur, Ps/Dist- Jajpur, Pin- 755007, Odisha declared that I have changed my name from **Basantilata Mohanty** (old name) to **Basanti Mohanty** (new name). Henceforth, I shall be known as **Basanti Mohanty** for all future purposes.

**Basanti Mohanty**



**AFFIDAVIT**

I, Nivedita, aged about 54 years, W/o- Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps-Khariar, Dist- Nuapada, Odisha, PIN- 766107, do hereby declare by this affidavit No- 683, dtd-01.03.2025, that now onwards I shall be known as **NIVEDITA MEHER** for all future purposes.



**AFFIDAVIT**

By virtue of an affidavit on dtd-09.05.2026 sworn before The Notary Public, Saintala, Titilagarh. I, **Tikenath Majhi**, aged about 50 years, S/o Late Rajiba Majhi, resident of Village/At: Belgaon, Po: Belgaon, Ps: Saintala, Dist: Balangir, Odisha declare that I have changed my minor son's name from **Khitesh Majhi** (old name) to **Khitis Majhi** (new name) in his Aadhar Card (vide No. 3294 9007 6207). Henceforth, he shall be known as **Khitis Majhi** (new name) for all purposes.

**Tikenath Majhi**



**AFFIDAVIT**

I, Pran Krushna Jena, aged about 43 years, S/o-Kumud Kanta Jena, resident of Plot No-BL/111, VSS Nagar, Bhubaneswar, Dist-Khurda, PIN- 751007, Odisha declared by this affidavit No. 507, dtd-27/07/2026 that now onwards I shall be known as **PRANA KRUSHNA JENA** for all future purposes.



**DECLARATION**

By virtue of an affidavit sworn before the Executive Magistrate, Titilagarh, on dtd-27.07.2026, I, **Sri Ratra Gahir**, aged about 57 years, S/o Sadhu Gahir, resident of At: Charapgarh, PO: Gotthadi, PS: Saintala, Dist: Balangir, Odisha, do hereby solemnly declare that the Registered Sale Deed No. 1383 of 2009, dated 17.07.2009, registered at the Sub-Registrar Office, Titilagarh, stands recorded in my name. That the said Registered Sale Deed was stored in a wooden box along with other documents, and all these items have been eaten and severely damaged by white ants (termites), rendering them beyond recovery. Further, I have not mortgaged or pledged the said Registered Sale Deed to any bank or financial institution. If any evidence to the contrary is found, I shall be held fully liable under the law.

## ଭେଡେନ ବ୍ଲକ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ



**ଭେଡେନ, ୨୭ ।୭ (ସମିସ):** ଭେଡେନ ବ୍ଲକ କଂଗ୍ରେସ କମିଟି ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ସାହା, ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ବ୍ଲକ ସଭାପତି ରମେଶ ଚନ୍ଦ୍ର ପଣ୍ଡା, କଂଗ୍ରେସ ଜିଲ୍ଲା ଉପସଭାପତି କିଶୋର ସାହୁ, ପ୍ରତାପ ଚନ୍ଦ୍ର ନାୟକ, ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ପାଢ଼ୀ, ଦଶରଥ ମେହେର, ଦିଲୀପ ଦାଶ, ସୁମନ ହୋତା, ଜାପାନୀ ସାହୁ, ମାଧବ ସାହୁ, ଗୋବିନ୍ଦ ସାହୁ, ଖୀରସିନ୍ଧୁ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**ପଦମପୁର, ୨୭ ।୭ (ସମିସ):** ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ପୁରେନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସ୍କୁଲ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ତେବେ ଶିକ୍ଷକ ସମସ୍ୟା ନେଇ ପ୍ରଧାନ ଶିକ୍ଷକ ପ୍ରମୋଦ ନାଥ ଓ ପରିଚାଳନା କମିଟିର ସଦସ୍ୟ ସଞ୍ଜୀବ ବେହେରା ଓ ଜୟଲାଲ ଗୁରୁ ଦୃଷ୍ଟି ଆକର୍ଷଣ କରିବାରୁ ଅତି ଶୀଘ୍ର ସମାଧାନ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ସ୍କୁଲ ବିଜ୍ଞାନାଗାର, ଓ ଇ-ଲାଇବ୍ରେରୀ ପରିଦର୍ଶନ କରିଥିଲେ । ସ୍ୱେଚ୍ଛାକୃତ ଭାବେ ଶିକ୍ଷାଦାନ କରୁଥିବା ଅକ୍ଷୟ ବେହେରାଙ୍କ ଶିକ୍ଷାଦାନକୁ ପ୍ରଶଂସା କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ, ଲୋକନାଥ ଭୋଇ, ଶିକ୍ଷକ ଯତୀନ୍ଦ୍ର ଦୀପ, ଚଞ୍ଚଳା ସାହୁ, ବୁଲୁ ମଲ୍ଲିକ ଓ ସୁରେଶ ପଟେଲ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ ।

## ବିଡିଓଙ୍କୁ ଦାବିପତ୍ର ପ୍ରଦାନ



**ଗାଇସିଲେଟ, ୨୭ ।୭ (ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଠିକ୍ ସର୍ବେକ୍ଷଣ କରି ଉପଯୁକ୍ତ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ଦେବା ପାଇଁ ଏକ ପ୍ରତିନିଧି ମଣ୍ଡଳୀ ଗାଇସିଲେଟ ବିଡିଓଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଯୋଗେଶ୍ୱର ପଧାନ, ଜଗତ ସିଂ ବରିହା, ଅଚ୍ୟୁତ ସାହୁ, ତନ୍ମୟ ପୁରୋହିତ, ବିପିନ ସାହୁ, ହେମନ୍ତ ଭୁଏ, କୈଳାସ ଷାଣ୍ଡ, ଝସକେତନ ପଧାନ, ଯୁଧିଷ୍ଠିର ସାହୁ, ନାଦିଆ ସାହୁ, ଚଏତୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

**ପାଇକମାଲ, ୨୭ ।୭ (ସମିସ):** ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ଶୁଭମ୍ ପତି, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ଏବିଇଓ ଶିବ ପ୍ରସାଦ ଯୋଷୀ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଇକମାଳ ବିଆରସିସି ରାଧେଶ୍ୟାମ ମେହେର, ବ୍ରିଜ୍ ସୋନି, ସିଆରସିସି ରଞ୍ଜନ ବାଗ ଏବଂ ବିଚାରକ ମିନିକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଞ୍ଚଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



**ପଦ୍ମପୁର, ୨୭ ।୭ (ସମିସ):** ସ୍ଥାନୀୟ ଅଞ୍ଚଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଯୁକ୍ତ ଦୁଇ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଦିଗାମ୍ବର ଚାନ୍ଦ ସଭାପତିତ୍ୱ କରିଥିଲେ । ଏହି ଅବସରରେ +୨ ବିଭାଗର ପ୍ରଭାରୀ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ନୀତି ଶୃଙ୍ଖଳା, ଶୈକ୍ଷିକ ପରିବେଶ ଓ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଅତିଥି ଭାବେ ଶିକ୍ଷକ କର୍ମଚାରୀ ପରିଷଦର ସମ୍ପାଦକ ଅଧ୍ୟାପକ ସନ୍ତୋଷ ମିଶ୍ର, ଧନ୍ଦାମୂଳକ ଶ୍ରେଣୀର ମୁଖ୍ୟ ଅଧ୍ୟାପକ ବିଶ୍ୱରାଜ ପାତ୍ର, ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଶର୍ମିଳା ପଣ୍ଡା, ଛାତ୍ରାବାସ ମୁଖ୍ୟ ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ ଏବଂ ଛାତ୍ରୀ ନିବାସ ମୁଖ୍ୟା ନିକିତା ଭୋଇ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ଓ ନିଷ୍ଠାର ସହ ଅଧ୍ୟୟନ କରିବା ପାଇଁ ଉତ୍ସାହିତ କରିଥିଲେ । ଅଧ୍ୟାପକ ନିର୍ମଳ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜବୋଡ଼ାସମ୍ବରରେ ୪୬ ଅଭିଯୋଗର ଶୁଣାଣି

**ପଦ୍ମପୁର, ୨୭ ।୭ (ସମିସ):** ରାଜବୋଡ଼ାସମ୍ବର୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲୁ, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଜମି ବିବାଦ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ରାସନ କାର୍ଡ, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ରାସ୍ତା ନିର୍ମାଣ ଏବଂ କୃଷି ସମ୍ବନ୍ଧୀୟ ସମସ୍ୟା ନେଇ ସମୁଦାୟ ୪୬ଟି ଅଭିଯୋଗ ଆସିଥିଲା । ଏଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା । ସମସ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ସୁଶାନ୍ତ ସିଂହଙ୍କ ପରଲୋକରେ ସମସ୍ତେ ମ୍ରିୟମାଣ



### ହଳଦୀପାଲି ବାସଭବନରେ ନିରବତା

**ବରଗଡ଼, ୨୭ । ୭ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ଭଟଲିର ପୂର୍ବତନ ବିଧାୟକ ସୁଶାନ୍ତ ସିଂହଙ୍କ ବିୟୋଗରେ ସମଗ୍ର ଓଡ଼ିଶା ବିଶେଷକରି ବରଗଡ଼ ଜିଲ୍ଲା ଓ ପଶ୍ଚିମ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି । ସୋହେଲା ବ୍ଲକର ବାଉଶେନମୁରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ସୁଶାନ୍ତ ସିଂହ ଜଣେ ଜନପ୍ରିୟ ଓ ସରଳ ସ୍ୱଭାବର ନେତା ଭାବେ ପରିଚିତ ଥିଲେ । ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ମରଶରୀରକୁ ବରଗଡ଼ ଜିଲ୍ଲା ହଳଦୀପାଲିସ୍ଥିତ ତାଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖା ଯାଇଛି । ହଜାର ହଜାର ଶୁଭେଚ୍ଛୁ, ସମର୍ଥକ ଓ ସାଧାରଣ ଲୋକ ସେଠାରେ ପହଞ୍ଚି ତାଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇବେ । ମଙ୍ଗଳବାର ସକାଳ ୧୦ଟାରେ ସୋହେଲା ବ୍ଲକର ବାଉଶେନମୁରା ଗ୍ରାମରେ ସମ୍ମାନର ସହ ଶେଷକୃତ୍ୟ ସମ୍ପନ୍ନ ହେବ । ହଳଦୀପାଲି ବାସଭବନରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ସରୋଜ ମେହେର, ସୁଶାନ୍ତ ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

### ଝୁରୁଛି କପାଶିରା

**ବରଗଡ଼, ୨୭ ।୭ (ସମିସ):** ସୁଶାନ୍ତ ସିଂହ କପାଶିରା ଗ୍ରାମର ହସ୍ତଶିଳ୍ପ, କଳାସଂସ୍କୃତି ପ୍ରତି ଖୁବ୍ ସମ୍ବେଦନଶୀଳ ଥିଲେ । ତାଙ୍କ ପ୍ରଚେଷ୍ଟାରେ ଏହି ଗ୍ରାମ ହସ୍ତକଳା, ହସ୍ତଶିଳ୍ପ କ୍ଷେତ୍ରରେ ସମଗ୍ର ଓଡ଼ିଶାରେ ପରିଚିତ ହୋଇଛି । କପାଶିରା ଗ୍ରାମର ଜଗନ୍ନାଥ ମନ୍ଦିର ରଙ୍ଗ କରିବା, ପାର୍ବତୀ ଗିରି ମେଗା ଉଠାଜଳ ସେଚନରେ କପାଶିରା ଗ୍ରାମ ପାଇଁ ବ୍ୟବସ୍ଥା କରିବା, ଭୁକ୍ତାରୁ କପାଶିରା ଦୁଇଟି ରାସ୍ତା ନିର୍ମାଣ, ଯୁବ ହସ୍ତଶିଳ୍ପୀ ଅମୂଲ୍ୟ ଭୋଇଙ୍କ ପ୍ରତିଭାକୁ ଚିହ୍ନି ପାରିବା, ସୋହେଲା ଗାନ୍ଧୀ ଛକ ନିର୍ମାଣ, ମହାତ୍ମା ଗାନ୍ଧୀ ଦାଣ୍ଡି ମାର୍ଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଇବା, ଅମ୍ବାଭୋନା ବ୍ଲକରେ କପାଶିରା ହାଇସ୍କୁଲର ଉନ୍ନତି, କଲ୍ୟାଣ ମଣ୍ଡପ ନିର୍ମାଣ ସହ ଅନେକ ଜନହିତକର କାର୍ଯ୍ୟ କରାଇ ସେ ଖୁବ୍ ଜନପ୍ରିୟ ହୋଇଥିଲେ । ଗରିବ ପରିବାରର



କନ୍ୟା ବିବାହ କରାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ କରାଇ ଗ୍ରାମବାସୀଙ୍କ ଖୁବ୍ ଆସ୍ଥା ଭାଜନ ହୋଇଥିଲେ । ସୁଶାନ୍ତ ସିଂହଙ୍କ ଏମିତି ସମସ୍ତ ସୁଗୁଣ ସ୍ମରଣ କରି କପାଶିରା ଗ୍ରାମବାସୀ ଗଭୀର ଶୋକବ୍ୟକ୍ତ କରିଛନ୍ତି ଏବଂ ତାଙ୍କୁ ଝୁରି ହେଉଛନ୍ତି ।

### ଶେଷ ଦର୍ଶନ କଲେ ବିଜେଡି ନେତା, କର୍ମୀ

**ବରଗଡ଼, ୨୭ । ୭ (ସମିସ):** ବରଗଡ଼ ଜିଲ୍ଲା ମୁଖ୍ୟାଳୟର ଗାନ୍ଧୀ ଛକରେ ସୁଶାନ୍ତ ସିଂଙ୍କ ମର ଶରୀର ପହଞ୍ଚିବା ପରେ ବିଜେଡି ନେତା ଓ କର୍ମୀ ଶେଷ ଦର୍ଶନ କରିଥିଲେ । ବିଧାୟିକା ବର୍ଷା ସିଂ ବରିହା, ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବିଜେଡ଼ି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା



ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, କରନ ସିକନ୍ଦର, ବରିଷ୍ଠ ସାମ୍ବାଦିକ ରଞ୍ଜନ ଦେବତା, କମଲ ତାଣ୍ଡି, ଜ୍ୟୋସ୍ନା ପାଇକ, ପ୍ରିୟା ତାଣ୍ଡି ପ୍ରମୁଖ ବର୍ଷାରେ ଭିଜି ଭିଜି ଶେଷ ଦର୍ଶନ କରିଥିଲେ । ବରଗଡ଼ ଜିଲ୍ଲାର ତୃଣମୂଳସ୍ତରର କର୍ମୀ ଓ ନେତା ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବରଗଡ଼ ଜିଲ୍ଲା ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ।

## ଦେବଗଡ଼ରେ ୨୭ ଅଭିଯୋଗର ଶୁଣାଣି

**ଦେବଗଡ଼, ୨୭ ।୭ (ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୨୦ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା ନିର୍ମାଣ, ଡ୍ରେନ୍ ନିର୍ମାଣ, ଶିକ୍ଷକ ନିଯୁକ୍ତି, ଭତ୍ତା ବଣ୍ଟନ ଓ ବିଦ୍ୟୁତ୍ ସମସ୍ୟା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଣ୍ଡା ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



## ବାହୁଡ଼ା ଯାତ୍ରା ଅବସରରେ ପୁସ୍ତକ ଉନ୍ମୋଚନ

**ଦେବଗଡ଼, ୨୭ ।୭ (ସମିସ):** ଦେବଗଡ଼ ପୁରୁଣାଗଡ଼ସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୂତନ ରଥରେ ଚଳିତ ବର୍ଷ ବାହୁଡ଼ା ଯାତ୍ରା ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି । ସ୍ଥାନୀୟ ପ୍ରଶାସନ, ପୌରପାଳିକା, ମନ୍ଦିର ପ୍ରଶାସନ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସମଗ୍ର ଉତ୍ସବ ବେଶ୍ ସୁଚାରୁରୂପେ ପରିଚାଳିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ବରିଷ୍ଠ ନାଗରିକ ସୁଧୀର କପରଦାର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗ ଦେଇଥିଲେ । ଏହି ଅବସରରେ ଏକ ପୁସ୍ତକ ଉନ୍ମଚନ ହୋଇଥିଲା ।

## କ୍ରିଷ୍ଣା ବିକାଶରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନ



**ବରଗଡ଼, ୨୭ ।୭ (ସମିସ):** ବରଗଡ଼ ବରାହଗୁଡ଼ାସ୍ଥିତ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ନିଟ୍ ଏବଂ ସିୟୁଇଟି (ୟୁଜି) ର କୃତି ଛାତ୍ରଛାତ୍ରୀଙ୍କୁ ଏକ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ନିଟ୍ (ୟୁଜି) ପରୀକ୍ଷାରେ ୩୮ ଜଣ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ସୁନାମଧନ୍ୟ ସରକାରୀ ମେଡିକାଲ କଲେଜରେ ସିଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିଭଳି ସିୟୁଇଟି (ୟୁଜି) ପରୀକ୍ଷାରେ ୬୧ ଜଣ ଛାତ୍ରଛାତ୍ରୀ ସଫଳ ହୋଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ପ୍ରଥମ ଚୟନ ପ୍ରକ୍ରିୟାରେ ସିଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ କାର୍ଯ୍ୟକ୍ରମ



**ବରଗଡ଼, ୨୭ । ୭ (ସମିସ):** ପାର୍ବତୀ ଗିରି ମହାବିଦ୍ୟାଳୟର ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କମଲ କାର୍ଯ୍ୟକ୍ରମ ସା ପରିଚାଳନା କରିଥିବାବେଳେ ଅଧ୍ୟାପିକା ମୌସୁମୀ ଲିଜା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶାର ଲବାନ/ଲବାନା ସମୁଦାୟଙ୍କୁ ଏସ୍‌ଟି ମାନ୍ୟତା ନେଇ ସଂସଦରେ ଦାବି

**ବରଗଡ଼, ୨୭ ।୭ (ସମିସ):** ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସୋମବାର ଲୋକସଭାରେ ନିୟମ ୩୭୭ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି । ଓଡ଼ିଶାର ଲବାନ ବା ଲବାନା ସମୁଦାୟଙ୍କୁ ବଞ୍ଜାରାର ପର୍ଯ୍ୟାୟ ଭାବେ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ସାମିଲ କରିବାକୁ କେନ୍ଦ୍ର ସରକାରଙ୍କୁ ଦାବି କରିଛନ୍ତି । ସାଂସଦ ଶ୍ରୀ ପୁରୋହିତ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ବଞ୍ଜାରା ସମୁଦାୟ ଏସ୍‌ଟି ତାଲିକାରେ ରହିଥିବା ବେଳେ ଭାଷା, ସଂସ୍କୃତି, ପରମ୍ପରା, ବିବାହ ପ୍ରଥା ଓ ସାମାଜିକ ପରିଚୟରେ ସମାନ ହୋଇଥିଲେ ମଧ୍ୟ ଲବାନ ଅଥବା ଲବାନା ସମୁଦାୟକୁ ଅନୁସୂଚିତ ଜାତି (ଏସ ସି) ତାଲିକାରେ ରଖାଯାଇଛି । ଏହି ତ୍ରୁଟିପୂର୍ଣ୍ଣ ବର୍ଗୀକରଣ ଯୋଗୁଁ ସମୁଦାୟ ସମ୍ବିଧାନସମ୍ମତ ଅଧିକାର ଓ ବିଭିନ୍ନ କଲ୍ୟାଣକାରୀ ସୁବିଧାରୁ ଏମାନେ ବଞ୍ଚିତ ହେଉଛନ୍ତି । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଲୋକୁର ସମିତି (୧୯୬୫), ଜୋସେଫି ସମିତି (୧୯୬୭), ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ (୧୯୯୩) ଓ ଓଡ଼ିଶା ସରକାରଙ୍କ ହାଲିଆ ସର୍ଭେରେ ବଞ୍ଜାରା, ବଞ୍ଜାରୀ, ଲବାନ ଓ ଲବାନା ଏକେ ସମୁଦାୟର ପର୍ଯ୍ୟାୟ ବୋଲି ସ୍ପଷ୍ଟ କରାଯାଇଛି । ତେଣୁ ଲବାନ ଅଥବା ଲବାନା ସମୁଦାୟଙ୍କୁ ଏସ୍‌ସି ତାଲିକାରୁ ବାହାର କରି ବଞ୍ଜାରାର ପର୍ଯ୍ୟାୟ ଭାବେ ଏସ୍‌ଟି ତାଲିକାରେ ସାମିଲ କରିବା ପାଇଁ ଶୀଘ୍ର ସାମ୍ବିଧାନିକ ଓ ଆଇନଗତ ପଦକ୍ଷେପ ନେବାକୁ ସେ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟଙ୍କୁ ଅନୁରୋଧ କରିଛନ୍ତି ।

## ଥୁଆପାଲି ଝରାପାଲି ଲାୟନ୍ସ କ୍ଲବ୍‌ର ପଦବୀ ସ୍ଥାପନ ଦିବସ



**ଥୁଆପାଲି, ୨୭ ।୭ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି, ଝରାପାଲି ଲାୟନ୍ସ କ୍ଲବ ତରଫରୁ ପଦବୀ ସ୍ଥାପନ ଦିବସ ପାଳିତ ହୋଇଛି । ଏଥିରେ ସଭାପତି ଲାୟନ୍ସ ଅକ୍ଷୟ ପଧାନ, ନୂତନ ସଭାପତି ଲାୟନ୍ସ ସନ୍ତୋଷ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହି ଅବସରରେ ସମ୍ପାଦକ ଭାବେ ଲାୟନ୍ସ ଶିଶିର ଭୋଇ, କୋଷାଧ୍ୟକ୍ଷ ଭାବେ କୁଶ ପ୍ରଧାନଙ୍କୁ ମନୋନୀତ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଡିଜି ଲାୟନ୍ସ ଚରନଜିତ କୌର ହୁରା, ପଦବୀ ସ୍ଥାପନ ଇନ୍‌ଚାର୍ଜ ପିଡିଜି ଲାୟନ୍ସ ଦୁର୍ଗା ପ୍ରସାଦ ଶର୍ମା, ସମ୍ମାନିତ ଅତିଥି ଭାବେ ଲାୟନ୍ସ ମନୋଜ ଶର୍ମା, ଲାୟନ୍ସ ପ୍ରଦୀପ ଟାୟଲ ଯୋଗ ଲାୟନ୍ସ କ୍ଲବର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଏହି ସମୟରେ ଥୁଆପାଲି ଝରାପାଲି ଲାୟନ୍ସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ଲାୟନ୍ସ ଶଙ୍କରଲାଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରପାଲି କଲେଜରେ ମହିଳା ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ



**ବରପାଲି, ୨୭ ।୭ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସହଯୋଗରେ ମହିଳା ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସରସ୍ୱତୀ ମହିଳା ସଂଘ ସଦସ୍ୟା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଘରଯୁଗୀ ଗଡ଼ତିଆ ଯୋଗ ଦେଇ ଛାତ୍ରୀମାନଙ୍କୁ ନାରୀ ଜାଗରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ପ୍ରଧାପକ ସୁଶୀଲ ଶତପଥୀ ଛାତ୍ରୀମାନଙ୍କୁ ନିଜ ଅଧିକାର ତଥା ସୁରକ୍ଷା ସମ୍ପର୍କରେ ସଚେତନତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଧୀରୋଜ ତ୍ରିପାଠୀ ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ମତ ପ୍ରଦାନ କରିଥିଲେ । ଅଧ୍ୟାପକ ଅଶୋକ ପଧାନ, ଉତ୍ତର ଗଡ଼ତିଆ, ଅଧ୍ୟାପିକା ଡକ୍ଟର ମନୀଷା ଦାଶ, ଦେବାଙ୍ଗିନୀ ସାହୁ, ସୀମା ଭୋଇ, ଅଞ୍ଜନା ଭୋଇ, ରଞ୍ଜିତା ମେହେର, ନିଲମ ଦେବତା, ସମୀକ୍ଷା ସାହୁ, ନିଲମ ଦାଶ, ଦେବଯାନୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଡକ୍ଟର ସମ୍ବିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବୀମା, ସାର ସମସ୍ୟା ନେଇ ଗର୍ଜିଲେ ଚାଷୀ

**ମେଲଛାମୁଣ୍ଡା, ୨୭ ।୭ (ସମିସ)**

ବାରମ୍ବାର ଦୈବୀ ଦୁର୍ବିପାକ, ମୁଣ୍ଡ ଉପରେ ଋଣର ବୋଝ ଏବଂ ତା' ସାଙ୍ଗକୁ ସରକାରୀ ନୀତିର ପ୍ରହସନ ଭିତରେ ଅଣ୍ଟା ସଳଖି ପାରୁ ନ ଥିବା ଚାଷୀ ଆଜି ପୁଣି ଥରେ ନିଜର ହକ୍ ପାଇଁ ଲଢ଼େଇ କରିବାକୁ ପ୍ରସ୍ତୁତ ହୋଇଛି । ସାରର ଅଭାବୀ ବିକ୍ରି, ଫସଲ ବୀମା (ଇନ୍ସୁରାନ୍ସ) ପ୍ରକ୍ରିୟାରେ ଜଟିଳତା ଏବଂ ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିରେ ଘେଁସ ଧାନମଣ୍ଡି ପରିସରରେ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଏକ ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତି (ସୋସାଇଟି) ଗୁଡ଼ିକରେ କେବଳ ଋଣୀ ଚାଷୀଙ୍କୁ ସାର ଦିଆଯାଉଥିବା ବେଳେ ଅଣଋଣୀ ଚାଷୀଙ୍କୁ ସମ୍ପୂର୍ଣ୍ଣ ଆଖିବୁଜି ଦିଆଯାଉଛି । ନିଜ ନାମରେ ଜମି ପଟ୍ଟା ନ ଥିବା କାରଣରୁ ବହୁ ପ୍ରକୃତ ଚାଷୀ ଫସଲ ବୀମା (ଇନ୍ସୁରାନ୍ସ) ସୁବିଧାରୁ ବଞ୍ଚିତ ହେଉଛନ୍ତି । ପୁଞ୍ଜିପତିଙ୍କର କୋଟି କୋଟି ଟଙ୍କାର ଟ୍ୟାକ୍ସ ଓ ଋଣ ଛାଡ଼ ହୋଇପାରୁଛି; ହେଲେ ଦେଶର ଅନ୍ନଦାତା ଆଜି ଋଣ ବୋଝରେ ନିଷ୍ପେସିତ ହୋଇ ଇଚ୍ଛାମୃତ୍ୟୁ ଓ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଉଛନ୍ତି । ସରଳ ଚାଷୀ କିଭଳି ସହଜ ଓ ସୁବିଧାରେ ନିଜର ହକ୍ ପାଇପାରିବ ସେ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଯଦି ପ୍ରଶାସନିକ ସ୍ତରରେ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏ ତେବେ ଚାଷୀ ବାଧ୍ୟ ହୋଇ ଜୋରଦାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି । ଚଳିତ ମାସ ୨୮ ତାରିଖରେ ନୂଆଦିଲ୍ଲୀଠାରେ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର ମହାବୈଠକରେ ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧି ଦଳ ଯୋଗଦେବେ । ବୈଠକର ଆଲୋଚ୍ୟ ସମସ୍ୟାକୁ ଲିଖିତ ଆକାରରେ ଦିଲ୍ଲୀ ଦରବାରରେ ଉପସ୍ଥାପନ କରାଯିବ । ତେବେ ଏହି ଗସ୍ତ ପାଇଁ ଉପସ୍ଥିତ ଚାଷୀ ନିଜ ନିଜ ପକେଟରୁ ସ୍ୱେଚ୍ଛାକୃତ ଭାବେ ପାଖାପାଖି ୮ ହଜାର ଟଙ୍କା ଅସୁଲି କରି ପ୍ରତିନିଧି ମଣ୍ଡଳୀଙ୍କୁ ହସ୍ତାନ୍ତର କରିଛନ୍ତି; ଯାହା ଚାଷୀଙ୍କ ଏକତା ଓ ସଂଘର୍ଷର ଜ୍ୱଳନ୍ତ ଉଦାହରଣ । ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ସଂଯୋଜକ ପ୍ରଭାତ ସାହୁଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଚାଷୀ ନେତା ରମେଶ ମହାପାତ୍ର, ସୁରେଶ ନିକାଣ୍ଟି, ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷ ଓ ଚାଷୀଙ୍କ ବିଭିନ୍ନ ଗ୍ରାଉଣ୍ଡ ସମସ୍ୟା ଉପରେ କ୍ଷୋଭ ପ୍ରକାଶ କରିଥିଲେ । ସଭା ଶେଷରେ ଚାଷୀ ନେତା ପ୍ରେମରାଜ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି ଅବକାରୀ ଅଧୀକ୍ଷକ

## କୋର୍ଟ ରିଲିଜ ହେଲା ପରେ ମଧ୍ୟ ହସ୍ତାନ୍ତର କରୁ ନାହାନ୍ତି ଗାଡି

**ଶଗଡ଼ା, ୨୭ ।୭ (ସମିସ):** ବୌଦ୍ଧରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି ଅବକାରୀ ଅଧୀକ୍ଷକ । କୋର୍ଟ ରିଲିଜ ହେଲା ପରେ ମଧ୍ୟ ହସ୍ତାନ୍ତର କରୁ ନାହାନ୍ତି ଗାଡି । କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ୨୦୨୪ ମସିହାରେ ଏକ ଗଞ୍ଜେଇ ଚାଲାଣ ମାମଲାରେ ଏକ ବୋଲେରୋ ପିକ୍‌ଅପ୍ (ଓଡି ୦୩ ଏଏ ୭୨୧୬) ଜବତ କରିଥିଲା । ଏ ନେଇ କନ୍ଧମାଳ ଏଡିଜେ କୋର୍ଟରେ ମାମଲାର ରାୟ ପ୍ରକାଶ ପାଇସାରିଛି । ରାୟ ପ୍ରକାଶ ପାଇବା ପରେ ଗାଡି ମାଲିକ ଜଗନ୍ନାଥ କର୍ଣ୍ଣ କୋର୍ଟର ସମସ୍ତ କାଗଜପତ୍ର ଅବକାରୀ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ମାଲିକଙ୍କୁ ଗାଡି ହସ୍ତାନ୍ତର କରାଯାଇ ନ ଥିବା ଅଭିଯୋଗ ହୋଇଛି । ବାରମ୍ବାର ଅବକାରୀ କାର୍ଯ୍ୟାଳୟକୁ ଯାଇ ଅନେକ ନେହୁରା ହୋଇଥିଲେ ସୁଦ୍ଧା ଗାଡି ଦିଆଯିବ କହି ଦିନ ଗଡ଼ାଉଛନ୍ତି । ଶେଷରେ ଗାଡି ମାଲିକ କନ୍ଧମାଳରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଗାଡି ହସ୍ତାନ୍ତର କରିବାକୁ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବକାରୀ ଅଧୀକ୍ଷକ ମାନୁ ନ ଥିବା ଗାଡି ମାଲିକ ପ୍ରକାଶ କରିଛନ୍ତି । କୋର୍ଟ ରିଲିଜ ପରେ ମଧ୍ୟ ମାଲିକକୁ ଗାଡି ହସ୍ତାନ୍ତର ନ କରିବା ପରିତାପର ବିଷୟ ବୋଲି କହିଛନ୍ତି । କେଉଁ ଉଦେଶ୍ୟ ରଖି ତାଙ୍କୁ ଏଭଳି ହଇରାଣ କରାଯାଉଛି ତାହାର ତଦନ୍ତ କରି ଖୁବ୍ ଶୀଘ୍ର ଗାଡି ହସ୍ତାନ୍ତର କରିବାକୁ ଶ୍ରୀ କର୍ଣ୍ଣ ଦାବୀ କରିଛନ୍ତି ।

# ବର୍ଷାରେ ଭୁଶୁଡ଼ିଲା ବାସଗୃହ

**ଥୁଆମୂଳ ରାମପୁର, ୨୭ ।୭ (ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଅଧୀନ ଜୁବାଙ୍ଗ ଗ୍ରାମରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଜଣେ ଗରିବ ଆଦିବାସୀ ପରିବାରର ବାସଗୃହ ଭୁଶୁଡ଼ି ପଡ଼ିଛି । ଘଟଣାରେ କୌଣସି ଜୀବନହାନୀ ଘଟି ନ ଥିଲେ ମଧ୍ୟ ପରିବାରଟି ସମ୍ପୂର୍ଣ୍ଣ ଭାବେ ଘରବିହୀନ ହୋଇପଡ଼ିଛି । ସୂଚନା ଅନୁଯାୟୀ, ଜୁବାଙ୍ଗ ଗ୍ରାମର ଶାନ୍ତଶିଳ ମାଝୀ ଦୀର୍ଘଦିନ ଧରି ଆର୍ଥିକ ଅନଟନ ମଧ୍ୟରେ ପତ୍ନୀ ଘାସେନ ମାଝୀ ଏବଂ ଏକମାତ୍ର ପୁଅ ପ୍ରମୋଦଙ୍କୁ ନେଇ ଏକ ଜରାଜୀର୍ଣ୍ଣ ମାଟି ଘରେ ବସବାସ କରୁଥିଲେ । ଘରଟିର ଅବସ୍ଥା ପୂର୍ବରୁ ହିଁ ଅତ୍ୟନ୍ତ ଦୟନୀୟ ଥିବାରୁ କେତେବେଳେ ଯେ ଭାଙ୍ଗିପଡ଼ିବ, ସେହି ଭୟରେ ପରିବାର ଦିନ କାଟୁଥିଲା । ଚଳିତ ଲଘୁଚାପ ପ୍ରଭାବରେ ଲଗାତାର ପ୍ରବଳ ବର୍ଷା ହେବାରୁ ବିପଦର ଆଶଙ୍କା କରି ରବିବାର ଶାନ୍ତଶିଳ ମାଝୀ ନିଜ ପରିବାର ସହ ଭାଇଙ୍କ ଘରେ ଆଶ୍ରୟ ନେଇଥିଲେ । ସେହି ରାତିରେ ପ୍ରବଳ ବର୍ଷାରେ ତାଙ୍କ ବାସଗୃହ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିଲା । ସତର୍କତା ଅବଲମ୍ବନ କରିବା ଯୋଗୁଁ ପରିବାରର ତିନି ଜଣ ସଦସ୍ୟଙ୍କ ଜୀବନ ରକ୍ଷା ପାଇଥିଲେ । ଯଦି ସେମାନେ ଘର ଭିତରେ ଥାନ୍ତେ, ତେବେ ଏକ ବଡ଼ ଅଘଟଣ ଘଟିପାରୁଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଘର ଭାଙ୍ଗିଯିବା ପରେ ଶାନ୍ତଶିଳଙ୍କ



ପରିବାର ଏବେ ଅସହାୟ ଅବସ୍ଥାରେ ରହିଛି । ମୁଣ୍ଡ ଗୁଞ୍ଜିବାକୁ ନିଜସ୍ୱ ଘର ନଥିବାରୁ ସେମାନେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି । ଆର୍ଥିକ ଦୁରବସ୍ଥା ଯୋଗୁଁ ନୂଆ ଘର ନିର୍ମାଣ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଶାନ୍ତଶିଳ ମାଝୀଙ୍କ ପରିବାରକୁ ଜରୁରୀ ତ୍ରାଣ ସହାୟତା, କ୍ଷତିପୂରଣ ଏବଂ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଗ୍ରାମବାସୀମାନେ ଦାବି କରିଛନ୍ତି । ଲଘୁଚାପଜନିତ ବର୍ଷାରେ ଏଭଳି ଅନେକ କଚ୍ଚା ଘର ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ସେଗୁଡ଼ିକର ଶୀଘ୍ର ସର୍ଭେ କରି ଯୋଗ୍ୟ ପରିବାରଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରିବାକୁ ମଧ୍ୟ ଦାବି ଉଠିଛି ।

# ରାସ୍ତା ଖରାପ ଯୋଗୁଁ ବିଭାଗ ନାମରେ ଥାନାରେ ଅଭିଯୋଗ



**କେସିଙ୍ଗା, ୨୭ ।୭ (ସମିସ):** କେସିଙ୍ଗା ଜଗନ୍ନାଥ ମନ୍ଦିର ଛକରୁ ଟିଟଲାଗଡ଼କୁ ଯାଉଥିବା ରାସ୍ତା ଟ୍ରାଫିକ ଛକରୁ ପ୍ରାୟ ୭ ଶହ ମିଟର ପରେ କେସିଙ୍ଗା ଶେଲଫି ପଏଣ୍ଟ ଆହୁରି ପ୍ରାୟ ୧ କିମି ରାସ୍ତା ର ଅବସ୍ଥା ଏତେ ବିପର୍ଯ୍ୟସ୍ତ ହୋଇ ଯାଇଛି ତାହା ନ କହିବା ଭଲ । ବାରମ୍ବାର ଖବର ପ୍ରସାରଣ ପରେ ବିଭାଗ କର୍ଣ୍ଣପାତ ନ କରିବାରୁ କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସୋମବାର ସଭାପତି ଦୟା ସୁନାନୀ ଓ ପୂର୍ବତନ ସଭାପତି ସୁଶାନ୍ତ ମହାପାତ୍ର ଓ ସଂଘ ସମ୍ପାଦକ ପ୍ରୀତେସ ପଟେଲଙ୍କ ନେତୃତ୍ୱରେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମହମ୍ମଦ ଆଗା ଜାନ, ମନୋଜ ସିଂ, ସଂଗ୍ରାମ କେଶରୀ ଦେଓ, ବିବେକାନନ୍ଦ ଦାସ, ଶିବପ୍ରସାଦ ସାହୁ, ତେଜରାଜ୍ ସାହୁ ଏବଂ ମଧୁସୂଦନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଟୋରୁ ୩୭ କେଜି ଗଞ୍ଜେଇ ଜବତ; ଚାଳକ ଗିରଫ

**କନ୍ଧମାଳ/ଶଗଡ଼ା/ମନମୁଣ୍ଡା, ୨୭ ।୭ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ପୁଲିସ ଚୋରା ଚାଲାଣ ହେଉଥିବା ବେଳେ ଏକ ଅଟୋରୁ ୩୭ କେଜି ଗଞ୍ଜେଇ ଜବତ କରିଛି । ଚାଳକ ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅଧୀନ ଡୁମଡୁମି ଗ୍ରାମର ସୁଶୀଲ ବାରିକ (୩୦) କୁ ଗିରଫ କରିଛି । ଅଟୋ (ଓଡି ୧୫ଡବ୍ଲୁ ୭୫୬୪) ମଧ୍ୟ ଜବତ ହୋଇଛି । ଗାଡ଼ିଟି ସନ୍ଦେହଜନକ ଭାବେ ଯାଉଥିବା ଦେଖି ପାଟ୍ରୋଲିଂରେ ଥିବା ପୁଲିସ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଅଟୋରୁ ଗଞ୍ଜେଇ ମିଳିଥିଲା । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।



# ରଥ ଉପରେ ଶ୍ରୀଜୀଉଙ୍କୁ ଅଧରପଣା ଅର୍ପଣ

**ବୌଦ୍ଧ, ୨୭ ।୭ (ସମିସ):** ବୌଦ୍ଧରେ ରଥଉପରେ ମହାପ୍ରଭୁଙ୍କ ଅଧର ପଣା ନୀତି ସମ୍ପନ୍ନ ହୋଇଛି । ମହାପ୍ରଭୁଙ୍କ ଏହି ନୀତିକାନ୍ତି ରଥଖଳାରେ ସମ୍ପନ୍ନ ହୋଇଛି । ରଥ ଉପରେ ବିରାଜମାନ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବିଧିବଦ୍ଧ ଭାବେ ଅଧର ପଣା ଅର୍ପଣ କରାଯାଇଥିଲା । ପୂଜକମାନେ ବୈଦିକ ମନ୍ତ୍ର ଉଚ୍ଚାରଣ ସହ ମାଟିର ପାତ୍ରରେ ପ୍ରସ୍ତୁତ ସୁଗନ୍ଧିତ ପଣାକୁ ତିନି ଠାକୁରଙ୍କ ଅଧର ସ୍ପର୍ଶ କରାଇ ନୀତି ସମ୍ପନ୍ନ କରିଥିଲେ । ପରମ୍ପରା ଅନୁଯାୟୀ, ଏହି ପଣା ରଥରେ ବାସ କରୁଥିବା ଦେବଦେବୀ ଓ ଅଦୃଶ୍ୟ ଶକ୍ତିଙ୍କ ତୃପ୍ତି ନିମନ୍ତେ ଉତ୍ସର୍ଗ କରାଯାଇଥାଏ । ନୀତି ଶେଷରେ ମାଟି ପାତ୍ରଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା । ଏହି ଅବସରରେ ହଜାର ହଜାର ଭକ୍ତ ରଥ ନିକଟରେ ସମବେତ ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ନୀତିକୁ ଦେଖି ପୁଣ୍ୟଲାଭ କରିଥିଲେ । ଅଧର ପଣା ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ପହଣ୍ଡି କରାଯାଇ ମନ୍ଦିରକୁ ନିଆଯାଇଥିଲା । ବାଟରେ ଶ୍ରଦ୍ଧାଳୁମାନେ ତିନି ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ବାଟ ଭୋଗ ଅର୍ପଣ କରିଥିଲେ । ମନ୍ଦିର ଭିତରକୁ ପ୍ରବେଶ ସମୟରେ ଲକ୍ଷ୍ମୀ ନାରାୟଣ କଳି ଅନୁଷ୍ଠିତ ହୋଇଥିଲା । ମହାଲକ୍ଷ୍ମୀଙ୍କୁ ଛାଡି ଭାଇ ଭଉଣୀଙ୍କ ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଯାଇଥିବା ହେତୁ ମହାଲକ୍ଷ୍ମୀ ଅଭିମାନ କରିଥିଲେ । ବଡଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବାଟ ଛାଡିଥିବାବେଳେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯିବା ସମୟରେ ମନ୍ଦିର କବାଟ ବନ୍ଦ କରି ଦେଇଥିଲେ । ଉଭୟଙ୍କ ମଧ୍ୟରେ ବାକ୍ୟ ବିନିମୟ ହେବା ପରେ ଶେଷରେ ପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଖୁଆଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ । ଏହାପରେ ମନ୍ଦିରରେ ପ୍ରବେଶ କରିଥିଲେ ।

# ପୁଣି ଚର୍ଚ୍ଚାରେ ଦାନ ମାଝୀ

## ଅନୁମତି ବିନା ଫିଲ୍ମ ନିର୍ମାଣ ନେଇ କୋର୍ଟର ଦ୍ୱାରସ୍ଥ

**ବଲାଙ୍ଗିର/ପାଟଣାଗଡ଼, ୨୭।୭ (ସମିସ):** ଏକଦା ନିଜ ପତ୍ନୀଙ୍କ ମୃତଦେହକୁ କାନ୍ଧରେ ବୋହି ଚର୍ଚ୍ଚାକୁ ଆସିଥିବା ଦାନ ମାଝୀ ପୁଣିଥରେ ଚର୍ଚ୍ଚାରେ । ଏଥର ତାଙ୍କ ଜୀବନୀକୁ ଆଧାର କରି ତିଆରି ହୋଇଥିବା ଏକ ସର୍ଟ ଫିଲ୍ମକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅନୁମତି ବିନା ତାଙ୍କ ଚରିତ୍ରକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ଅଭିଯୋଗ କରି ଦାନ ମାଝୀ ପାଟଣାଗଡ଼ ଥାନାରେ ଏତଲା ଦେବା ସହ ପାଟଣାଗଡ଼ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ।



ସୂଚନା ଅନୁଯାୟୀ, ସମ୍ବଲପୁରର ଜଣେ ପ୍ରଯୋଜକ ଦାନ ମାଝୀଙ୍କ ଜୀବନ ଓ ଚରିତ୍ରକୁ ଆଧାର କରି ପ୍ରାୟ ୩୦ ମିନିଟ୍‌ର ଏକ ସର୍ଟ ଫିଲ୍ମ ନିର୍ମାଣ କରିଛନ୍ତି । ଦାନ ମାଝୀଙ୍କ ଅଭିଯୋଗ ଅନୁସାରେ ତାଙ୍କର କୌଣସି ଲିଖିତ କିମ୍ବା ମୌଖିକ ଅନୁମତି ନନେଇ ତାଙ୍କ ବ୍ୟକ୍ତିଗତ ଜୀବନକୁ ଆଧାର କରି ଏହି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ଏହା ତାଙ୍କ ବ୍ୟକ୍ତିଗତ ଅଧିକାରର ଉଲ୍ଲଂଘନ ବୋଲି ସେ ଦାବି କରିଛନ୍ତି । ଦାନ ମାଝୀ ପ୍ରଯୋଜକଙ୍କ ନାମରେ ପାଟଣାଗଡ଼ ଥାନାରେ ଏତଲା ଦେଇଥିବା ବେଳେ ଆଇନଗତ ପ୍ରତିକାର ପାଇଁ ପାଟଣାଗଡ଼ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ।

ଅନ୍ୟପକ୍ଷରେ, ପାଟଣାଗଡ଼ର ଜଣେ ଯୁବ ଫିଲ୍ମ ନିର୍ଦ୍ଦେଶକ ପ୍ରେମଜିତ ପୁଟା ମଧ୍ୟ ଦାନ ମାଝୀଙ୍କ ସମ୍ମତି ଓ ଅନୁମତି ହାସଲ କରି ଏକ ହିନ୍ଦୀ ସର୍ଟ ଫିଲ୍ମ କରିଥିବା ଜଣାପଡ଼ିଛି । ପ୍ରେମଜିତ ପୁଟା ଦାନ ମାଝୀଙ୍କ ସହ ପାଟଣାଗଡ଼ ଥାନା ଓ ପରେ ପାଟଣାଗଡ଼ କୋର୍ଟରେ ପହଞ୍ଚି ଅଭିଯୋଗ କରିଛନ୍ତି ।

# ତରଭା ଶ୍ରୀ ଦଧିବାବନଙ୍କ ବାହୁଡ଼ା ଯାତ୍ର

**ତରଭା, ୨୭ ।୭ (ସମିସ):** ତରଭା ଶ୍ରୀ ଦଧିବାବନଙ୍କ ପ୍ରସିଦ୍ଧ ବାହୁଡା ଯାତ୍ରା ଶେଷ ହୋଇଛି । ନବଜ୍ୟୋତି କ୍ଲବ, ଡ୍ରାଇଭର ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ଭବ୍ୟ ଉପନଭୋଗ ପ୍ରଦାନ ପରେ ରଥ ଟଣା ଯାଇଥିଲା । ତରଭା ରଥଯାତ୍ରା ସମୟରେ ଠାକୁରଙ୍କ ନିକଟରେ ଉପନ ଭୋଗ ପ୍ରଦାନ ଏକ ନିଆରା ପରମ୍ପରା । ଶ୍ରୀ ଗୁଣ୍ଡିଚା ଯାତ୍ରା ପ୍ରଥମ ଦିନରୁ ବାହୁଡା ଯାତ୍ରା ଶେଷ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ପଡ଼ା, ଆଖପାଖ ଗ୍ରାମ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ଉପନ ଭୋଗ ପ୍ରଦାନର ପରମ୍ପରା ରହିଛି । ଏହି ଉପନ ଭୋଗ ପାଇଁ ପିଠା, ମଣ୍ଡା, ବିଭିନ୍ନ ମିଷ୍ଟାନ୍ନ, ଫଳମୂଳ, ଫୁଲ ଥିବା ୧୦ରୁ ୧୦୦ ଥାଳି ଓ ପରାତ ସହ ଘଣ୍ଟଘଣ୍ଟା, ହୁଳହୁଳି, ଢୋଲ, ତାସା ତଥା ଝାଙ୍କି, କୀର୍ତ୍ତନ୍ୟ ଦଳ ସହ ଶହ ଶହ ଭକ୍ତ ସହର ପରିକ୍ରମା କରି ରଥ ନିକଟକୁ ଆସି ଉପନ ଭୋଗ ପ୍ରଦାନ କରିଥାନ୍ତି । ଏହା ଦେଖିବା ଓ ଆଳତି ମାଖିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥାଏ ।

# ନିଟ୍ ୟୁ ଜିରେ ସଫଳତା ପାଇଥିବା ମୋକ୍ଷାଦ୍ରୀଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୭ ।୭ (ସମିସ):** ଭବାନୀପାଟଣା ସ୍ଥିତ ହାଇଟେକ୍ ପବ୍ଲିକ ସ୍କୁଲ ଛାତ୍ରୀ ମୋକ୍ଷାଦ୍ରୀ ଶୁଭଦର୍ଶିନୀ ସର୍ବ ଭାରତୀୟ ସ୍ତରର ମେଡିକାଲ ପ୍ରବେଶିକା ପରୀକ୍ଷାରେ ୫୮୨ ର୍ୟାଙ୍କ ରଖି ତାଙ୍କ ପିତା ମାତା ମଧୁସୁଦନ ପ୍ରଧାନ ଓ ସ୍ୱପ୍ନା ପ୍ରଧାନଙ୍କ ସହ କଳାହାଣ୍ଡି ଜିଲ୍ଲାର ଗୌରବ ଆଣି ଦେଇଛନ୍ତି । ଏହି ଅବସରରେ କଳାହାଣ୍ଡି ଜିଲ୍ଲା କୁର୍ମୀ କ୍ଷତ୍ରୀୟ ଅଞ୍ଚଳ ସଂସ୍ଥାପକ୍ଷରୁ ଚକ୍ରଧରନଗର ଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଅଶ୍ୱିନୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସଂସ୍ଥାର କୁଳାଧିକାରୀ ମହେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇନଜୀବୀ ସିଦ୍ଧାର୍ଥ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଅଞ୍ଚଳ ସମ୍ପାଦକ ଭାବଗ୍ରାହୀ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ପ୍ରଧାନ, ଆରକ୍ଷୀ ବିଭାଗର ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀ କୃଷ୍ଣଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ହାବିଲଦାର ନାରାୟଣ ବିଶ୍ୱାଳ, ସୁବାଷ ପ୍ରଧାନ ମହିଳା ନେତ୍ରୀ



ତଥା ପୂର୍ବତନ ପୌର ଉପାଧ୍ୟକ୍ଷ ସବିତା ପ୍ରଧାନ, କାଉନ ସିଲର ସଂଯୁକ୍ତା ପ୍ରଧାନ, ସମାଜସେବୀ ସୌଭାଗ୍ୟ ମଞ୍ଜରୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ସମ୍ମାନିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହା ପରେ ତାଙ୍କ ଦୁଇ ଜେଜେ ତ୍ରିଲୋଚନ ପ୍ରଧାନ ଓ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ବରିଷ୍ଠ ନାଗରିକ ଭାବେ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ସଭ୍ୟ ସୀତାକାନ୍ତ ପ୍ରଧାନ, ଆଇନଜୀବୀ ପ୍ରତାପ ପ୍ରଧାନ, ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ, ପରକ୍ଷିତ ବିଶ୍ୱାଳ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ରାମ ଚନ୍ଦ୍ର ପ୍ରଧାନ, ଦିଲେଶ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଶ୍ୟାମଘନ ପ୍ରଧାନ, ସୋମେଶ ପ୍ରଧାନ, କୁମରମଣି ବେହେରା, ଦୁଃଖିଶ୍ୟାମ ପ୍ରଧାନ, ଶିଶିର ନାୟକ, ସୁଦାମ ପ୍ରଧାନ ଯଦୁମଣି ପ୍ରଧାନ, ସମ୍ପୂର୍ଣ୍ଣ ପ୍ରଧାନ, ଲିଙ୍ଗରାଜ ପଣ୍ଡା, ଉତ୍ତମ ପ୍ରଧାନ, ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଜ୍ୟୋତିର୍ମୟୀ ପ୍ରଧାନ, ଦୀପ୍ତିମୟୀ ପ୍ରଧାନ, ଯାଜ୍ଞସେନୀ ପ୍ରଧାନ, କ୍ଷିତିସୁତା ପ୍ରଧାନ, ସ୍ୱପ୍ନା ପ୍ରଧାନ, ଶୋଭାଗିନୀ ଦେବୀ ପ୍ରମୁଖ ଉପସ୍ଥିତି ଥିଲେ । ମଧୁସୂଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଲାବିରା ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା, ୨୭ ।୭ (ସମିସ):** କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧକ୍ଷତା କରିବା ସହ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ୪ଟି ଗୋଷ୍ଠୀଗତ ଅଭିଯୋଗ ଆସିଥିଲରା । ୨ଟି ତତ୍କାଳ ସମାଧାନ କରାଯାଇଥିଲା । ଏହା ସହିତ ରେଡକ୍ରସ୍ ପାଣ୍ଠିରୁ ଜଣେ ଅସହାୟ ଆବେଦନକାରୀଙ୍କୁ ୧୦, ୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଶୁଣାଣି ସମୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ବିବାଦ, ଘର ଭାଙ୍ଗିବା/ କ୍ଷତିପୂରଣ ଦାବି, ଜବରଦଖଲ ଏବଂ ପାନୀୟ ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପର୍କରେ ଜନସାଧାରଣ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗର ବିଚାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ସୂର୍ଯ୍ୟଂଶୁ ରୂତ୍ ଏବଂ ଅଭିଯୋଗ ଶୁଣାଣି ବିଭାଗର ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଗାଁ ଦାଣ୍ଡରେ ଲହଡ଼ି ମାରୁଛି ବର୍ଷାପାଣି



**ଶଗଡ଼ା, ୨୭।୭ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଦପଲା ପଞ୍ଚାୟତ ଅଧୀନ ଯାନିମୁଣ୍ଡା ଗ୍ରାମରେ ବର୍ଷା ପାଣି ଗାଁ ଦାଣ୍ଡରେ ଲହଡ଼ି ମାରୁଛି । ଲୋକେ ଘରୁ ବାହାରିଲେ ଅସ୍ୱାସ୍ଥ୍ୟକର ପରିବେଶରେ ଆଣ୍ଠୁଏ ପାଣିରେ ଯିବା ଆସିବା କରିଥାନ୍ତି । ଏହା ଫଳରେ ବିଭିନ୍ନ ପ୍ରକାର ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଇଛି । ଡ୍ରେନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକେ ଏକ ପ୍ରକାର ଜଳବନ୍ଦୀ ହୋଇ ରହନ୍ତି । ରାସ୍ତା ଖରାପ ଯୋଗୁଁ ପାଣିରେ ଯିବା ଆସିବା ସମୟରେ ଅନେକ ଲୋକ ପଡ଼ି ଆହତ ହେବାର ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ଛୋଟ ଛୋଟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଛନ୍ତି । ବୃଦ୍ଧବୃଦ୍ଧା ଭତ୍ତା ପାଇଁ ଏହି ରାସ୍ତା ଦେଇ ଅତି ଦୟନୀୟ ଅବସ୍ଥାରେ ଯାତାୟାତ କରିଥାନ୍ତି । ସେହିଭଳି କନ୍ଧମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଅଧୀନ ଗୋହିପିଟା ଗ୍ରାମରେ ମଧ୍ୟ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନେ ପାଣି ଗାଁ ଦାଣ୍ଡରେ ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି । ଲୋକେ ଅସ୍ୱାସ୍ଥ୍ୟକର ପରିବେଷରେ ଯାତାୟାତ କରୁଛନ୍ତି । ସଂକ୍ରାମକ ରୋଗ ହେବାର ଆଶଙ୍କା ଦେଖା ଦେଇଛି । ଏହାର ସମାଧାନ ପାଇଁ ଗ୍ରାମବାସୀ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଲୋକେ ପ୍ରକାଶ କରିଛନ୍ତି ।

# ଜିଲ୍ଲା ପ୍ରେସ୍ କ୍ଲବ୍ ତରଫରୁ ରକ୍ତଦାନ ଶିବିର

**ବୌଦ୍ଧ, ୨୭ ।୭ (ସମିସ):** ବୌଦ୍ଧ ଜିଲ୍ଲା ପ୍ରେସ୍ କ୍ଲବର ୯ମ ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲା ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିଥି ଭାବେ ଡା. ନାରାୟଣ ପସାୟତ, ପ୍ରେସ୍ କ୍ଲବର ସଭାପତି ପ୍ରଦୋଷ ମିଶ୍ର, ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ସହ-ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ବରିଷ୍ଠ ସଦସ୍ୟ ଦେବାନନ୍ଦ ସାହୁ, ଶମ୍ଭୁପ୍ରସାଦ ମିଶ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ । ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀ ଦେବଦତ୍ତ, ସୁଧୀର ଦେହୁରୀ ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ ।



# ୪୩ ଅଭିଯୋଗର ଶୁଣାଣି

**ବୌଦ୍ଧ, ୨୭ ।୭ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ଶିବିରରେ ଉପସ୍ଥିତ ରହି ସାଧାରଣଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ ଭୋଇ, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର ସାହୁ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ସହଯୋଗ କରିଥିଲେ । ଜନଶୁଣାଣିରେ ସ୍ୱାସ୍ଥ୍ୟସେବା, ଆବାସ ଯୋଜନା, ରାସନକାର୍ଡ ପ୍ରଦାନ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା ଓ ଅନ୍ୟାନ୍ୟ ଜନସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା । ଶିବିରରେ ମୋଟ ୪୩ ଜଣ ଆବେଦନକାରୀଙ୍କ ଅଭିଯୋଗ ପଞ୍ଜିକରଣ କରିଥିଲେ । ସେଥିରୁ ୩୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୪ଟି ଅଭିଯୋଗ ଗୋଷ୍ଠୀଗତ ଥିଲା ।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା



**ବୀରମହାରାଜପୁର, ୨୭ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜୁ ଜନତା ଦଳ ପକ୍ଷରୁ ଉଟଲି ବିଧାନସଭାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମୈତ୍ରୀ ସଦନଠାରେ ବିଜେଡି ବ୍ଲକ ସଭାପତି ସୁରୁନାରାୟଣ ମହାକୁରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ରାଜ୍ୟ ବିଜୁ ଜନତାଦଳ ସମ୍ପାଦକ ନାରାୟଣ ଲୁହା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମିଶ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ପୂର୍ବତନ ହିଲୁଙ୍ଗ ସରପଞ୍ଚ କଲ୍ଲୋଳ ମିଶ୍ର, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ବିଶ୍ୱବାସ ହୋତା ପ୍ରମୁଖ ଶତାଧିକ ବିଜେଡି କର୍ମୀ ସାମିଲ ହୋଇ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିଚାରଣ କରିଥିଲେ ।

# ପଞ୍ଚାୟତ କଲେଜକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି

**ଧର୍ମଗଡ଼, ୨୭ ।୭ (ସମିସ)**

ବିକାଶର ଡେଙ୍ଗୁରା ପିଟୁଥିବା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅସଲ ଚେହେରା ପଦାରେ ପଡ଼ିଛି । ଧର୍ମଗଡ଼ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ବିଶେଷ କରି ପଞ୍ଚାୟତ କଲେଜକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିବା ସହ ତାହା ଏବେ ନର୍ଦ୍ଦମାରେ ପରିଣତ ହୋଇଛି । ପାଣି ପଚି ସେଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ପଥଚାରୀ ଏବଂ କଲେଜ ଛାତ୍ରଛାତ୍ରୀ ଯାତାୟାତ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି । ସବୁଠାରୁ ଆଶ୍ଚର୍ଯ୍ୟ ଏବଂ ଦୁର୍ଭାଗ୍ୟର ବିଷୟ ହେଉଛି, ଏହି ଖାଲଖମା ଏବଂ



ନର୍କସଦୃଶ ରାସ୍ତାଟି ଖୋଦ ଧର୍ମଗଡ଼ ବିଧାୟକଙ୍କ ବାସଭବନଠାରୁ ମାତ୍ର ୧୦୦ ମିଟର ଦୂରରେ ଅବସ୍ଥିତ । ନିଜ ନିର୍ବାଚନ ମଣ୍ଡଳୀର ମୁଖ୍ୟ ରାସ୍ତାର ଏଭଳି ଦୁର୍ଦ୍ଦଶା ଦେଖି ମଧ୍ୟ ସ୍ଥାନୀୟ ବିଧାୟକ ନିରବ ପାଲଟିଯାଇଛନ୍ତି । ପ୍ରତିଦିନ ସେହି ରାସ୍ତା ଦେଇ ହଜାର ହଜାର ଲୋକ ଜୀବନକୁ ବାଜି ଲଗାଇ ଯିବାଆସିବା କରୁଥିଲେ ସୁଦ୍ଧା, ଜନପ୍ରତିନିଧିଙ୍କ ନଜର ଏହା ଉପରେ ନପଡ଼ିବା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀକୁ ବାରମ୍ବାର ଫୋନ୍ କରି ଜଣାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି । ପ୍ରଶାସନର ଏଭଳି ଦାୟିତ୍ୱହୀନତା ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି । 'ଆମେ ଟିକସ ଦେଉଛୁ କିନ୍ତୁ ଆମକୁ ନର୍କରେ ଚାଲିବାକୁ ପଡୁଛି । ପୂର୍ତ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ କାହାରି ନଜର ନାହିଁ । ବିଧାୟକ ମଧ୍ୟ ଆଖି ବନ୍ଦ କରି ବସିଛନ୍ତି' ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଧର୍ମଗଡ଼ ସହରର ଏହି ପ୍ରମୁଖ ସମସ୍ୟାର ସମାଧାନ କେବେ ହେବ ଏବଂ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା କେବେ ଭାଙ୍ଗିବ, ତାହା ଦେଖିବାକୁ ବାକି ରହିଲା ।

# ଏପିଜେ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା, ୨୭ ।୭ (ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଡ. ଏପିଜେ ଅବଦୁଲ କଲାମଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏପିଜେ ଅବଦୁଲ କଲାମ ଭାରତର ୧୧ତମ ରାଷ୍ଟ୍ରପତି ତଥା ମହାନ ବୈଜ୍ଞାନିକ ଏବଂ ଲୋକପ୍ରିୟ 'ମିସାଇଲ ମ୍ୟାନ' ଭାବେ ପରିଚିତ । ସ୍କୁଲର ଅଧକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶିଶୁ ଚିତ୍ରଶିଳ୍ପୀ ମୁକୁନ୍ଦ ରେଣ୍ଡୀ ସମ୍ମାନିତ ଅତିଥି ବାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ସରିତା ବାଗେଲ ସଭାପରିଚାଳନା ସହ ଧନ୍ୟବାଦ ଦେଇଥିଲେ ।




ସକାଳ
THE SAKALA
www.sakalaepaper.com

**ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ସଂସଦରେ ବିଲ୍**

# କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ; ପ୍ରଭାବଶାଳୀ କାର୍ଯ୍ୟକାରିତା ଆବଶ୍ୟକ: ବିଜେଡି

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବ ଆଇନର ସଂଶୋଧନ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡା ଓ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି ଦାବି କରିଛି। ଏହାଛଡ଼ା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି ଦଳ।

ଦଳ ପକ୍ଷରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ

- ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ, ଅଣାଯାଇଥିବା ଆଇନ କେବଳ କାଗଜରେ ରହିଯିବ
- ଓଡ଼ିଶାରେ ବିଜେପି ସରକାରଙ୍କ ଦ୍ୱାରା ହୋଇଥିବା ସଂଶୋଧନ ସଫଳ କାର୍ଯ୍ୟକାରୀ ହୋଇନାହିଁ

ପ୍ରଭାବିତ କରିଥିବା ବେଳେ, କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି। ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି। ଡ. ମହାନ୍ତି କହିଛନ୍ତି ଯେ କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪'କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା। କିନ୍ତୁ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ଗତ ଦୁଇ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ । ଏହା ପ୍ରମାଣ କରୁଛି ଯେ କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ, ଆଇନକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ସହିତ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରସଙ୍ଗରେ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି।

**ଦେଶରେ କମୁଛି ସରକାରୀ ସ୍କୁଲ୍**

# ୫ ବର୍ଷରେ ୧୭ ହଜାର ବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ସରକାରୀ ବିଦ୍ୟାଳୟର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୨୧-୨୨ ଶିକ୍ଷାବର୍ଷରେ ୧୦ ଲକ୍ଷ ୨୨ ହଜାର ୩୮୬ଟି ସରକାରୀ ସ୍କୁଲ ଥିଲା। ୨୦୨୫-୨୬ରେ ବିଦ୍ୟାଳୟ ସଂଖ୍ୟା ୧୦ ଲକ୍ଷ ୫ ହଜାର ୨୪୫କୁ ଖସିଛି। ଅର୍ଥାତ୍ ୫ ବର୍ଷରେ ୧୭ ହଜାର ୧୪୧ ଟି ସ୍କୁଲ୍ ବନ୍ଦ ହୋଇଛି। ଲୋକସଭାରେ ସାଂସଦ ଆନନ୍ଦ ଭଦୌରିଆଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

**ଓଡ଼ିଶାରେ ୪୬୯ଟି ସ୍କୁଲରେ ତାଲା**

ଓଡ଼ିଶାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୨୧-୨୨ରେ ରାଜ୍ୟରେ ୪୯,୦୭୨ଟି ସରକାରୀ ବିଦ୍ୟାଳୟ ଥିବାବେଳେ ୨୦୨୫-୨୬ରେ ଏହା ୪୮,୬୦୩କୁ ଖସିଛି। ଏହି ୫ ବର୍ଷ ମଧ୍ୟରେ ୪୬୯ଟି ସରକାରୀ ସ୍କୁଲ ବନ୍ଦ ହୋଇଛି। ଦେଶର ଅନେକ ବଡ଼ ରାଜ୍ୟରେ ମଧ୍ୟ ବିଦ୍ୟାଳୟ ସଂଖ୍ୟା କମିଛି। ସମାନ ସମୟରେ ଆନ୍ଧ୍ର ପ୍ରଦେଶରେ ୯୧୫, ମହାରାଷ୍ଟ୍ରରେ ୧୦୬୮, କର୍ଣ୍ଣାଟକରେ ୧୧୫୨, ମଧ୍ୟପ୍ରଦେଶରେ ୧୪୯୬, ଏବଂ ପଶ୍ଚିମବଙ୍ଗରେ ୧୭୧୧ ଟି ସରକାରୀ ବିଦ୍ୟାଳୟ ବନ୍ଦ ହୋଇଛି। ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ମେଘାଳୟ ଓ ଲଦାଖରେ ମଧ୍ୟ ବିଦ୍ୟାଳୟ ସଂଖ୍ୟାରେ ହ୍ରାସ ଘଟିଛି। ଅପରପକ୍ଷରେ ବିହାର ପରି ବିଭିନ୍ନ ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢ଼ିଛି। ବିହାରରେ ୮୭୭, ରାଜସ୍ଥାନରେ ୧୦୩୫, ଗୁଜରାଟରେ ୩୫ ଓ ଉତ୍ତର ପ୍ରଦେଶରେ ୭୯ ସରକାରୀ ବିଦ୍ୟାଳୟ ଖୋଲିଛି। ବିଶେଷଜ୍ଞଙ୍କ ମତରେ, ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପଛରେ ଛାତ୍ର ସଂଖ୍ୟା କମିବା, ବିଦ୍ୟାଳୟ ଏକୀକରଣ, ଜନସଂଖ୍ୟାର ସ୍ଥାନାନ୍ତରଣ ଓ ଶିକ୍ଷା ନୀତିରେ ପରିବର୍ତ୍ତନ ଭଳି କାରଣ ରହିପାରେ। ତଥାପି ଗ୍ରାମାଞ୍ଚଳରେ ସ୍କୁଲ ବନ୍ଦ କିମ୍ବା ମିଶ୍ରଣ ହେଲେ ଛୋଟ ପିଲାଙ୍କ ପାଖରେ ସହଜରେ ଶିକ୍ଷା ପହଞ୍ଚି ପାରିବ ନାହିଁ ବୋଲି ମତବ୍ୟକ୍ତ କରୁଛନ୍ତି।

## ବିଇଡି ପଢ଼ିବା ପାଇଁ ଅଗଷ୍ଟ ୫ ଯାଏଁ ଚଏସ୍ ଲକିଙ୍ଗ

ଭୁବନେଶ୍ୱର, ୨୭।୭(ସମିସ): ଚଳିତବର୍ଷ ଦୁଇ ବର୍ଷିଆ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠ୍ୟକ୍ରମରେ ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସାମସ୍ ୱେବସାଇଟ୍‌ରେ ଚୂଡ଼ାନ୍ତ ମାର୍କ ଉପଲବ୍ଧ ହୋଇଛି। ଏହାପରେ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଚୟନ କରିବେ। ଆଜିଠାରୁ ଅଗଷ୍ଟ ୫ ତାରିଖ ମଧ୍ୟରେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନକୁ ଚଏସ୍ ଲକିଙ୍ଗ କରିବେ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ଅଗଷ୍ଟ ୧୧ ଅପରାହ୍ନ ୨ଟା ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୧ ରୁ ୧୪ ତାରିଖ ମଧ୍ୟରେ ଫ୍ରିଜ୍ ବା ସ୍ଲାଇଡ୍ ବିକଳ୍ପ ବାଛିପାରିବେ। ୨୦ ତାରିଖ ପୂର୍ବାହ୍ନ ୧୧ ଟା ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୨୫ ତାରିଖରୁ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୩୧ଟି ଶିକ୍ଷାନୁଷ୍ଠାନରେ ୨୮୦୦ଟି ସିଟ୍ ରହିଥିବାବେଳେ ୧ ଲକ୍ଷ ୫ ହଜାର ୮୩୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

**ଆସନ୍ତା ୧୧ ରୁ ଆରମ୍ଭ ହେବ ପାଠପଢ଼ା**


## ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ


ଭୁବନେଶ୍ୱର,୨୭।୭(ସମିସ): ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ସେ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ସେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୋମବାର ସକାଳେ ସ୍ୱର୍ଗତଃ ସୁଶାନ୍ତ ସିଂଙ୍କ ମରଶରୀର ବିଧାନସଭାରେ ପରିସରରେ ପହଁଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବାଚସ୍ପତି ସୁରମା ପାଢୀ, ବିଧାନସଭାର ଏକାଧିକ ବିଧାୟକ ତଥା ପୂର୍ବତନ ବିଧାୟକ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ, ବିଧାୟକ ତଥା ସାଂସଦମାନେ ସାମାଜିକ ଗଣମାଧ୍ୟମରେ ସ୍ୱର୍ଗତଃ ସିଂଙ୍କ ସ୍ମୃତିଚାରଣ କରିଥିଲେ।

## ହସ୍ପିଟାଲ କୋଠାରୁ ଖସି ରୋଗୀ ମୃତ

ବାରିପଦା,୨୭।୭(ସମିସ): ବାରିପଦା ପିଆରଏମ ଟିଚିଂ ହସ୍ପିଟାଲର ୫ ମହଲାରୁ ଖସିପଡ଼ି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ସାହି ଥାନା ଦୁର୍ଗାପୁର ପଞ୍ଚାୟତ ଗୋବରାଶୋଳ ଗ୍ରାମର ସଞ୍ଜୟ ସିଂ (୨୮)। ସୋମବାର ଅସୁସ୍ଥ ହେବାରୁ ପ୍ରଥମେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପିଆରଏମ୍ ସ୍ଥାନାନ୍ତର ହୋଇଥିଲେ। ତାଙ୍କର ବାତ ରୋଗ ଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ତଳକୁ ଖସି ପଡ଼ିଲେ କିମ୍ବା ରୋଗ ଜ୍ୱାଳା ସହି ନ ପାରି ଡେଇଁ ଆତ୍ମହତ୍ୟା କଲେ, ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବାବେଳେ ଘଟଣାକୁ ନେଇ ପଚରାଉଚରା ଜାରି ରହିଛି।




MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta | नाल्को NALCO | TPWODL | JSW JFE Steel Limited | Paradeep Phosphates

■ କାଳବୈଶାଖୀରେ ଉଡ଼ିଯାଇଛି ଟିଣ ଛାଉଣି

# ମରାମତି ହୋଇନି; ସ୍କୁଲ କୋଠାରୁ ଝରୁଛି ପାଣି

**ଥୁଆମୂଳ ରାମପୁର, ୨୭ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ପାଡେପଦର ପଞ୍ଚାୟତର ସାନଛତ୍ରଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗି ରହିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ପାଠପଢ଼ାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ବିଦ୍ୟାଳୟର



ଛାତକୁ ସୁରକ୍ଷା ଦେବା ପାଇଁ ନିର୍ମିତ ଟିଣ ଛାଉଣୀ ଗତ ମାର୍ଚ୍ଚ ୧୭ ତାରିଖରେ ହୋଇଥିବା ପ୍ରବଳ କାଳବୈଶାଖି ଝଡ଼ରେ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା। କିନ୍ତୁ ଘଟଣାର ପ୍ରାୟ ଚାରି ମାସ ବିତିଯାଇଥିଲେ ମଧ ମରାମତି ହୋଇନାହିଁ। ଏବେ ବିଦ୍ୟାଳୟ କୋଠାର ଛାତରୁ ବର୍ଷା ପାଣି ଝରୁଛି। ଏହା ଫଳରେ ଶ୍ରେଣୀଗୃହ ଭିତରେ ପାଠପଢ଼ା କରିବା କଷ୍ଟସାଧ ହୋଇପଡ଼ିଛି। ଅନେକ ସମୟରେ ଶ୍ରେଣୀକକ୍ଷ ଭିତରେ ପାଣି ଜମୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାର ପ୍ରକୋପ ବଢ଼ିଲେ ବିଦ୍ୟାଳୟ ବନ୍ଦ କରିବାକୁ ପଡ଼ିପାରେ ବୋଲି ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଟିଣ ଛାଉଣୀ ଉଡ଼ିଯିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକେ ବ୍ଲକ ଶିକ୍ଷା ବିଭାଗକୁ ଏକାଧିକ ଥର ଅବଗତ କରାଇଥିଲେ। ତଥାପି ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ମତରେ, ବିଦ୍ୟାଳୟ ଭଳି ସମ୍ବେଦନଶୀଳ ସ୍ଥାନରେ ଦୀର୍ଘଦିନ ଧରି କ୍ଷତିଗ୍ରସ୍ତ ଅବସ୍ଥାକୁ ଅବହେଳା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ, ଅଞ୍ଚଳବାସୀ ଓ ଅଭିଭାବକମାନେ ବ୍ଲକ ପ୍ରଶାସନ ଏବଂ ଶିକ୍ଷା ବିଭାଗକୁ ତୁରନ୍ତ ଘଟଣାର ସ୍ଥଳ ପରିଦର୍ଶନ କରି ଆବଶ୍ୟକ ମରାମତି କାମ ଆରମ୍ଭ କରିବା ସହ ବିଦ୍ୟାଳୟରେ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ଦୀର୍ଘଦିନ ଧରି ସମସ୍ୟାର ସମାଧାନ ନ ହେବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ବଢ଼ାଉଛି ପରୀକ୍ଷା ହଲ୍‌ରେ ବିଦ୍ୟୁତ୍ ବିଭ୍ରାଟ

**ଭବାନୀପାଟଣା, ୨୭ ।୭ (ସମିସ)**

ଶୃଙ୍ଖଳିତ ପରୀକ୍ଷା ପରିଚାଳନାରେ ବାରମ୍ବାର ବ୍ୟତିକ୍ରମ ଛାତ୍ର ସମାଜର ମୁଣ୍ଡ ବିନ୍ଧାର କାରଣ ସାଜିଛି। କେତେବେଳେ ପ୍ରଶ୍ନ ପତ୍ରରେ ତ୍ରୁଟି ତ ଅନ୍ୟସମୟରେ ସିଲାବାସ ବାହାରୁ ପ୍ରଶ୍ନ ଆସୁଛି। ଆଜି ପରୀକ୍ଷା ଚାଲିଥିବା ସମୟରେ ବିଦ୍ୟୁତ୍ ବିଭ୍ରାଟ ଛାତ୍ର ଛାତ୍ରୀଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ସ୍ନାତକ ଦ୍ୱିତୀୟ ସେମିଷ୍ଟର ଜିଇ-୨ ପରୀକ୍ଷା ସମୟରେ ବିଦ୍ୟୁତ ବିଭ୍ରାଟକୁ ନେଇ ଛାତ୍ରୀଛାତ୍ର ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବର୍ଷା କାରଣରୁ କିଛି ସମୟ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ମାନେ କୁଳପତିଙ୍କ କାର୍ଯ୍ୟାଳୟକୁ ଯାଇ ନିଜ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ବିଦ୍ୟୁତ ଆସିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ, ଗତ ୧୮ ଜୁଲାଇରେ କୁଳପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଛାତ୍ର ସମନ୍ୱୟ ବୈଠକରେ ଛାତ୍ରୀଛାତ୍ର ମାନେ ଶ୍ରେଣୀଗୃହରେ ପର୍ଯ୍ୟାପ୍ତ ଆଲୋକ ଓ ପଙ୍ଖା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସେହିପରି ୨୧ ଜୁଲାଇରେ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଛାତ୍ର ଦାବିପତ୍ରରେ ମଧ ଏହି ସମସ୍ୟା ଉଲ୍ଲେଖ କରାଯାଇଥିଲା। ତେବେ ଏହି ଦାବି ଉପରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସୋମବାର ପରୀକ୍ଷା ସମୟରେ ଛାତ୍ରୀଛାତ୍ର ମାନେ ପୁଣି ଏପରି ଅସୁବିଧା ଭୋଗ କରିଥିବା ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ, ବିଶ୍ୱବିଦ୍ୟାଳୟ ପ୍ରଶାସନଙ୍କୁ ବାରମ୍ବାର ମୌଳିକ ସୁବିଧା ସମ୍ପର୍କରେ ଅବଗତ କରାଯାଉଥିଲେ ମଧ ସମସ୍ୟାର ସମାଧାନ ହେଉନାହିଁ। ପ୍ରତିବାଦ ସମୟରେ ଛାତ୍ରୀଛାତ୍ର ମାନେ ପ୍ରଶ୍ନ ଉଠାଇଥିଲେ ଯେ, ଏତେ ବଡ଼ ବିଶ୍ୱବିଦ୍ୟାଳୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ମୌଳିକ ସୁବିଧା କାହିଁକି ସୁନିଶ୍ଚିତ କରାଯାଇନାହିଁ। ଏହି ଘଟଣା ମଧ୍ୟରେ ବିଶ୍ୱବିଦ୍ୟାଳୟର ଛାତ୍ର ଅଭିଯୋଗ ସମାଧାନ କମିଟିର କାର୍ଯ୍ୟକଳାପକୁ ନେଇ ମଧ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଛାତ୍ର ଅଭିଯୋଗ ସମାଧାନ ଅଧିନିୟମ ୨୦୨୩ ଅନୁଯାୟୀ ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ଅଭିଯୋଗ ସମାଧାନ କମିଟି ଗଠନ ଓ ନିର୍ଦ୍ଧାରିତ କାର୍ଯ୍ୟକାଳ ପାଳନ କରିବା ବାଧ୍ୟତାମୂଳକ। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚିଠି ନମ୍ବର ୨୭୬୦, ତାରିଖ ୨୧ ସେପ୍ଟେମ୍ବର ୨୦୨୩ ମାଧ୍ୟମରେ ଛାତ୍ର ଅଭିଯୋଗ ସମାଧାନ କମିଟି ଗଠନ କରାଯାଇଥିଲା। ତେବେ ଅଭିଯୋଗ ହେଉଛି, ନିୟମ ଅନୁସାରେ କମିଟି ସଦସ୍ୟଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ଏବଂ ଛାତ୍ର ପ୍ରତିନିଧିଙ୍କ କାର୍ଯ୍ୟକାଳ ଏକ ବର୍ଷ ହୋଇଥିବା ସତ୍ତ୍ୱେ, କମିଟିର ପୁନର୍ଗଠନ ହୋଇନାହିଁ। ଏପରିକି କମିଟିରେ ଥିବା ଛାତ୍ର ପ୍ରତିନିଧି ପାସ୍‌ଆଉଟ୍ ହୋଇଥିବା ସତ୍ତ୍ୱେ ନୂତନ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇନଥିବା ବୋଲି ମଧ ଅଭିଯୋଗ ହେଉଛି। ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ, ଛାତ୍ର ଅଭିଯୋଗ ସମାଧାନ କମିଟି କେବଳ କାଗଜପତ୍ରରେ ସୀମିତ ରହିଛି ଏବଂ ଅଭିଯୋଗର ନିୟମିତ ଶୁଣାଣି କିମ୍ବା ସମାଧାନ ହେଉନାହିଁ। ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ୟୁଜିସି ନିୟମାବଳୀର ପାଳନ ନେଇ ପ୍ରଶ୍ନ ଉଠିଛି। ଏ ନେଇଁ ବିଶ୍ୱବିଦ୍ୟାଳୟର କୁଳ ସଚିବ ଗୁଣନିଧି ନାଏକଙ୍କୁ ପଚାରିବାରୁ ବିଦ୍ୟୁତ ଯିବା ଆମ ହାତରେ ନାହିଁ, ତଥାପି ପରୀକ୍ଷାର୍ଥୀଙ୍କୁ କୌଣସି ଅସୁବିଧା ନ ହେବା ପାଇଁ ଖୁବଶୀଘ୍ର ଏକ ଡିଜି ସେଟ୍ (ବଡ଼ ଜେନେରେଟର) ର ବ୍ୟବସ୍ଥା କରୁଛୁ ବୋଲି କହିଥିଲେ।

## ବଜ୍ରାପାତରେ ଚାଷୀ ମୃତ

**ନୂଆପଡ଼ା, ୨୭ ।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ନୂଆଗାଁ ପଞ୍ଚାୟତର ତୁକୁଲାପଡ଼ା ଗାଁର ବରୁଣ ବାଗ ନାମକ ଜଣେ ଚାଷୀଙ୍କ ବଜ୍ରାଘାତରେ ମୃତ୍ୟୁ ହୋଇଛି। ଚାଷୀ ଜଣକ ଆଜି ନିଜ ଜମିରେ ଧାନ ତଳି ଲଗାଉଥିବାବେଳେ ସାଙ୍ଗରେ ୧୩ ଜଣ ମଜୁରିଆ ମଧ ତଳି ଲଗାଉ ଥିଲେ। ହେଲେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ଘଣ୍ଟା ସମୟରେ ହଠାତ୍ ବଜ୍ରାଘାତ ହୋଇଥିଲା। ଫଳରେ ବରୁଣ ଜମିରେ ଟଳି ପଡ଼ିଥିଲେ। ସାଙ୍ଗରେ ଥିବା ମଜୁରିଆମାନେ ଉଦ୍ଧାରକରି ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋମନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରଯାଇଛି। ଏନେଇ କୋମନା ଥାନାରେ ମାମଲା ରୁଜୁ ହୋଇଛି।

## ସୁଶାନ୍ତ ସିଂଙ୍କ ବିୟୋଗରେ କେସିଙ୍ଗା ବିଜେଡିର ଶୋକ

**କେସିଙ୍ଗା, ୨୭ ।୭(ସମିସ):** ଭଟଲିର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସୁଶାନ୍ତ ସିଂହଙ୍କ ବିୟୋଗରେ କେସିଙ୍ଗା ବିଜେଡି ପରିବାର ପକ୍ଷରୁ ଶୋକପ୍ରକାଶ ପାଇଛି। ଓଡ଼ିଶା ରାଜନୀତିର ଜଣେ ଲୋକପ୍ରିୟନେତା ଭାବରେ ସ୍ୱର୍ଗତ ସିଂହ ରାଜ୍ୟବାସୀଙ୍କ ପ୍ରିୟ ପାତ୍ର ଥିଲେ। ସ୍ୱର୍ଗତ ସିଂହ ବିଜେଡି ସରକାର ଅମଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବରେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। କେସିଙ୍ଗା ନଗରପାଳ ନୃପରାଜ ଯାଦବଙ୍କ ସମେତ ସିଲୁ ପରିଡ଼ା, ନଳୀନ ପଟ୍ଟନାୟକ, ରମେଶ ଚନ୍ଦ୍ର ପଟ୍ଟନାୟକ, ସମସ୍ତ ବିଜେଡି ୱାର୍ଡ କାଉନସିଲର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଖଡ଼ିଆଳ କୋର୍ଟରେ ସିଜେଏମ୍ ସୁଶାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧନା



**ଖଡ଼ିଆଳ, ୨୭ ।୭(ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଳ କୋର୍ଟରେ ନବନିଯୁକ୍ତ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କୁ ଖଡ଼ିଆଳ ଯୁଡିସିଆଲ ବାର୍ ଆସୋସିଏସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବାର୍ ଆସୋସିଏସନର ସଭାପତି ଗିରିଧାରୀ ବିଭାରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲାର ନ୍ୟାୟ ବ୍ୟବସ୍ଥାକୁ ଅଧିକ ଗତିଶୀଳ, ସ୍ୱଚ୍ଛ ଏବଂ ଜନମୁଖୀ କରିବା ପାଇଁ ନ୍ୟାୟପାଳିକା ଓ ଆଇନଜୀବୀ ମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ଉପରେ ବକ୍ତାମାନେ ମତ ଦେଇଥିଲେ। ନବନିଯୁକ୍ତ ସିଜେଏମ୍ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ଖଡ଼ିଆଳ ବାର୍ ଆସୋସିଏସନ ପକ୍ଷରୁ କରାଯାଇଥିବା ସମ୍ବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ନ୍ୟାୟପାଳିକା ଓ ଆଇନଜୀବୀ ମାନଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ରହିଲେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅଧିକ ସୁଚାରୁ ଓ ଫଳପ୍ରଦ ହୋଇପାରିବ। ଆଇନର ଶାସନ ପ୍ରତିଷ୍ଠା ଏବଂ ଜନସାଧାରଣଙ୍କ ନ୍ୟାୟ ପ୍ରତି ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବା ଦିଗରେ ସେ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ସାରଦା ଚନ୍ଦ୍ର ପଣ୍ଡା, ଶିବ ପ୍ରସାଦ ମେହେର, ଭବେଶ ପାଣିଗ୍ରାହୀ, ଚିତ୍ତରଞ୍ଜନ ସିଂଦେଓ, ସଞ୍ଜୟ ମହାଉତି, ପୂର୍ଣ୍ଣଚନ୍ଦ୍ର ମେହେର, ବାଞ୍ଛାନିଧି ବେହେରା, ଆଦିତ୍ୟ ନାରାୟଣ ମହାପାତ୍ର, ବାରର କୋଷାଧ୍ୟକ୍ଷ ଜୟପ୍ରକାଶ ପଣ୍ଡା, ଟିକେଶ୍ୱର ବେହେରା, ଶାମ୍ବ କୁମାର ସରାଫ, ତୁଷାରକାନ୍ତ ମେହେର, କେତନ ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ନବନିଯୁକ୍ତ ସିଜେଏମ୍‌ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଯୁଡିସିଆଲ ବାର ଆସୋସିଏସନର ସମ୍ପାଦକ ମନୋରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସହ ଖେଳ

# ସରକାରୀ ଛୁଟି ନ ଥାଇ ସ୍କୁଲ ବନ୍ଦ; ଫେରିଗଲେ ଛାତ୍ରଛାତ୍ରୀ

**ଲାଞ୍ଜିଗଡ଼, ୨୭ ।୭(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅଧୀନ କମଲେଇ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଜି କୌଣସି ସରକାରୀ ଛୁଟି ନଥାଇ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଫଳରେ ଛାତ୍ରଛାତ୍ରୀମାନେ ସୋମବାର ସ୍କୁଲ ଯାଇ ତାଲା ପଡ଼ିଥିବା ଦେଖି ଖାଲି ହାତରେ ଘରକୁ ଫେରିଥିଲେ। ଏହି ପ୍ରାଥମିକ ବିଦ୍ୟାଳୟରେ



ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଏ। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାରାୟଣ ନାଏକ ଓ ସହଶିକ୍ଷକ ସିପୁନ ନାୟକ ଦୁଇ ଜଣ ନିଯୁକ୍ତ ଥାଇ ମଧ ଆଜି ଜଣେ ବି ସ୍କୁଲରେ ଉପସ୍ଥିତ ନଥିଲେ। କୌଣସି ସରକାରୀ ଛୁଟି ନଥାଇ ସ୍କୁଲ ବନ୍ଦ କରିବାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ସହଶିକ୍ଷକ ସିପୁନ ନାୟକଙ୍କୁ ପଚାରିବାରୁ ମୁଁ ଆମ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲି ଯେ ପାହାଡ଼ିଆ ରାସ୍ତା ଏବଂ ପ୍ରବଳ ବର୍ଷା ହେଉଥିବାରୁ ଆଜି ସ୍କୁଲକୁ ଯାଇପାରିବି ନାହିଁ। କିନ୍ତୁ ସିଆରସିସି ସାରଙ୍କୁ ଜଣାଇ ନଥିଲି। ସେପଟେ ପ୍ରଧାନ ଶିକ୍ଷକ ନାରାୟଣ ନାଏକ ମଧ ବର୍ଷା ଯୋଗୁଁ ସ୍କୁଲକୁ ଯାଇପାରି ନଥିବା ଏବଂ ସିଆରସିସିଙ୍କୁ ସୂଚନା ନ ଦେଇଥିବା ସ୍ୱୀକାର କରି ମୋ ଭୁଲ ହୋଇଛି ବୋଲି କହିଛନ୍ତି। ଏନେଇ ମାଳିଯୁବାଙ୍ଗ କ୍ଲଷ୍ଟର ସିଆରସିସି ଘାଷି ମାଝୀ କହିଛନ୍ତି, ଦୁଇ ଶିକ୍ଷକ ମତେ କୌଣସି ଛୁଟି ପାଇଁ ଲିଖିତ ବା ମୌଖିକ ଭାବେ ଜଣାଇ ନାହାନ୍ତି। ଆଜି କୌଣସି ସରକାରୀ ଛୁଟି ମଧ ନାହିଁ। ଯଦି ମତେ ଜଣାଇ ଥିଲେ ମୁଁ ଅନ୍ୟ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇବା ବ୍ୟବସ୍ଥା କରିଥାନ୍ତି। କାହିଁକି ସ୍କୁଲ ବନ୍ଦ ହେଲା ତାହା ତଦନ୍ତ ପରେ ଜଣାପଡ଼ିବ। ସରକାର ଶିକ୍ଷକମାନଙ୍କ ପାଇଁ ମୋଟା ଅଙ୍କର ଦରମା ଦେଉଥାଇ ମଧ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଏହାଦ୍ୱାରା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହେଉଛି ବୋଲି ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ତେବେ ଶିକ୍ଷା ବିଭାଗ ଏବେ ଦୁଇ ଜଣ ଶିକ୍ଷକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

ଅଜାଆଇଙ୍କ ଭରସାରେ ଶିଶୁ

# ଜନ୍ମ ପ୍ରମାଣପତ୍ର ମିଳୁ ନଥିବାରୁ ସରକାରୀ ସହାୟତାରୁ ବଞ୍ଚିତ

**କଳମପୁର, ୨୭ ।୭(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇଥିଲେ। ଏହାପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏବେ ଉକ୍ତ ଶିଶୁର ଆଧାରକାର୍ଡ ନ ଥିବାରୁ ତାଙ୍କୁ କୌସଣି ସରକାରୀ ସୁବିଧା



ମିଳୁନାହିଁ। ସୂଚନା ଅନୁସାରେ, ଶିଶୁପୁତ୍ର ଜନ୍ମ ଦେବାର କିଛି ଦିନ ପରେ ନାବାଳିକାର ଦେହାନ୍ତ ହୋଇଗଲା। ସେହି ଶିଶୁପୁତ୍ରକୁ ଏବେ ଅଜା ଆଇ ଲାଳନପାଳନ କରୁଛନ୍ତି। ଅଜା ଆଇ ଗରିବ ଶ୍ରେଣୀର ହୋଇଥିବା ବେଳେ ନାତିର ଲାଳନପାଳନ ପାଇଁ ଆବଶ୍ୟକ ଖର୍ଚ୍ଚ ବହନ କରି ପାରୁ ନାହାନ୍ତି, ଏଥିପାଇଁ ବାରମ୍ବାର ସହାୟତା ପାଇଁ ପ୍ରଶାସନ ନିକଟକୁ ଦୌଡୁଛନ୍ତି, ହେଲେ ଆଜିଯାଏଁ ସେମାନେ ସଫଳ ହୋଇ ପାରିନାହାନ୍ତି। ଏହାର ପ୍ରମୁଖ କାରଣ ହେଲା ଆଧାରକାର୍ଡ। ପ୍ରକାଶ ଯେ, ଅପ୍ରାପ୍ତ ବୟସ୍କା ଯୁବତୀ ସନ୍ତାନ ପ୍ରସବ ସମୟରେ ରକ୍ତ ଅଭାବ ରହିଥିଲା, ଏଥିପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ସେଠାରେ ସେ ଶିଶୁପୁତ୍ର ଜନ୍ମ ଦେଇଥିଲେ, ସୁସ୍ଥ ଅନୁଭବ ପରେ ସମ୍ପୃକ୍ତ ନାବାଳିକାକୁ ବାପା ମାଆ ଘରକୁ ନେଇ ଆସିଥିଲେ, ସେବେଠାରୁ ନାବାଳିକା ଧୀରେ ଧୀରେ ଅସୁସ୍ଥ ହେବାକୁ ଲାଗିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ନାବାଳିକାର ମାଆବାପା ତଥା ଶିଶୁପୁତ୍ରର ଅଜା ଆଇ ସେହି ନାବାଳିକାର ମୃତ୍ୟୁ ପ୍ରମାଣପତ୍ର ଓ ଜନ୍ମିତ ଶିଶୁପୁତ୍ରର ଜନ୍ମ ପ୍ରମାଣପତ୍ର ହାସଲ କରି ପାରୁନାହାନ୍ତି। ଫଳରେ ଶିଶୁପୁତ୍ରର ଆଧାର କାର୍ଡ ପ୍ରସ୍ତୁତ ହୋଇପାରୁ ନାହିଁ, ଆଧାର କାର୍ଡ ନ ଥିବାରୁ ଶିଶୁପୁତ୍ରକୁ ଅଙ୍ଗନବାଡି କେନ୍ଦ୍ର ଠାରୁ ମଧ କୌଣସି ସୁବିଧା ସୁଯୋଗ ମିଳି ପାରୁନାହିଁ, ଗରିବ ଅଜା ଆଇ ଉପରେ ନିର୍ଭର ଥିବା ଏହି ଶିଶୁପୁତ୍ର ଏକ ବର୍ଷ ବୟସ ହୋଇ ସାରିଥିବା ବେଳେ ଆଜିଯାଏଁ କୌଣସି ସରକାରୀ ସହାୟତା ମିଳି ପାରିନାହିଁ। ଏନେଇ କଳମପୁର ବ୍ଲକ ପ୍ରଶାସନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧିକାରୀ ସହିତ ଯୋଗାଯୋଗ ହୋଇ ପାରି ନ ଥିବାବେଳେ ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ମତ ପ୍ରକାଶ ପାଇଛି।

## ତିଖାଲି ଡ୍ୟାମ୍‌ରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ



**ଖଡ଼ିଆଳ, ୨୭ ।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନର ପ୍ରକଳ୍ପର ତିଖାଲି ଡ୍ୟାମରୁ ପ୍ରଥମ ବନ୍ୟା ଜଳ ସୁନ୍ଦର ନଦୀରେ ନିଷ୍କାସନ। ଗତ ଦୁଇ ଦିନ ହେବ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଫଳରେ ତିଖାଲି ଡ୍ୟାମରେ ପାଣି ଭରି ରହିଛି। ଡ୍ୟାମର ପାରମ୍ପରିକ ପୂଜାର୍ଚ୍ଚନା ପରେ ପାଞ୍ଚ ନମ୍ବର ଗେଟକୁ ଖୋଲା ଯାଇଛି। ସୁନ୍ଦର ନଦୀରେ ଜଳ ନିଷ୍କାସନ ପୂର୍ବରୁ ନଦୀ କୁଳିଆ ୧୧ ଟି ତଳିଆ ଅଞ୍ଚଳର ଗ୍ରାମ ଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ନଦୀ ଭିତରକୁ ନିଜେ କିମ୍ବା ଗୃହ ପାଳିତ ପଶୁଙ୍କୁ ନଛାଡିବାକୁ ସଚେତନ କରା ଯାଇଥିଲା ବୋଲି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୂରିଆ ପ୍ରକାଶ କରିଛନ୍ତି। ଡ୍ୟାମର ଜଳ ଧାରଣ କ୍ଷମତା ୨୬୫ ମିଟର ରହିଥିବା ବେଳେ ସୋମବାର ଜଳ ଭଣ୍ଡାରରେ ଜଳସ୍ତର ୨୬୩.୫୫ ମିଟର ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୬.୫ ଘନ ମିଟର ପାଣି ଆସୁଥିବା ବେଳେ ୬୭ ଘନ ମିଟର ପାଣି ନଦୀରେ ନିଷ୍କାସନ ହେଉଛି। ୯ଟି ଗେଟ୍‌ରୁ କେବଳ ଗୋଟିଏ ଗେଟ୍ ଖୋଲା ଯାଇଛି। ଆବଶ୍ୟକ ପଡ଼ିଲେ ଆହୁରି ଗେଟ୍ ଖୋଲା ଯିବ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ କହିଥିଲେ।

ଉଦନ୍ତୀ ନଦୀରେ ମାଡ଼ି ଆସିଲା ବନ୍ୟାଜଳ

## ଧୋଇଗଲା ନିର୍ମାଣାଧୀନ ସିନ୍ଦୂରସିଲ-ଚିତାରମା ସେତୁ ସ୍ଲାବ୍

**ନୂଆପଡ଼ା /ସିନାପାଲି, ୨୭ ।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘାଟମାଳ ପଞ୍ଚାୟତର ସିନ୍ଦୂରସିଲ - ଚିତାରମା ଉଦନ୍ତୀ ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମଧ୍ୟଭାଗରେ ଅସମ୍ପୂର୍ଣ୍ଣ ରହିଥିବା ସ୍ଥାନରେ ସ୍ଲାବ ପାଇଁ ସମସ୍ତ କାର୍ଯ୍ୟ ସରିଯାଇଥିଲା। ଲୁହା ଛଡ଼ ବିଛେଇବା ସହ ଫଲ୍ସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସ୍ଲାବ ପଡ଼ିବାର ଥିଲା। ହେଲେ ଆଜି ଉପର ମୁଣ୍ଡାରେ ପ୍ରବଳ ବର୍ଷା ଯୋଗୁଁ ଉଦନ୍ତୀରେ ବନ୍ୟାଜଳ ମାଡ଼ି ଆସିଲା। ଫଳରେ ସ୍ଲାବ ଖୁଣ୍ଟ, ଲୁହା ଛଡ ସାଙ୍ଗକୁ ଅନେକ ସରଞ୍ଜାମ ବନ୍ୟା ଜଳରେ ଭାସି ଯାଇଛି। ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଦୀର୍ଘ ଦିନର ପରିଶ୍ରମ ବୃଥାରେ ପଡ଼ିଛି।



କର୍ଲାଗୁଡା ସ୍କୁଲରେ ଶିକ୍ଷକ ମନଇଚ୍ଛା ଆସିବା ପ୍ରସଙ୍ଗ

## ସପ୍ତାହେ ପୂରିବାକୁ ବସିଲାଣି; ହେଉନି କାର୍ଯ୍ୟାନୁଷ୍ଠାନ

**କୋକସରା, ୨୭ ।୭(ସମିସ) :** କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କର୍ଲାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନଇଚ୍ଛା ଆସିବା ପ୍ରସଙ୍ଗରେ ଶିକ୍ଷା ବିଭାଗ ପକ୍ଷରୁ ସପ୍ତାହେ ହେବାକୁ ଯାଉଥିଲେ ମଧ ଦୁଇ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଯାହା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ଦିନ ସ୍କୁଲର ଶିକ୍ଷକ ସରୋଜ ପଟେଲ ସକାଳ ୧୧ଟା ପରେ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ବିରଞ୍ଚି ନାଏକ ବିନା କୌଣସି ପୂର୍ବ ସୂଚନା କିମ୍ବା ଛୁଟି ଆବେଦନରେ ଅନୁପସ୍ଥିତ ଥିଲେ। ଶିକ୍ଷକମାନଙ୍କ ଏଭଳି ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ସ୍ଥାନୀୟ ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏହାପରେ ଟେମରା ସିଆରସିସି ସ୍କୁଲରେ ପହଞ୍ଚି ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ଉଭୟ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତେବେ ଏହି ଘଟଣା କୁ ସପ୍ତାହେ ହେବାକୁ ଯାଉଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାପଡ଼ିଛି। ଯାହାକୁ ନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ଶିକ୍ଷକଙ୍କ ମନମାନୀ ନୂଆ କଥା ନୁହେଁ। ଅତୀତରେ ମଧ ବହୁବାର ଏଭଳି ଅଭିଯୋଗ ହୋଇଛି। ପ୍ରଶାସନ କେବଳ ନାମକୁ ମାତ୍ର କିଛି ଦିନ ପାଇଁ ଦରମା ବନ୍ଦ କରିଦେଉଛନ୍ତି କିମ୍ବା ଅନ୍ୟ ସ୍କୁଲକୁ ବଦଳି କରି ନିଜ ଦାୟିତ୍ୱ ଏଡ଼ାଇ ଯାଉଛି। ଫଳରେ ଅଭ୍ୟାସଗତ ଅବହେଳାକାରୀ ଶିକ୍ଷକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଏଣୁ ଏହି ଅବହେଳାକାରୀ ଶିକ୍ଷକ ମାନେ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବାରୁ ସେମାନଙ୍କୁ ନିଲମ୍ବିତ କରାଯାଉ ବୋଲି ଜୋରଦାର ଦାବି ହୋଇଛି। ଏ ବିଷୟରେ ଟେମରା ସିଆରସିସି ସଞ୍ଜୟ ପୁଝାରୀଙ୍କ ପ୍ରତିକ୍ରିୟା ନେବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଇଓଙ୍କୁ ଚିଠି ମଧ୍ୟରେ ଅବଗତ କରାଯାଇଛି ବୋଲି କହିଛନ୍ତି।

# ୬ ମାସ ହେଲା ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିନି ଅଣ୍ଡା ବାବଦ ପଇସା

**ନୂଆପଡ଼ା/ସିନାପାଲି, ୨୭ ।୭(ସମିସ)**

ସରକାର କୋମଳମତି ଶିଶୁ ମାନଙ୍କୁ ପ୍ରାକ୍ ଶିକ୍ଷା ପ୍ରଦାନ ସାଙ୍ଗକୁ ପୌଷ୍ଟିକ ଆହାର ଯୋଗାଇବା ପାଇଁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବାର ବ୍ୟବସ୍ଥା କରିଛନ୍ତି। ଏପରିକି କିଶୋରୀ, ଗର୍ଭବତୀ, ପ୍ରସୂତୀ ମହିଳାଙ୍କୁ ମଧ ଅଣ୍ଡା ଦେବାର ବ୍ୟବସ୍ଥ କରାଯାଇଛି। ହେଲେ ଏମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ଅଣ୍ଡା ବାବଦର ପଇସା ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେବ ନୂଆପଡ଼ା ଜିଲ୍ଲାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ଦିଆଯାଇ ନାହିଁ। ଯାହାଫଳରେ ଅଙ୍ଗନାବଡ଼ି କର୍ମୀ ମାନେ ଧାର୍ କରଜ କରି ଅତିଷ୍ଠ ହେଲେଣି। ହେଲେ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଇ ଚୁପ ହୋଇ ରହିଛି। ମାସ ମାସ ଧରି ଉର୍ଦ୍ଧାରି କରି ଚାଲିଥିବା ବେଳେ ଅଣ୍ଡା କିଣିବା ପାଇଁ ଅଙ୍ଗନବାଡ଼ି କର୍ମୀମାନଙ୍କ ମଧ୍ୟରେ ସମ୍ବଳ ନ ଥିବାବେଳେ ସ୍ୱଳ୍ପ ଦରମା ରେ ଅଣ୍ଡା କିଣିବେ ନା ପରିବାର ଚଳାଇବେ ବୋଲି ଅଙ୍ଗନବାଡ଼ି କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକର ୧୪୦୮ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଲକ୍ଷାଧିକ ଟଙ୍କା ଅଣ୍ଡା ବାବଦକୁ

### ଚୁପ୍ ବସିଛି ସମନ୍ୱିତ ଶିଶୁ ବିକାଶ ବିଭାଗ




ବାକି ରହିଥିବାବେଳେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଅକ୍ଟୋବର ୨୦୨୫ରୁ ଚଟିଆଗୁଡା, ଭରୁଆମୁଣ୍ଡା କରଣବହାଲି, ଟିମନପୁର ସେକ୍ଟର ଗରମ ରନ୍ଧା ଖାଦ୍ୟ, ଗର୍ଭବତୀ ପ୍ରସୁତି, ଟିଏଚଆର ଅଣ୍ଡା ପଇସା ମିଳି ନ ଥିବା ବେଳେ ୪ମାସ ତଥା ମାର୍ଚ୍ଚ ମାସରୁ ସିନାପାଲି, ହାତିବନ୍ଧା, ଗଣ୍ଡାବାହାଲି, ସିଙ୍ଗଝରେ, କେନ୍ଦୁମୁଣ୍ଡା, ନଙ୍ଗଲବୋଡ ସେକ୍ଟରକୁ ପଇସା ମିଳିନି। ଏଭଳି ନୂଆପଡ଼ା, ବୋଡେନ, ଖଡିଆଳ, ସିନାପାଲିକୁ ମାସ ମାସ ହେଲା ମଧ୍ୟାହ୍ନ ଭୋଜନ ଓ ଅଣ୍ଡା ଟଙ୍କା ମିଳିନି। ଅଙ୍ଗନବାଡ଼ି କର୍ମୀମାନେ ଧାରକରଜ କରି କେନ୍ଦ୍ର ଚଳାଉଛନ୍ତି। ଏପରିକି ଅନେକ ସମୟରେ ସରକାରଙ୍କ ଅବହେଳା ଯୋଗୁଁ ଅଙ୍ଗନବାଡ଼ି କର୍ମୀମାନେ ବେଳେ ବେଳେ ହିତାଧିକାରୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରିଣୀ ଉର୍ମିଳା ମହାପାତ୍ରଙ୍କୁ ପଚାରିବାରୁ ନୂଆପଡ଼ା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅନ୍ୟ ଜିଲ୍ଲାକୁ ବଦଳି ପରେ ନୂତନ ଅଧିକାରୀଙ୍କ ଯୋଗ ଦେଇ ନାହାନ୍ତି। ଏହି ସପ୍ତାହରେ ଆସିଲା ପରେ ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସହିତ ତୁରନ୍ତ ଟଙ୍କା ପ୍ରଦାନ କରିବା ପାଇଁ କର୍ମୀ ମହଲରେ ଦାବି ହେଉଛି।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ମୁରଲୀ, ଲୋକେଶ ଓ ତେଜସ୍

ଗ୍ଲାସ୍‌ଗୋ,୨୭।୭ (ଏଜେନ୍ସି)

ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟଙ୍କ ପ୍ରଦର୍ଶନରେ ସୁଧାର ଆସିଛି। ଭାରୋତ୍ତୋଳନକାରୀମାନେ ପ୍ରଥମେ ପଦକ ଜିତିବା ପରେ ଏବେ ଆଥଲେଟଙ୍କ ପାଳି ଆସିଛି। ଆଥଲେଟିକ୍ସର ପ୍ରଥମ ଦିନରେ ୩ଜଣ ଆଥ୍‌ଲେଟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୨୦୨୨ ରୌପ୍ୟ ବିଜେତା ମୁରଲୀ ଶ୍ରୀଶଙ୍କର, ଲୋକେଶ ସତ୍ୟନାଥାନ ଓ ତେଜସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ସନ୍ତରଣରେ ସାଜନ ପ୍ରକାଶ ୨୦୦ ମିଟର ବଟରଫ୍ଲାଇ ଇଭେଣ୍ଟର ଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ୭ଟି ଇଭେଣ୍ଟରେ ଫାଇନାଲ ମୁକାବିଲା ହେବ। ଏଥିରେ ଭାରତକୁ ଅଧିକ ପଦକ ମିଳିବାର ସମ୍ଭାବନା ରହିଛି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍‌ସରେ ଫାଇନାଲରେ ପ୍ରବେଶ କରିଥିବା ପ୍ରତିଷ୍ଠା ସାମନ୍ତ ପଦକ ଜିତିବାରେ ବିଫଳ ହୋଇଛନ୍ତି।


ଝ୍ଞାନେଶ୍ୱରୀ ଯାଦବ

### ଝ୍ଞାନେଶ୍ୱରୀଙ୍କୁ ରୌପ୍ୟ, ବିନ୍ଦ୍ୟାରାଣୀଙ୍କୁ କାଂସ୍ୟ

ଗ୍ଲାସଗୋରେ ଭାରତୀୟ ଭାରୋତ୍ତୋଳକଙ୍କ ପଦକ ବିଜୟଧାରା ଜାରି ରହିଛି। ସୋମବାର ପ୍ରତିଯୋଗିତାର ୪ର୍ଥ ଦିବସରେ ଭାରତୀୟ ଭାରୋତ୍ତୋଳିକା ଆଉ ୨ଟି ପଦକ ବିଜୟୀ ହୋଇଛନ୍ତି। ମହିଳା ୫୩ କିଗ୍ରା ବିଭାଗରେ ଝ୍ଞାନେଶ୍ୱରୀ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ୫୮ କିଗ୍ରାରେ ବିନ୍ଦ୍ୟାରାଣୀ ଦେବୀ ସୋରୋଖାଇବାମ କାଂସ୍ୟ ପଦକ ହାସଲ କରିଛନ୍ତି। ଝ୍ଞାନେଶ୍ୱରୀ ନିଜ ବିଭାଗରେ ମୋଟ୍ ୧୯୯ କିଗ୍ରା ଭାର ଉଠାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେ ସ୍ନାଚରେ ୮୮ ଓ କ୍ଲିନ ଆଣ୍ଡ ଜର୍କରେ ୧୧୧ କିଗ୍ରା ଭାର ଉଠାଇଥିଲେ। ଏହି ଇଭେଣ୍ଟରେ ନାଇଜେରୀୟ ପ୍ରତିଯୋଗୀ ଦିଧି ୨୦୬ କିଗ୍ରା ଉଠାଇ ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ସେହିଭଳି ବିନ୍ଦ୍ୟାରାଣୀ ମୋଟ୍ ୧୯୯ କିଗ୍ରା ଭାର ଉତ୍ତୋଳନ କରିଥିଲେ। ସେ ସ୍ନାଚରେ ୮୭ ଓ କ୍ଲିନ ଆଣ୍ଡ ଜର୍କରେ ୧୧୨ କିଗ୍ରା ଓଜନ ସଫଳତାର ସହ ଉଠାଇଥିଲେ। ଭାରତ ଜିତିଥିବା ସମସ୍ତ ୬ଟି (ସ୍ୱର୍ଣ୍ଣ-୧, ରୌପ୍ୟ-୩ ଓ କାଂସ୍ୟ- ୨) ଯାକ ପଦକ ଭାରୋତ୍ତୋଳନରୁ ଆସିଛି।

### ■ ଲଙ୍ଗ୍‌ଜମ୍ପରେ ମୁରଲୀ ଓ ଲୋକେଶ

ପୁରୁଷ ଲଙ୍ଗ୍ ଜମ୍ପରେ ଭାରତରୁ ମୁରଲୀ ଓ ଲୋକେଶ ଅଂଶଗ୍ରହଣ କରିଥିଲେ। ମୁରଲୀ ପ୍ରଥମ ପ୍ରଚେଷ୍ଟାରେ ୮.୦୧ ମିଟର ଦୂରତାକୁ ଡେଇଁ ଫାଇନାଲ ମାର୍କ ଅତିକ୍ରମ କରିଥିଲେ। ଗତଥର ସେ ୮ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥର ଏହାକୁ ସ୍ୱର୍ଣ୍ଣ ପଦକରେ ପରିଣତ କରିବାକୁ ଆଶାୟୀ ଥିବା ମୁରଲୀଙ୍କୁ ମାଲେସିଆ ପ୍ରତିଯୋଗୀଙ୍କ ସହ କଡ଼ା ମୁକାବିଲା କରିବାକୁ ପଡ଼ିବ। ସେହିପରି ପ୍ରଥମଥର ଅଂଶଗ୍ରହଣ କରିଥିବା ଲୋକେଶ ସର୍ବାଧିକ ୭.୭୭ ମିଟର ଦୂରତାକୁ ଡେଇଁଥିଲେ। ଏହା କ୍ୱାଲିଫାଇଂ ମାର୍କକୁ ଅତିକ୍ରମ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଫାଇନାଲରେ ପ୍ରବେଶ କରିଥିଲେ। ସେ ଏକାଦଶ ସ୍ଥାନରେ ରହିଥିଲେ। ବୁଧବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ।

### ■ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ତେଜସ୍

ଭାରତର ଆଉଜଣେ ଆଥଲେଟ୍ ତେଜସ୍ ଶୀର୍ଷେ ପୁରୁଷ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ହିଟ୍-୧ରେ ୧୩.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ହିଟ୍ସର ୩ଜଣ ଲେଖାଏଁ ଆଥଲେଟ ଫାଇନାଲକୁ ଯିବାର ନିୟମ ରହିଥିବାରୁ ତେଜାସ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କ ହିଟ୍-୧ରେ ଇଂଲଣ୍ଡର ସାମ୍ ବେନେଟ୍ ୧୩.୨୦ ଓ ଜାମାଇକାର ଜେରୋମ କ୍ୟାମ୍ପବେଲ ୧୩.୩୩ ସେକେଣ୍ଡ ସମୟରେ ରେସ୍ ପୂରଣ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

### ■ ଗୋଟିଏ ବାଉଟ୍ ଜିତିଲେ କାଂସ୍ୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂରେ ଭାରତର ଦୁଇ ପ୍ରତିଯୋଗୀ ଅଙ୍କୁଶ ପାଙ୍ଘଲ ଓ ସଚିନ ସିୱାଚ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନେ ଯଦି କ୍ୱାର୍ଟର ଫାଇନାଲରେ ବିଜୟୀ ହୁଅନ୍ତି, ତେବେ ପଦକ ଜିତିବା ପକ୍କା କରିବେ। ପୁରୁଷ ୮୦ କେଜି ପ୍ରି-କ୍ୱାର୍ଟରରେ ଅଙ୍କୁଶ ୫-୦ରେ ଆଣ୍ଟିଗୁଆର ଜଲାନ ଜାନ୍‌ଙ୍କୁ ହରାଇଥିଲେ। ସେହିପରି ପୁରୁଷ ୬୦ କେଜିରେ ସଚିନ ଇଂଲଣ୍ଡର ୱିଲିୟମ ହେୱିଟଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

### ■ ଗୁରିନ୍ଦରବୀର ହିଟ୍‌ସରୁ ବାଦ୍

ପୁରୁଷ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସେ ୧୦.୩୯ ସେକେଣ୍ଡରେ ରେସ୍ ପୂରଣ କରିଥିଲେ। ଫଳରେ ଏହି ପ୍ରତିଯୋଗିତାରେ ପ୍ରଥମ ୧୭ଜଣଙ୍କ ମଧ୍ୟରେ ସ୍ଥାନ ନ ପାଇ ବିଦାୟନେଇଥିଲେ। ଏହି ଦୂରତାକୁ ସେ ପୂର୍ବରୁ ୧୦.୦୯ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଠାରେ ସେ ତାଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇବାରେ ବିଫଳ ହୋଇଥିଲେ।

### ■ ସାଜନଙ୍କ ଶ୍ରେଷ୍ଠ ଟାଇମିଂ

ପୁରୁଷ ୨୦୦ ମିଟର ବଟରଫ୍ଲାଇ ସନ୍ତରଣରେ ଭାରତର ସାଜନ ପ୍ରକାଶ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସନ୍ତରଣ ରେସ୍ ଆରମ୍ଭ ହେବା ମାତ୍ରେ ପ୍ରଥମ ୫୦ ମିଟରରେ ଚତୁର୍ଥ ସ୍ଥାନରେ ରହିଥିଲେ। ୧୦୦ ମିଟର ବେଳକୁ ସମସ୍ତଙ୍କୁ ପଛରେ ପକାଇ ସାଜନ ଆଗକୁ ଚାଲିଯାଇଥିଲେ। ଏହି ସମୟରେ ଇଂଲଣ୍ଡର ଡନ୍‌କାନ ସ୍କଟ ତାଙ୍କୁ ଅତିକ୍ରମ କରିଯାଇଥିଲେ। ଏହାସତ୍ତ୍ୱେ ସାଜନ ୧ ମିନିଟ୍ ୫୮.୫୯ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରି ପ୍ରଥମ ୮ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଫଳରେ ସେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱାତିକ ପାଟିଲ ୧ ମିନିଟ୍ ୧୫.୮୫ ସେକେଣ୍ଡ ସମୟ ନେଇ ହିଟ୍-୨’ରେ ଚତୁର୍ଥ ସ୍ଥାନ ଅଧିକାର କରିବା ସହ ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି।

## ଝାଣ୍ଡୁଙ୍କୁ ୧୦ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ଖାତା ପାଇଁ ପ୍ରଥମ ପଦକ ଜିତିଥିବା ଝାଣ୍ଡୁ କୁମାରଙ୍କୁ ସୋମବାର କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ନଗଦ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଝାଣ୍ଡୁଙ୍କୁ ପ୍ରଦାନ କରିଛନ୍ତି। ଝାଣ୍ଡୁ ସ୍କଟଲାଣ୍ଡରୁ ସ୍ୱଦେଶ ଦେଶ ଫେରିବା ପରେ କ୍ରୀଡ଼ାମନ୍ତ୍ରୀଙ୍କ ବାସଭବନରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ପାରା-ଶକ୍ତିଉତ୍ତୋଳନର ପୁରୁଷ ହେଭିୱେଟ୍ ବର୍ଗରେ ଝାଣ୍ଡୁ ୧୯୦ କିଲୋଗ୍ରାମର ଭାର ଉଠାଇ କାଂସ୍ୟ ଜିତିଥିଲେ।

## ପାଣ୍ଡ୍ୟାଙ୍କ ବଦଳରେ ୨ ଖେଳାଳି ଓ ୧୦ କୋଟି ଦେବ ସିଏସ୍‌କେ

**ଆଇପିଏଲ୍ ଖେଳାଳି ଡିଲ୍**

ଚେନ୍ନଇ, ୨୭।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସିଜନ ପୂର୍ବରୁ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବଇ ଇଣ୍ଡିଆନ୍ସ ମଧ୍ୟରେ ଏକ ବଡ଼ ଖେଳାଳି ଡିଲ୍ ହେବାକୁଯାଉଛି। ଯେଉଁଥିରେ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବଇ ଛାଡ଼ି ସିଏସକେରେ ଯୋଗଦେବା ଚର୍ଚ୍ଚା ଜୋର୍ ଧରିଛି। ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକଙ୍କୁ ତାଙ୍କ ଦଳକୁ ଆଣିବା ପାଇଁ ସିଏସକେ ସିଇଓ କାଶୀ ବିଶ୍ୱନାଥନ୍ ଜୋରଦାର ପ୍ରୟାସ କରୁଛନ୍ତି। ଡିଲ୍ ଅନୁଯାୟୀ ମୁମ୍ବଇ ପାଣ୍ଡ୍ୟାଙ୍କ ବଦଳରେ ସିଏସକେ’ରୁ ଶିବମ୍ ଦୁବେ ଏବଂ ଆୟୁଷ ମହାତ୍ରେଙ୍କୁ ଦାବି କରିଥିଲା। ସିଏସକେ ଦୁବେଙ୍କୁ ଛାଡ଼ିବାକୁ ଇଚ୍ଛୁକ ରହିଛି, କିନ୍ତୁ ୧୯ ବର୍ଷୀୟ ଷ୍ଟାର ଓପନର ଆୟୁଷଙ୍କୁ ମୁକ୍ତ କରିବାକୁ ରାଜି ନାହିଁ। ଆୟୁଷଙ୍କ ସ୍ଥାନରେ ସିଏସକେ ଡେୱାଲ୍ଡ ବ୍ରେଭିସ୍‌ଙ୍କୁ ମୁମ୍ବଇ ପଠାଇବାକୁ ପ୍ରସ୍ତାବ ଦେଇଛି। କେବଳ ଏତିକି ନୁହେଁ, ସିଏସକେ ଦୁବେ ଓ ବ୍ରେଭିସ୍‌ଙ୍କ ସହ ଅତିରିକ୍ତ ୧୦ କୋଟି ଦେବାକୁ ମଧ୍ୟ ପ୍ରସ୍ତୁତ ରହିଛି। ଯଦି ଉଭୟ ଫ୍ରାଞ୍ଚାଇଜ୍ ଏଥିରେ ରାଜି ହୁଅନ୍ତି, ତେବେ ଏହି ଚୁକ୍ତି ୨୦ କୋଟିରୁ ଅଧିକ ମୂଲ୍ୟର ହେବ।


## ସାନ୍ ମାସୁଦଙ୍କ ୭ମ ଟେଷ୍ଟ ଶତକ

ତ୍ରିନିଦାଦ, ୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ପାକିସ୍ତାନ ଦୃଢ଼ ବ୍ୟାଟିଂ କରିଛି। ୱେଷ୍ଟଇଣ୍ଡିଜର ୩୧୧ ରନ ଜବାବରେ ପାକିସ୍ତାନ ସୋମବାର ତୃତୀୟ ଦିବସ ଶେଷ ରିପୋର୍ଟ ସୁଦ୍ଧା ୬୫ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। କ୍ୟାରିୟରର ୭ମ ଟେଷ୍ଟ ଶତକ ହାସଲ କରିଥିବା ସାନ ମାସୁଦ ସର୍ବାଧିକ ୧୦୯ ରନ କରିଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଇମାମ-ଉଲ୍-ହକ ୬୩, ଅଧିନାୟକ ବାବର ଆଜମ ୨୩, ସଲମନ ଆଘା ୨୦ ଓ ଓପନର୍ ଆୱେସ ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋସେଫ ଓ ଜଷ୍ଟିନ ଗ୍ରେଭେସ ୨ଟି ଲେଖାଏ ୱିକେଟ ନେଇଛନ୍ତି।

## ଲଳିତ ଓ ଆୟୁଷ୍ମାନ ଆଗୁଆ

**ରାଜ୍ୟ ସିନିଅର ରେଟିଂ ଚେସ୍**

ଭୁବନେଶ୍ୱର,୨୭।୭ (ସମିସ): ପୁରୀର ୧୫ ବର୍ଷରୁ କମ୍ ଖେଳାଳି ଆୟୁଷ୍ମାନ ମହାନ୍ତି କିଟ୍ କ୍ୟାମ୍ପସରେ ଚାଲିଥିବା ରାଜ୍ୟ ସିନିଅର ଚେସରେ ୬ଷ୍ଠ ରାଉଣ୍ଡ ସୁଦ୍ଧା ଆଗୁଆ ରହିଛନ୍ତି। ଏହି ରାଉଣ୍ଡ ଶେଷରେ ସେ ଓ ଅନ୍ୟତମ ଉଦୀୟମାନ ଖେଳାଳି କଟକର ଲଳିତରଞ୍ଜନ ସାହୁ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ତେବେ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ସ୍ଥାନରେ ଅଛନ୍ତି। ଏମାନଙ୍କ ପଛକୁ ୧୦ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।




## କଳିଙ୍ଗରେ ରାଜ୍ୟ ଜୁନିଅର ଭାରୋତ୍ତୋଳନ ଉଦ୍‌ଯାପିତ | ଭୁବନେଶ୍ୱର, ଗଞ୍ଜାମ ଚାମ୍ପିଅନ

ଭୁବନେଶ୍ୱର,୨୭।୭ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବିଭାଗରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓ ୧୨ ବର୍ଷରୁ କମ୍ ବିଭାଗରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୧୪ ବର୍ଷରୁ କମ୍‌ରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ରନର୍ସଅପ୍ ଓ ଢେଙ୍କାନାଳ ତୃତୀୟସ୍ଥାନ ଅଧିକାର କରିଛି। ୧୨ ବର୍ଷରୁ କମ୍‌ରେ ଢେଙ୍କାନାଳ ରନର୍ସଅପ୍ ଓ ଭୁବନେଶ୍ୱର ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ପୂର୍ଣ୍ଣିମା ହାଁସ୍‌ଦା, ବାଳକ ବିଭାଗରେ କଟକ ମଲିଙ୍ଗ ଜିମ୍ନାସିୟମର ରାଜବୀର ଦଳାଇ, ୧୪ ବର୍ଷରୁ କମ୍ ବାଳିକାରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ମୋମି କବାସି ଓ ଘାସିରାମ ନାଏକ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ବିବେଚିତ ହୋଇଛନ୍ତି। ଖେଳ ଶେଷରେ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।






ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar


## ସୁଟିଂ ବିଶ୍ୱକପ୍: ଇଶାଙ୍କୁ ସ୍ୱର୍ଣ୍ଣ

ହାଙ୍ଗଝୋଉ, ୨୭।୭ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପରେ ଭାରତକୁ ସୋମବାର ଡବଲ୍ ପଦକ ସଫଳତା ମିଳିଛି। ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୨୧ ବର୍ଷୀୟା ଇଶା ୪୦ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଚାଇନାର ଝାଙ୍ଗ ୟୁୟୁ ୩୭ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର କାଂସ୍ୟ ପଦକ ଭାରତର ମନୁ ଭାକରଙ୍କୁ ମିଳିଥିଲା। ଡବଲ୍ ଅଲିମ୍ପିକ ପଦକ ବିଜୟିନୀ ମନୁ ୨୮ ସ୍କୋର କରିଥିଲେ। ସୁଟିଂ ବିଶ୍ୱକପରେ ଇଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ମେ ମାସରେ ମ୍ୟୁନିକରେ ଅନୁଷ୍ଠିତ ବିଶ୍ୱକପରେ ସେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଚାମ୍ପିଅନ ହୋଇଥିଲେ।


**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS